Sept - 1959



# ଉତ୍କଳ ପ୍ରସଙ୍ଗ

୧୫, ସେପ୍ଟେମ୍ବର ଭାଦ୍ରବ ୨୪ ଦିନ,
୧୯୫୯ ୧୮୮୧ ଶକାବ୍ଦ

ସମ୍ପାଦକ
ଶ୍ରୀ ସୁଧୀରଚନ୍ଦ୍ର ଘୋଷ

ସହଯୋଗୀ ସମ୍ପାଦକ
ଶ୍ରୀ ରାମପ୍ରସାଦ ସିଂହ

ଟେଲିଗ୍ରାମ—ପବ୍ଲିସିଟି, ଭୁବନେଶ୍ୱର
ଟେଲିଫୋନ—୧୯ ଓ ୪୦ ଭୁବନେଶ୍ୱର

ସ୍ୱରାଷ୍ଟ୍ର [ଲୋକସମ୍ପର୍କ] ବିଭାଗ, ଓଡ଼ିଶା

ନୂଆ ରାଜଧାନୀ ଭୁବନେଶ୍ୱର

ବାର୍ଷିକ ମୂଲ୍ୟ—ଦୁଇ ଟଙ୍କା
ପ୍ରତିଖଣ୍ଡର ମୂଲ୍ୟ—୧୨ ନ. ପ.

# ସୂଚୀ ପତ୍ର


| ବିଷୟ | ପୃଷ୍ଠା |
|---|---|
| ୧ । ଓଡ଼ିଶାରେ କୃଷି ସମବାୟର ରୂପରେଖ ... ... | ୧ |
| ୨ । ସେବା-ସମବାୟର ଲକ୍ଷ୍ୟ ଓ ଗଠନ ପ୍ରଣାଳୀ ... ... | ୯ |
| ୩ । ଓଡ଼ିଶାରେ ସେବା-ସମବାୟ ଗଠନ ପାଇଁ ଆଲୋଚନା ... ... | ୧୩ |
| ୪ । ଧାନକୁଦ ରାଜକାମ ପରୀକ୍ଷା କେନ୍ଦ୍ର ... ... ... | ୧୫ |
| ୫ । କୃଷିର ପଞ୍ଚବାର୍ଷିକ ଯୋଜନାର ପରିମାଣ ... ... ... | ୧୭ |
| ୬ । ନୂଆ ସଞ୍ଚୟ ... ... ... ... | ୨୩ |
| ୭ । ଯୋଜନାର ସ୍ୱର ... ... ... ... | ୨୭ |
| ୮ । ଆମ ରାଜ୍ୟ ... ... ... ... | ୨୯ |
| ୯ । ସମସ୍ତଙ୍କ ଜାଣିବା ପାଇଁ ... ... ... ... | ୩୧ |
| ୧୦ । ମାଦ୍ରାଜ ସ୍କୁଲରେ ମଧ୍ୟାହ୍ନ-ଭୋଜନ କାର୍ଯ୍ୟକ୍ରମ ... ... | ୩୭ |
| ୧୧ । ଓଡ଼ିଶାର ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଯୋଜନା ... ... | ୪୩ |
| ୧୨ । କୃଷୀଙ୍କ ଜାଣିବା ପାଇଁ ... ... ... ... | ୪୪ |
| ୧୩ । ଆକାଶ-ବାଣୀ ... ... ... ... | ୪୫ |
| ୧୪ । ମେଟ୍ରିକ ପ୍ରଣାଳୀ ଓଜନ ଓ ମାପ ... ... ... | ୪୯ |



ମୁଦ୍ରାକର

ପଣ୍ଡିତ ଅନନ୍ତପ୍ରସାଦ ପାଠକ

ରାଷ୍ଟ୍ରଭାଷା ସମବାୟ ପ୍ରେସ, କଟକ

September-1959 15/I



# ଜାତୀୟ ସଂଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା!
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାଏ ତବ ଜୟଗାଥା ।
ଜନ-ଗଣ-ମଙ୍ଗଳ-ଦାୟକ ଜୟ ହେ!
ଭାରତ-ଭାଗ୍ୟ-ବିଧାତା!
ଜୟ ହେ, ଜୟ ହେ, ଜୟ ହେ,
ଜୟ ଜୟ ଜୟ ଜୟ ହେ!

# ସଞ୍ଚୟ ଯୋଜନା ସିକ୍ୟୁରିଟିରେ ଅର୍ଥ ସଞ୍ଚୟ

# ଓ

# ବିନିଯୋଗ କରନ୍ତୁ

୧। ବାରବର୍ଷିଆ ଜାତୀୟ ଯୋଜନା ସଞ୍ଚୟ ସାର୍ଟିଫିକେଟ—ବାର୍ଷିକ ସୁଧ ଶତକଡ଼ା ୬.୪୧ (ମାଚ୍ୟୁରିଟିରେ)।

୨। ଦଶବର୍ଷିଆ ଟ୍ରେଜେରି ସେଭିଂସ୍ ଡିପୋଜିଟ୍—ବର୍ଷକୁ ସୁଧ ଶତକଡ଼ା ୪ (ବର୍ଷକୁ ବର୍ଷ ଦିଆହୁଏ)।

୩। ପନ୍ଦରବର୍ଷିଆ ଆନୁଇଟି—ନିୟମିତ ମାସକୁ ମାସ ୧୫ ବର୍ଷଯାଏଁ ଟଙ୍କା ପାଉଥିବେ। ବାର୍ଷିକ ଶତକଡ଼ା ୩୳ ଚକ୍ରବୃଦ୍ଧି ହାରରେ ସୁଧ।


୪। ପୋଷ୍ଟ ଅଫିସ ସେଭିଂସ ବ୍ୟାଙ୍କ ଡିପୋଜିଟ୍—ବାର୍ଷିକ ସୁଧ ଶତକଡ଼ା ୨୳; ୨୫ ଟଙ୍କାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ତଦୂର୍ଦ୍ଧ୍ୱ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧ ଶତକଡ଼ା ୨ ଟଙ୍କା; କୌଣସି କ୍ଷେତ୍ରରେ ସୁଧ ଉପରେ ଆୟ-କର ଦେବାକୁ ପଡ଼ିବ ନାହିଁ।

**ସ୍ମରଣ ରଖନ୍ତୁ :**


ଆପଣ ଯେଉଁ ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ନିଜପରି ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ। ଆପଣଙ୍କ ସଞ୍ଚୟକୁ ଜାତିଗଠନ କାର୍ଯ୍ୟରେ ବିନିଯୋଗ କରନ୍ତୁ।

ବିଶେଷ ବିବରଣ ପାଇଁ—


ଦି ରିଜିଓନାଲ ନ୍ୟାସନାଲ ସେଭିଂସ୍ ଅଫିସର, ଓଡ଼ିଶା ସେକ୍ରେଟେରିଏଟ୍, କଟକ କିମ୍ବା ନିଜ ନିଜ ଜିଲ୍ଲାର ଡିଷ୍ଟ୍ରିକ୍ଟ ସେଭିଂସ୍ ଅର୍ଗାନାଇଜରଙ୍କ ନିକଟକୁ ଲେଖନ୍ତୁ।



ଐତିହାସିକ ଲାଲ୍ କିଲ୍ଲାରେ ସ୍ୱାଧୀନତା ଦିବସର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ
ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ୍ ନେହେରୁ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି



ଏ ବର୍ଷ ସ୍ୱାଧୀନତା ଦିବସ ଉପଲକ୍ଷେ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ହାଇଦ୍ରାବାଦଠାରେ
ଦେଶରକ୍ଷା-ବାହିନୀର ପ୍ୟାରେଡ଼ ପ୍ରଦର୍ଶିତ କରୁଅଛନ୍ତି



ଗତ ସ୍ୱାଧ ୀନତା ଦିବସ ଉପଲକ୍ଷେ କଟକର ପୋଲିସ ପଡ଼ିଆରେ ଅନୁଷ୍ଠିତ ହୋଇଥିବା ପୁଲିସ ଓ ଏନ୍. ସି. ସି.
ବାହିନୀର ସମବେତ ପ୍ୟାରେଡ଼ରେ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଗ୍ରହଣ କରୁଅଛନ୍ତି



ମୁଖ୍ୟମନ୍ତ୍ରୀ କଟକଠାରେ ଅନୁଷ୍ଠିତ ଗତ ସ୍ୱାଧୀନତା ଉତ୍ସବ ପ୍ୟାରେଡ଼ରେ ବାଳିକା ଏନ୍‌. ସି. ସି. ବାହିନୀଙ୍କ ଅଭିବାଦନ ଗ୍ରହଣ କରୁଅଛନ୍ତି

# ଉତ୍କଳ ପ୍ରସଙ୍ଗ

ଷୋଡ଼ଶ ଭାଗ—୨ୟ ସଂଖ୍ୟା | ଭାଦ୍ରବ ୨୪ ଦିନ, ୧୮୮୧ ଶକାବ୍ଦ | ୧୫ ସେପ୍ଟେମ୍ବର, ୧୯୫୯


## ଓଡ଼ିଶାରେ କୃଷି ସମବାୟର ରୂପରେଖ

( ଓଡ଼ିଶାରେ କୃଷି ସମବାୟ ଅନୁଷ୍ଠାନ ସ୍ଥାପନ ସମ୍ପର୍କେ ନିକଟରେ ଭୁବନେଶ୍ୱରଠାରେ ସରକାରୀ ଓ ବେସରକାରୀ କର୍ମକର୍ତ୍ତାଙ୍କ ଭିତରେ ହୋଇଥିବା ଆଲୋଚନା ଶେଷରେ ଯେଉଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା, ତାର ସାର ମର୍ମ )

### ଯୌଥଚାଷରେ ଓଡ଼ିଶା

### ଗ୍ରାମବାସୀଙ୍କ ଅଭିଜ୍ଞତା

ବିଶେଷ ଧରଣର ଅର୍ଥକରୀ ଫସଲ ବା ପନି-ପରିବା ଚାଷପାଇଁ ଜଙ୍ଗଲରେ କଟା ଚାଷ, ଗାଁଗ୍ରାମରେ ଭାଗୁଆଳ ଚାଷ ଓ ଏଭଳି ଅନ୍ୟାନ୍ୟ ଧରଣର ଯୌଥ ଚାଷ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ରହିଛି । ଏଗୁଡ଼ିକ ଅସଙ୍ଗଠିତ ଅବସ୍ଥାରେ ଥିଲେ ସୁଦ୍ଧା ଗ୍ରାମବାସୀମାନେ ଉକ୍ତ ଯୌଥ ଚାଷରୁ ଅତୀତରେ ଯେଉଁ ଅଭିଜ୍ଞତା ଅର୍ଜନ କରିଛନ୍ତି, ସେଥିରୁ ଦେଖାଯାଇଛି ଯେ ଏଭଳି ଯୌଥ ଚାଷପନ୍ଥା ଗ୍ରହଣ କଲେ ପ୍ରକୃତରେ ଉତ୍ପାଦନ ପରିମାଣ ବଢ଼ିଥାଏ । ତେଣୁ ମୋଟାମୋଟି ମତ ହେଉଛି ଯେ ଯଦି ଲୋକେ ସ୍ୱତଃପ୍ରବୃତ୍ତ ହୋଇ ଏଭଳି ଚାଷ ସମିତିମାନଙ୍କରେ ଯୋଗଦାନ କରନ୍ତି ଓ ସରକାରୀ ବା ଅନ୍ୟ ପ୍ରକାର କୌଣସି ବାହ୍ୟ ସଂସ୍ଥାଠାରୁ ହସ୍ତକ୍ଷେପର ଭୟ ନ ରଖି ସ୍ୱକାର୍ଯ୍ୟ ପରିଚାଳନାର ଦାୟିତ୍ୱ ଗ୍ରହଣ କରନ୍ତି, ତେବେ ସମବାୟ ଚାଷଦ୍ୱାରା ନିଶ୍ଚିତଭାବେ ଉତ୍ପାଦନ ବୃଦ୍ଧି ପାଇବ । କିନ୍ତୁ ଉନ୍ନତ ଧରଣର ଚାଷ ଚଳାଇବାପାଇଁ ସେମାନଙ୍କୁ ସବୁପ୍ରକାର ସୁବିଧା ଓ ସାହାଯ୍ୟ ଦେବାକୁ ହେବ ।

### ସମବାୟ ଚାଷରୁ ଲାଭ

ସମବାୟ ଚାଷଦ୍ୱାରା ଯେ ବ୍ୟକ୍ତିଗତ ଚାଷ ଅପେକ୍ଷା ଅଧିକ ସହଜରେ ଉନ୍ନତଧରଣର ଚାଷ-ପଦ୍ଧତି ଅବଲମ୍ବନ କରାଯାଇପାରିବ ଓ ଜମିର ଆବଶ୍ୟକୀୟ

ଉନ୍ନତ ଘଟାଇ ହେବ, ଏଥିରେ ସନ୍ଦେହ ନାହିଁ । ନିମ୍ନଲିଖିତ କାରଣରୁ ଏପରି ଫଳ ଘଟିଥାଏ :—

(କ) ସମବାୟ ସୂତ୍ରଯୋଗୁଁ ଛୋଟ ଛୋଟ ହୋଇ ଏଣେ ତେଣେ ବିଚ୍ଛିନ୍ନ ହୋଇ ରହିଥିବା ଓ ଖଣ୍ଡ ଖଣ୍ଡ ହୋଇଥିବା ଜମିଗୁଡ଼ିକୁ ଏକାଠି କରିବା ଦିଗରେ ସାହାଯ୍ୟ ମିଳିବ । ଏହାଫଳରେ ଉନ୍ନତତର ଯନ୍ତ୍ରପାତି ଓ ଉପକରଣର ବ୍ୟବହାର ଏବଂ ଉନ୍ନତ କୃଷି ପଦ୍ଧତି ପ୍ରଚଳନ କରିବାରେ ସୁବିଧା ହେବ ।

(ଖ) ଏହା ଲୋକମାନଙ୍କ ମଧ୍ୟରେ ନେତୃତ୍ୱ ସୃଷ୍ଟି କରିବାଦ୍ୱାରା ଉନ୍ନତ ଶସ୍ୟ ଉତ୍ପାଦନ ଯୋଜନା ଓ ଉନ୍ନତତର ପରିଚାଳନା ଦିଗରେ ସାହାଯ୍ୟ କରିବ ।

(ଗ) ଆଉ ମଧ୍ୟ ଏହା ଶ୍ରମ ବଣ୍ଟନରେ ସାହାଯ୍ୟ କରିପାରେ ।

(ଘ) ଅନୁପସ୍ଥିତ ଜମିମାଲିକମାନଙ୍କ ଭୂମିର ସଦୁପଯୋଗ ଦିଗରେ ଏହା ସାହାଯ୍ୟ କରିପାରେ ।

ଏହିଭଳି ଉପାୟ ଅବଲମ୍ବନ କରିବାଦ୍ୱାରା ଏସବୁ ବିଭିନ୍ନ ଧରଣର ଉନ୍ନତିସାଧନ କରିବା ନିମନ୍ତେ ସମବାୟ କୃଷି ସମିତିମାନେ ଯଥେଷ୍ଟ ସମ୍ବଳ ପାଇବାରେ ସମର୍ଥ ହେବେ ।

ଉନ୍ନତ କୃଷି ଓ ଭୂମିର ଉନ୍ନତି ପାଇଁ ତିନି ପ୍ରକାର ଋଣ ମିଳିବାର ସୁବିଧା ଥିବା ଆବଶ୍ୟକ; ଯଥା:—କୃଷିଖର୍ଚ୍ଚ ତୁଲାଇବା ଏବଂ ଉନ୍ନତ ବିହନ ଓ ସାର ପ୍ରଭୃତି ଜିନିଷ କିଣିବା ଖର୍ଚ୍ଚ ତୁଲାଇବା ନିମନ୍ତେ ସ୍ୱଳ୍ପମିଆଦି ଋଣ, ଉନ୍ନତ ଯନ୍ତ୍ରପାତି ଓ ଉପକରଣ କିଣିବା ନିମନ୍ତେ ମଧ୍ୟମ ମିଆଦି ଋଣ ଏବଂ ଜମିର ଉନ୍ନତି ଓ ଜଳସେଚନ ବ୍ୟବସ୍ଥାର ଉନ୍ନତି ସାଧନ ନିମନ୍ତେ ଦୀର୍ଘମିଆଦି ଋଣ ।

ସମବାୟ କୃଷି ସମିତି, ସମବାୟ ବ୍ୟାଙ୍କ ଜରିଆରେ ଏସବୁ ଋଣ-ସୁବିଧା ପାଇପାରିବ । ମାତ୍ର ଫସଲ ଅମଳ ହେବା ପରେ ସେଥିରୁ ଆସେ ଋଣ ପରିଶୋଧ ପାଇଁ ବ୍ୟବସ୍ଥା କରାଯିବ ।

ଯଦି ଗୋଟିଏ ଗ୍ରାମକୁ ପୂରାପୂରି ଗୋଟିଏ ସମବାୟ କୃଷି ସମିତିରେ ପରିଣତ କରାଯାଏ, ତେବେ ପୃଥକ-ଭାବେ ସେବା ସମବାୟ ସମିତି ଗଢ଼ିବାର କୌଣସି ଆବଶ୍ୟକତା ରହି ନ ପାରେ ।

## ଗୋଟିଏ ଗ୍ରାମରେ ଏକାଧିକ ସମବାୟ କୃଷି ସମିତି

ଯଦି କୌଣସି ଗ୍ରାମ ପୂରାପୂରି ଏକ ସମବାୟ କୃଷି ସମିତିରେ ପରିଣତ କରାଯାଇ ନ ପାରିବ, ତେବେ କୌଣସି ନିର୍ଦ୍ଦିଷ୍ଟ ବ୍ଲକରେ ପାଖକୁ ପାଖ ଲାଗିଥିବା ଜମିର ମାଲିକମାନେ ମିଳାମିଶି ମିଳିତ କୃଷି କରିପାରନ୍ତି । ସେପରି ସ୍ଥଳେ ଏକା ଗ୍ରାମରେ ଏଣିକି ଏକାଧିକ ସମବାୟ କୃଷି ସମିତି ରହିପାରେ ।

ଜମିର ଉନ୍ନତିବିଧାନ ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ଗଢ଼ିବା ଉଦ୍ଦେଶ୍ୟରେ ସମିତିର ଲାଭରୁ କେତେକାଂଶ ଅଲଗା ରଖାଯାଇପାରେ ।

## କିପରି ଟଙ୍କା ଜମା ରଖାଯିବ

ସମିତିର ସଭ୍ୟମାନଙ୍କ ମଧ୍ୟରେ ସ୍ୱଳ୍ପ ସଞ୍ଚୟ ଯୋଜନା ଚାଲୁ କରାଯାଇପାରେ । ଏହି ଭାବରେ ଯେଉଁ ଟଙ୍କା ସଞ୍ଚୟ କରାଯିବ, ତାହାକୁ ସମବାୟ କୃଷି ସମିତିରେ ଜମାରୂପେ ଗ୍ରହଣ କରାଯାଇପାରେ ।

ଯଦି ବାହାର ହସ୍ତକ୍ଷେପ ନ ଥାଇ ସମିତିର ସଭ୍ୟମାନଙ୍କ ହାତରେ ପରିଚାଳନାଭାର ଛଡ଼ି ଦିଆଯାଏ ଓ ଯଦି ସେମାନଙ୍କର ଦୃଢ଼ବୋଧ ହୁଏ ଯେ ସର୍ବଶେଷରେ ସେମାନଙ୍କର ଉପକାରରେ ଆସିବାଭଳି କୃଷି ଉତ୍ପାଦନ ବଢ଼ାଇବା ଦିଗରେ ଏହି ଜମାଟଙ୍କା ସାହାଯ୍ୟ କରିବ, ତେବେ ସଭ୍ୟମାନେ ନିଜ ନିଜର ବଳକା ଆୟରୁ ସମବାୟ କୃଷି ସମିତିରେ ଟଙ୍କା ଜମା କରିପାରନ୍ତି ।

## ଏହାଦ୍ୱାରା ଶ୍ରମିକ-ସମସ୍ୟାର ସମାଧାନ ହୋଇପାରିବ

ଦେଶର ବିଭିନ୍ନ ଅଞ୍ଚଳରେ ଶ୍ରମିକ-ସମସ୍ୟା ବିଭିନ୍ନ ଆକାରରେ ଦେଖାଯାଏ । ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କ ପରି କେତେକ ଅଞ୍ଚଳରେ ଏପରିକି ବ୍ୟକ୍ତିଗତ ଚାଷପାଇଁ ମଧ୍ୟ ଶ୍ରମିକଙ୍କ ଅଭାବ ପଡ଼େ, ଅଥଚ ପୂର୍ବତନ ଗଡ଼ଜାତ ରାଜ୍ୟପରି ଅନ୍ୟ କେତେକ ଅଞ୍ଚଳରେ ଶ୍ରମିକସଂଖ୍ୟା ଯଥେଷ୍ଟ ହୋଇପାରେ ବା ସ୍ଥାନେ ସ୍ଥାନେ ଆବଶ୍ୟକତା ଅପେକ୍ଷା ବେଶୀ ହୋଇପାରେ । ତେଣୁ ସମବାୟ କୃଷିକ୍ଷେତ୍ର ଯୋଗୁଁ କେତେକ ଅଞ୍ଚଳରେ ବେକାର-ସମସ୍ୟା ସୃଷ୍ଟି ହୋଇପାରେ ଓ ଅନ୍ୟ କେତେକ ଅଞ୍ଚଳରେ ଶ୍ରମଶକ୍ତିର ପୂର୍ଣ୍ଣ ଉପଯୋଗ ଘଟିପାରେ ।

ସମବାୟ କୃଷିକ୍ଷେତ୍ର ଯୋଗୁଁ ଗ୍ରାମବାସୀମାନଙ୍କ ମଧ୍ୟରେ ଅର୍ଦ୍ଧବେକାର ଅବସ୍ଥା ( ଆଂଶିକ ଲୋକ-ନିଯୋଗ ) ବହୁପରିମାଣରେ କମିଯିବ, କାରଣ ଦୋଫସଲ ବା ତିଫସଲ ଭଳି ବ୍ୟାପକ କୃଷିକାର୍ଯ୍ୟର ପ୍ରଚଳନ ଦ୍ୱାରା ଶ୍ରମିକମାନେ ବର୍ଷସାରା କାର୍ଯ୍ୟ ପାଇପାରିବେ ।

ଏହା ସତ୍ତ୍ୱେ ଯଦି କେତେକ ଅଞ୍ଚଳରେ ଶ୍ରମିକ ସଂଖ୍ୟା ଆବଶ୍ୟକତାଠାରୁ ବେଶୀ ହେବାର ଦେଖାଯାଏ, ତେବେ ପାଣିମାହାଳ ପ୍ରସ୍ତୁତ କରାଇବା, କ୍ଷୁଦ୍ର ଜଳଭଣ୍ଡାର ତିଆରି ଓ ଗ୍ରାମ୍ୟ ରାସ୍ତାତିଆରି ପ୍ରଭୃତି ବିକାଶମୂଳକ କାର୍ଯ୍ୟରେ ସେମାନଙ୍କୁ ଲାଭପ୍ରଦଭାବେ ନିଯୁକ୍ତ କରାଯାଇପାରେ । କେତେକ ଗ୍ରାମ୍ୟଶିଳ୍ପ ବିଶେଷତଃ କୃଷି ଉତ୍ପାଦନ, ଅମଳ ଓ ବେଉପଣ ପ୍ରଭୃତି କାର୍ଯ୍ୟ ସମିତି ଜରିଆରେ କରାଯିବାଦ୍ୱାରା ବଳକା ଶ୍ରମିକମାନଙ୍କୁ କାର୍ଯ୍ୟରେ ନିଯୁକ୍ତ କରାଯାଇପାରିବ । ସମବାୟ କୃଷି ସମିତିଦ୍ୱାରା ବହୁତଭାବେ ଚାଷକାର୍ଯ୍ୟ ଚଳାଯିବାପରେ ଯେଉଁ ଅଞ୍ଚଳରେ ଶ୍ରମିକ ଅଭାବ ଥିବେ, ସେଠାକୁ ରାଜ୍ୟର ଶ୍ରମିକବହୁଳ ଅଞ୍ଚଳରୁ ବଳକା ଶ୍ରମିକଙ୍କୁ ଅଣାଯାଇପାରେ ।

## ସମବାୟ କୃଷିପଦ୍ଧତିରେ ଜମିମାଲିକଙ୍କ ସ୍ଥାନ

କୃଷିକ୍ଷେତ୍ର ତିଆରି ପାଇଁ କୃଷି ସମବାୟ ସମିତି ଜମିମାଲିକଙ୍କଠାରୁ (ଅର୍ଥାତ୍ ଜମିରେ ସ୍ୱତ୍ତ୍ୱାଧିକାର ଥିବା ପ୍ରଜାମାନଙ୍କଠାରୁ) ଜମି ପଟ୍ଟା ନେଇ ପାରିବେ । ଜମିର ଆୟତନ, କିସମ, ଉତ୍ପାଦିକା ଶକ୍ତି ଦୃଷ୍ଟିରୁ ଏହି ପଟ୍ଟା ଉପରେ ଖଜଣା ଧାର୍ଯ୍ୟ କରାଯିବ ।

ଏହି ଖଜଣା ପାଇବା ଛଡ଼ା ମାଲିକମାନେ ଜମିର ବସ୍ତୁତ ବା ମୂଲ୍ୟ ଭିତ୍ତିରେ "ମାଲିକାନା ଲଭ୍ୟାଂଶ" ପାଇପାରନ୍ତି ।

## ସମିତିର ସବୁ ସଭ୍ୟଙ୍କ ପାଇଁ ଏକପ୍ରକାର ଅଂଶ

ଯେଉଁ ମୁହୂର୍ତ୍ତରେ ଆମେ ସଭ୍ୟମାନଙ୍କ ଦଖଲରେ ଥିବା ଜମିର ମୂଲ୍ୟକୁ ସମିତିର ଅଂଶ ଭାବେ ଗ୍ରହଣ କରିବାକୁ ଭାବିବା, ସେହି ମୁହୂର୍ତ୍ତରୁ ଜମିର ପ୍ରକୃତ ମାଲିକାନା ସମିତିହାତକୁ ଚାଲି ଆସିବ । ସମବାୟ କୃଷି ବିକାଶର ବର୍ତ୍ତମାନ ଅବସ୍ଥାରେ ଲୋକମାନେ ହୁଏତ ଏହାକୁ ପସନ୍ଦ କରି ନ ପାରନ୍ତି । ତେଣୁ ସୂଚାଇ ଦିଆଯାଉଛି ଯେ ମାଲିକ, ପ୍ରଜା ଓ ଦିନମୂଲିଆ ସବୁ ଶ୍ରେଣୀର ସଭ୍ୟଙ୍କ ପାଇଁ ଏକ କିସମର ଅଂଶ ଧାର୍ଯ୍ୟ କରାଯିବ; ଅର୍ଥାତ୍ ଟଙ୍କା ଆକାରରେ ଏହି ଅଂଶ ଦାଖଲ କରିବାକୁ ହେବ । ଏଥିରେ ଏକମାତ୍ର ପ୍ରଭେଦ ଏହି ଯେ ଦିନମୂଲିଆଠାରୁ ଛୋଟ ଛୋଟ କିସ୍ତିରେ ପୂରା ମୂଳଧନ ଆଦାୟ ପାଇଁ ତାହାର ମଜୁରିରୁ କିଛି କିଛି କାଟି ଅଂଶ ବାବଦକୁ ଚେଠ କରାଯିବ । ବୃଦ୍ଧି ପାଇଥିବା ଅଂଶ ମୂଳଧନ ପର୍ଯ୍ୟାପ୍ତ ହେବା ଦରକାର; ଯେପରିକି ଅର୍ଥ-ସାହାଯ୍ୟକାରୀ ଅନୁଷ୍ଠାନଠାରୁ କାମଚଳା ମୂଳଧନ ବାବଦରେ

ଯଥେଷ୍ଟ ଋଣ ଉଠାଇବା ପାଇଁ ସମିତି ସମର୍ଥ ହୋଇ ପାରିବ । ଭାଗ ଚାଷୀ (ପ୍ରଜା ଚାଷୀ) ସମିତିର ଲାଭରୁ ଲଭ୍ୟାଂଶ (ବୋନସ) ପାଇବାକୁ ହକ୍‌ଦାର ହେବ ।

ସମିତିରେ ଅନ୍ୟମାନଙ୍କ ସହିତ ମୂଲିଆ ହିସାବରେ ଚାଷ କରିବା ଯୋଗୁଁ ଭାଗଚାଷୀ କେବଳ ଯେ ମୂଲ ପାଇବ, ତାହା ନୁହେଁ । ଅଧିକନ୍ତୁ ଜମିର ତତ୍ତ୍ୱାବଧାନ ଓ କ୍ଷେତ ପରିଚାଳନା ପାଇଁ ଅନ୍ତତଃ ଯେତିକି ଜମି ସେ ଆଗରୁ ପ୍ରଜାଭାବେ ଚାଷ କରୁଥିଲା, ସେତିକି ପାଇଁ ସମିତିର ଆୟରୁ ତାହାର ଅଂଶ ପାଇ ପାରିବ । ଆଜି ମଧ୍ୟ ସେ ଯେଉଁ ଶ୍ରମ କରୁଛି, ସେଥିପାଇଁ ଲାଭରୁ ବୋନସ ପାଇବାକୁ ଯେତେବେଳେ ସେ ହକଦାର ହେବ, ସେତେବେଳେ ସମବାୟ ଚାଷରେ ଯୋଗଦେବାକୁ ସେ ଆଗ୍ରହୀ ହେବ ।

ଯଦି ସମବାୟ ସମିତିରେ ଶ୍ରମିକମାନେ ଆଳସ୍ୟ ଯୋଗୁଁ କାମରେ ଅବହେଳା କରନ୍ତି ବା ଭଲ ଭାବରେ କାମ ନ କରନ୍ତି, ତେବେ ତାହା କଠୋର ପରିଚାଳନାଗତ ତତ୍ତ୍ୱାବଧାନ ଦ୍ୱାରା ଯେତେ କାମ ହେଉଛି, ସେହି ଅନୁସାରେ ମଜୁରି ଦେବା ବ୍ୟବସ୍ଥା ଦ୍ୱାରା ଓ କାମର ପରିମାଣ ସଂପର୍କରେ ଲକ୍ଷ୍ୟ ନିର୍ଦ୍ଦିଷ୍ଟ କରି ଦେବାଦ୍ୱାରା ବନ୍ଦ କରାଯାଇପାରେ ।

## ସୁଦକ୍ଷ କୃଷକମାନଙ୍କ ଦ୍ୱାରା କୃଷିକ୍ଷେତ୍ରର ପରିଚାଳନା

ଗୋଟିଏ ସମବାୟ କୃଷି ସମିତିକୁ ସଫଳତା-ସହକାରେ ଚଳାଇବାକୁ ହେଲେ କୃଷିକ୍ଷେତ୍ରର ପରିଚାଳନା ଦାୟିତ୍ୱ ସଭ୍ୟମାନଙ୍କ ଭିତରୁ ବଛାଯାଇଥିବା ସୁଦକ୍ଷ କୃଷକମାନଙ୍କ ହାତରେ ରହିବା ଉଚିତ । ପରିଚାଳନା ପରିଷଦ (ବୋର୍ଡ଼) ରେ ଜମିମାଲିକ ଓ ଚାଷୀଙ୍କ ତରଫରୁ ଶତକଡ଼ା ୭୫ ଜଣ ଓ ଭୂମିହୀନ ଶ୍ରମିକଙ୍କ ମଧ୍ୟରୁ ଶତକଡ଼ା ୨୫ ଜଣ ସଭ୍ୟ ନିଆଯିବେ; ଅବଶ୍ୟ ବିଶେଷ କ୍ଷେତ୍ରରେ ଏହା କୋହଳ କରାଯାଇପାରେ । ଯଦି ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀର ସଭ୍ୟମାନଙ୍କ ସଂଖ୍ୟା ଅନ୍ୟମାନଙ୍କ ତୁଳନାରେ କମ ହୁଏ, ତେବେ ଶତକଡ଼ା ହାର ଉକ୍ତ ହାରରୁ ଫରକ୍ ହୋଇପାରେ । ଫସଲ ନିମନ୍ତେ ଯୋଜନା ତିଆରି, ସାର ଆଦିର ଯଥାର୍ଥ ଉପଯୋଗ ଇତ୍ୟାଦି ବିଷୟରେ ବୈଷୟିକ ନିର୍ଦ୍ଦେଶ ବ୍ଲକଗୁଡ଼ିକରେ ଥିବା କୃଷି ସଂପ୍ରସାରଣ ଅଫିସରମାନଙ୍କଠାରୁ, ବ୍ଲକ ଅଞ୍ଚଳରେ ଦିଆଯାଉଥିବା ବାହ୍ୟପତ୍ରମାନଙ୍କରୁ ଓ ବ୍ଲକ ନ ଥିବା ଅଞ୍ଚଳଗୁଡ଼ିକରେ ଜିଲ୍ଲା କୃଷି ଅଫିସରମାନଙ୍କ ନିକଟରୁ ମିଳିବା ଉଚିତ । ହିସାବପତ୍ର ରଖିବା ଦାୟିତ୍ୱରେ ଯେଉଁ ଲୋକମାନଙ୍କୁ ରଖାଯିବ, ସେମାନଙ୍କୁ ଉପଯୁକ୍ତ ତାଲିମ ଦେବାର ଦାୟିତ୍ୱ ସରକାର ନିଜ ହାତକୁ ନେବା ଉଚିତ । ଅପେକ୍ଷାକୃତ କ୍ଷୁଦ୍ର କ୍ଷୁଦ୍ର କୃଷିକ୍ଷେତ୍ରଗୁଡ଼ିକ ସେମାନଙ୍କ ସଭ୍ୟମାନଙ୍କ ଭିତରୁ ଜଣଙ୍କୁ ତାଲିମ କରାଇ ନେବା ଉଚିତ ଓ ବଡ଼ ବଡ଼ କୃଷି କ୍ଷେତ୍ରଗୁଡ଼ିକ ବେତନଭୋଗୀ ତାଲିମପ୍ରାପ୍ତ ହିସାବରକ୍ଷକ ନିଯୁକ୍ତ କରିବା ଉଚିତ । ବଡ଼ ବଡ଼ କୃଷିକ୍ଷେତ୍ରଗୁଡ଼ିକ ମଧ୍ୟ ତାଲିମପ୍ରାପ୍ତ ବୈଷୟିକ କର୍ମଚାରୀ ନିଯୁକ୍ତ କରିବା ଉଚିତ ଓ ସେଥିପାଇଁ ଯେଉଁ ଅର୍ଥର ପ୍ରୟୋଜନ ହେବ, ତାହା ପ୍ରାରମ୍ଭିକ ବର୍ଷମାନଙ୍କରେ ସରକାରଙ୍କ ଦ୍ୱାରା ସାହାଯ୍ୟ ଆକାରରେ ଦିଆଯିବା ଉଚିତ । କାରଣ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଶେଷ ଦୁଇବର୍ଷ ମଧ୍ୟରେ କେବଳ ପରୀକ୍ଷାମୂଳକଭାବେ ସମବାୟ-କୃଷି ନିମନ୍ତେ ଉଦ୍ୟମ କରାଯିବା ପାଇଁ ପରାମର୍ଶ ଦିଆଯାଉଛି । ପରିଚାଳକ (ମ୍ୟାନେଜର), ହିସାବରକ୍ଷକ (ଏକାଉଣ୍ଟେଣ୍ଟ) ଓ ବୈଷୟିକ କର୍ମଚାରୀମାନଙ୍କ ଦରମା ସମେତ ମୋଟାମୋଟି ଯାହା ଖର୍ଚ୍ଚ ହେବ, ତାହାର ସୀମା ସମଗ୍ର ଉତ୍ପନ୍ନର ଶତକଡ଼ା ୫ ଭାଗ ଭିତରେ ରଖାଯିବା ଉଚିତ । ଯେଉଁ ସେବା-ସମବାୟ ତଥା ସମବାୟ କୃଷି ସମିତିମାନଙ୍କର ଡିରେକ୍ଟର ବୋର୍ଡ଼ ଶସ୍ୟ-ଯୋଜନା ଉନ୍ନତ ଧରଣର କୃଷି ପ୍ରଣାଳୀ ସମ୍ପର୍କରେ ଯେଉଁ ପରାମର୍ଶ ଦେବେ, ତଦନୁଯାୟୀ

କାର୍ଯ୍ୟ କରିବାରେ ଅସମର୍ଥ ହେଉଥିବା ସଭ୍ୟମାନଙ୍କ ଜମିର ଅଂଶ ଓ ଲଭ୍ୟ କମାଇ ଦେବାଦ୍ୱାରା ସେମାନଙ୍କୁ ଶାସ୍ତି ଦିଆଯାଇପାରେ ।

## ସମିତିରେ ଯୋଗଦେବାପାଇଁ ବାଧ୍ୟବାଧକତା ରହିବା ଉଚିତ ନୁହେଁ

ସମବାୟ କୃଷି ସମିତିରେ ଯୋଗଦେବା ପାଇଁ କାହାରିକୁ ବାଧ୍ୟ କରାଯିବା ଉଚିତ ନୁହେଁ । ପ୍ରସ୍ତାବିତ ସମବାୟ କୃଷିକ୍ଷେତ୍ର ମଧ୍ୟରେ ଯେଉଁ ଲୋକଙ୍କ ଶ୍ରେଷ୍ଠ ଶ୍ରେଷ୍ଠ ଜମିଖଣ୍ଡମାନ ଅଛି, ସେମାନଙ୍କୁ ସମିତିରେ ଯୋଗଦେବାପାଇଁ ପ୍ରଥମେ ପ୍ରବର୍ତ୍ତାଇବାକୁ ହେବ । ଯଦି ପ୍ରବର୍ତ୍ତାଇବା ଦ୍ୱାରା କୌଣସି ଫଳ ନ ହୁଏ, ତେବେ ଅନ୍ତତଃ ସମିତିର ପରାମର୍ଶମତେ ହେଉଥିବା ଫସଲ ଉତ୍ପାଦନ ପ୍ରଣାଳୀ ଓ ଉନ୍ନତ ପ୍ରଣାଳୀ ଅନୁସରଣ କରିବା ନିମନ୍ତେ ତାଙ୍କୁ ଅନୁରୋଧ କରାଯିବା ଉଚିତ । ଯଦି ଏଥିରେ ସେମାନେ ରାଜି ନ ହୁଅନ୍ତି, ତେବେ ବି ସମବାୟ କୃଷି ସମିତି ବିଶେଷ ଅସୁବିଧା ଭୋଗ କରିବ ନାହିଁ । କାରଣ, ବର୍ତ୍ତମାନ ପାଇଁ ବେଶି ପରିମାଣରେ ଟ୍ରାକଟର-ଚାଷ ଚଳାଇବାର ଲକ୍ଷ୍ୟ ରଖାଯାଇ ନାହିଁ । ତାହା ସତ୍ତ୍ୱେ ଯଦି ଏ ପ୍ରକାର ଶ୍ରେଷ୍ଠ ଶ୍ରେଷ୍ଠ ଜମିଗୁଡ଼ିକୁ କୃଷିକ୍ଷେତ୍ରରେ ମିଶାଇଦେବା ନିତାନ୍ତ ଆବଶ୍ୟକ ହୋଇପଡ଼େ, ତେବେ ଉପଯୁକ୍ତ କ୍ଷତିପୂରଣ ସହିତ ଜମି ଦଖଲକାର୍ଯ୍ୟ ଧାରା ଅନୁଯାୟୀ ସମିତି ସେହି ଜମିଗୁଡ଼ିକ କିଣି ନେଇପାରନ୍ତି । ଯଦି କ୍ଷେତ୍ର ମଧ୍ୟରେ ସରକାରୀ ପଡ଼ିଆ ଜମି ଥାଏ, ତେବେ ସରକାର ସାଧାରଣତଃ ଏହି ଜମିଗୁଡ଼ିକୁ ସମିତି ନାମରେ କରିଦେବାପାଇଁ ରାଜି ହେବା ଉଚିତ । ଯଦି କୌଣସିଠାରେ ଗୋଚର ଜମି ଥାଏ, ତେବେ କଲେକ୍ଟର ସେହି ଜମିକୁ ସମିତିକୁ ପଟ୍ଟା ଦେଇପାରନ୍ତି ଓ ତାହା ବିନିମୟରେ ଗୋଚର ପାଇଁ ଅନ୍ୟ ଜମି ନିରୂପଣ କରିଦେଇପାରନ୍ତି । ବଦଳ ପାଇଁ ଏ ପ୍ରକାର କୌଣସି ଅନାବାଦୀ ଜମି ନ ମିଳିଲେ, ସମିତି ଉକ୍ତ ଗୋଚର ବଦଳରେ ସମାନ ଆୟତନର ଭୂମି ନିଜ ଜମିରୁ ଛାଡ଼ି ଦେଇପାରନ୍ତି । ଜମିର ଅଂଶ ମୂଲ୍ୟର ଅନ୍ତର୍ଭୁକ୍ତ ହେବାର ସୂଚନା ନ ଥିବାରୁ ଯେଉଁ ବ୍ୟକ୍ତି ଜଣେ ସଭ୍ୟଙ୍କର ଜମି କିଣିବେ, ସେ ସମବାୟ କୃଷି ସମିତିରେ ଯୋଗଦେବାପାଇଁ ରାଜି ନ ହୋଇ ପାରନ୍ତି । ଏହି ପ୍ରକାର ଜରୁରୀ ଅବସ୍ଥାର ପ୍ରତିକାର କରିବା ଉଦ୍ଦେଶ୍ୟରେ ସଭ୍ୟମାନଙ୍କ ଜମିକୁ ପୂର୍ବରୁ ହସ୍ତାନ୍ତର କରି ନ ଦେବା ସମ୍ପର୍କରେ ଅଧିକାର ସମିତିକୁ ଦେବାପାଇଁ ଆବଶ୍ୟକୀୟ ଆଇନ ପ୍ରଣୟନ କରାଯିବା ଉଚିତ ।

## ଜମି କାହାକୁ ବନ୍ଦୋବସ୍ତ କରାଯିବ

କେବଳ ସମିତି ବା ସମିତିର ସଭ୍ୟ ବା ବାହାରର ଯେଉଁ ଲୋକଙ୍କୁ ସମିତିର ସଭ୍ୟରୂପେ ଗ୍ରହଣ କରାଯାଇ ପାରିବ, ସେମାନଙ୍କୁ ସଭ୍ୟମାନେ ନିଜ ନିଜ ଜମି ବିକି ପାରିବେ ।

## କୃଷୀ ବଳଦର ମାଲିକ ହେବା ଉଚିତ

ଅନ୍ୟାନ୍ୟ ଦେଶମାନଙ୍କରୁ ମିଳିଥିବା ଅଭିଜ୍ଞତାରୁ ଦେଖାଯାଇଛି ଯେ ସମିତିଗୁଡ଼ିକ ଯେଉଁଠାରେ ସ୍ୱୟଂ ବଳଦ-ମାଲିକ ହେବାକୁ ଚେଷ୍ଟା କରିଛନ୍ତି, ସେଠାରେ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏପରିକି ଯେଉଁ ସବୁ କ୍ଷେତ୍ରରେ ସମବାୟ ଚାଷ ଚରମ ଅବସ୍ଥାରେ ପହଞ୍ଚିଛି, ଅର୍ଥାତ୍ ଯେଉଁ କ୍ଷେତ୍ରରେ କୋଠଚାଷ ହେଉଛି, ସେହିସବୁ କ୍ଷେତ୍ରରେ ସଭ୍ୟମାନେ ବଳଦଗୁଡ଼ିକର ମାଲିକ ହେବା ଉଚିତ । ସମିତିର ଜମିଚାଷ ପାଇଁ ଏହି ବଳଦଗୁଡ଼ିକୁ ଭଡ଼ାରେ ନିଆଯିବା ଉଚିତ ।

## କୃଷିକ୍ଷେତ୍ରର ସର୍ବନିମ୍ନ ଓ ସର୍ବାଧିକ ଆୟତନ

ଗୋଟିଏ କୃଷିକ୍ଷେତ୍ରର ସର୍ବନିମ୍ନ ଓ ସର୍ବାଧିକ ଆକାର କଅଣ ହେବା ଉଚିତ, ସେ ସମ୍ପର୍କରେ ସର୍ବାଧିକ ମତ ହେଉଛି ଯେ ସାଧାରଣତଃ ଜଳ-

ସେଚିତ ଜମି ହୋଇଥିଲେ କ୍ଷେତଟିର ଆୟତନ ୫୦ ଏକର ଓ ଜଳସେଚନର ସୁବିଧା ନ ଥିବା ଜମି ହୋଇଥିଲେ ୧୦୦ ଏକର ହେବା ଉଚିତ । ଏହାଦ୍ୱାରା ଆର୍ଥିକ ଦୃଷ୍ଟିରୁ କୃଷିକ୍ଷେତଟି ଲାଭପ୍ରଦ ହୋଇପାରିବ । ଜମିର ସର୍ବୋଚ୍ଚ ଆୟତନ ୧୫୦୦ ଏକରରେ ଧାର୍ଯ୍ୟ କରିବା ଯୁକ୍ତିଯୁକ୍ତ ହୋଇପାରେ ।

## କିପରି ଅବସ୍ଥାରେ ହିଡ଼ଗୁଡ଼ିକ ଉଠାଇ ଦିଆଯାଇ ପାରିବ

ଛୋଟ ଛୋଟ ଜମିଗୁଡ଼ିକୁ ବଡ଼ ଆକାରର ଜମିରେ ପରିଣତ କରିବା ପାଇଁ ହିଡ଼ଗୁଡ଼ିକ ଉଠାଇ ଦେବା ଆବଶ୍ୟକ ହୋଇପାରେ; କିନ୍ତୁ ଏ ସବୁ କ୍ଷେତ୍ରରେ ସଭ୍ୟମାନଙ୍କର ଜମିର ଚହ୍ଲୋଟ ରକ୍ଷା କରିବା ସକାଶେ ଗୋଟିଏ ଜମିକୁ ଅନ୍ୟ ଜମିଠାରୁ ଅଲଗା ଚିହ୍ନାଇବା ପାଇଁ ଦୋସମାଳ ପଥର ରଖାଯିବା ଦରକାର । ଏ ପ୍ରକାର ଚହ୍ଲୋଟ ନିମନ୍ତେ ମୂଳ ଖସଡ଼ା ତକ ଭିତ୍ତିରେ ଗୋଟିଏ ନକ୍ସା ତିଆରି କରାଯାଇପାରେ । ହିଡ଼ବାଡ଼ ଉଠାଇନେବା କାର୍ଯ୍ୟ ପ୍ରଥମେ ସହର ବା ଅର୍ଦ୍ଧସହର ଅଞ୍ଚଳଗୁଡ଼ିକର ନିକଟରେ ଥିବା ଯୌଥ କୃଷି ସମିତିମାନଙ୍କରେ ଆରମ୍ଭ କରାଯିବା ଉଚିତ । କାରଣ ଏହିସବୁ ସ୍ଥାନରେ ହିଡ଼ ଉଠାଇ ଦେବାର ଉପଯୋଗିତା ସମ୍ବନ୍ଧରେ କୃଷୀମାନଙ୍କୁ ପ୍ରବର୍ତ୍ତାଇବା ସମ୍ଭବ ହୋଇପାରେ । ଏହି କୃଷୀମାନେ ଏଭଳି ଉନ୍ନତ ଧରଣର କୃଷିକାର୍ଯ୍ୟର ସୁବିଧା ପସନ୍ଦ କରିବେ ବୋଲି ଆଶା କରାଯାଏ ।

ଯଦି ଜଣେ ସଭ୍ୟଙ୍କର ମୃତ୍ୟୁ ହୁଏ, ତେବେ ଦୋସମାଲୀ ପଥରମାନ ରଖି ତାଙ୍କ ଜମି ଭାଗ କରି ଦିଆଯାଇପାରିବ । ସମବାୟ ସମିତି ଆଇନର ନିୟମାବଳୀ ଓ ଉପବିଧିର ବ୍ୟବସ୍ଥା ଅନୁସାରେ ମୃତ ସଭ୍ୟଙ୍କର ଅଂଶକୁ ତାଙ୍କର ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଭାଗ କରି ଦିଆଯିବ ।

## ପ୍ରତି ଜିଲ୍ଲାରେ ଅନ୍ତତଃ ଗୋଟିଏ ସମିତି

ଅନେକ ଗୁଡ଼ିଏ କୃଷି ସମିତି ଗଢ଼ିବାକୁ ଚେଷ୍ଟା ନ କରି ତା ବଦଳରେ ଆରମ୍ଭରୁ ପ୍ରତି ଜିଲ୍ଲାରେ ଅନ୍ତତଃ ଗୋଟିଏ ଲେଖାଏଁ ସମିତି ସଫଳତା-ସହକାରେ ଚଳାଇବା ନିମନ୍ତେ ଉଦ୍ୟମ କରାଯିବା ଉଚିତ । ସମିତିଗୁଡ଼ିକ ଏପରି ସ୍ଥାନରେ ଗଠନ କରିବାକୁ ହେବ; ଯେଉଁଠାରେ ଜଳସେଚନର ସୁବିଧା ମିଳୁଛି, ଲୋକମାନଙ୍କ ମଧ୍ୟରେ ସମବାୟ ମନୋଭାବ ବିକାଶଲାଭ କରିଛି ଓ ଅର୍ଥ-ସାହାଯ୍ୟକାରୀ ବ୍ୟାଙ୍କ ତାଙ୍କର ଅତୀତ ଅଭିଜ୍ଞତାରୁ ସେଠାପାଇଁ ଯଥେଷ୍ଟ ଅର୍ଥ ଯୋଗାଇବାକୁ ପଶ୍ଚାତ୍‌ପଦ ହେଉ ନ ଥିବେ । କୃଷି ଓ ସମବାୟ ମାଣ ସମ୍ବନ୍ଧରେ ବୈଷୟିକ ପରାମର୍ଶ ଦେବାପାଇଁ ପ୍ରତ୍ୟେକ ଜିଲ୍ଲାରେ ସମବାୟ କର୍ମୀ ଓ କୃଷି-ବିଶେଷଜ୍ଞମାନଙ୍କର ଗୋଟାଏ ଲେଖାଏଁ ଦଳ ରହିବା ଆବଶ୍ୟକ ମନେ ହେଲା ।

## କିପରି ଓ କେଉଁଠି ସମିତି ନିମନ୍ତେ ଋଣ ମିଳିବ

ଯେଉଁ ସମବାୟ କୃଷି ସମିତି କେବଳ କୃଷୀ-ମାନଙ୍କୁ ନେଇ ଗଢ଼ାଯାଇଛି ସେ ସମିତି ପକ୍ଷରେ ସ୍ୱଳ୍ପ-ମିଆଦି ଋଣ ପାଇବାରେ କୌଣସି ଅସୁବିଧା ହେବ ନାହିଁ । ବ୍ୟାଙ୍କମାନଙ୍କରୁ ମଧ୍ୟମ-ମିଆଦି ଋଣ ପାଇବାକୁ ହେଲେ କେବଳ ସେ ସମିତିକୁ ଦୀର୍ଘ ମିଆଦି ସୂତ୍ରରେ ପଟ୍ଟା ନେବାକୁ ପଡ଼ିବ ତାହା ନୁହେଁ, ସଭ୍ୟମାନେ ମଧ୍ୟ ଉତ୍ପନ୍ନ ଦ୍ରବ୍ୟ ନିଜ ନିଜ ମଧ୍ୟରେ ଭାଗ କରିନେବା ପୂର୍ବରୁ ଋଣ କିସ୍ତିଗୁଡ଼ିକ ପରିଶୋଧ କରିବା ନିମନ୍ତେ ଯୌଥଭାବେ ଦାୟୀ ରହିବେ ।

ସମବାୟ କୃଷି ସମିତି ଅଂଶ, ମୂଳଧନ, ସରକାରୀ ସାହାଯ୍ୟ, ସଞ୍ଚିତ ପାଣ୍ଠି, ଅମାନତ ଓ ଅର୍ଥ-ସାହାଯ୍ୟକାରୀ ବ୍ୟାଙ୍କଗୁଡ଼ିକରୁ ଋଣ ଉଠାଇବା ସୂତ୍ରରେ ନିଜପାଇଁ ଅର୍ଥ ସଂଗ୍ରହ କରିବେ ।

ଅର୍ଥ-ସାହାଯ୍ୟକାରୀ ବ୍ୟାଙ୍କ ଯେଉଁ ସ୍ୱଳ୍ପ-ମିଆଦୀ ଋଣ ଦେବେ, ତାହା ଭବିଷ୍ୟତ ଫସଲ ଅମଳ ଭିତ୍ତିରେହିଁ ଦିଆଯିବ । ଜମି ବନ୍ଧକ ରଖି ମଧ୍ୟମ ଓ ଦୀର୍ଘ-ମିଆଦୀ ଋଣ ଦିଆଯିବ । କୃଷିକ୍ଷେତ୍ରର ସଭ୍ୟଙ୍କୁ ନିଜର ଜମି ସମିତିଠାରେ ବନ୍ଧା ଦେବାକୁ ପଡ଼ିବ ଓ ସମିତି ମଧ୍ୟମ ବା ଦୀର୍ଘ ମିଆଦୀ ଋଣ ପାଇବା ଉଦ୍ଦେଶ୍ୟରେ ସେହି ଜମିକୁ ଅର୍ଥ-ସାହାଯ୍ୟକାରୀ ବ୍ୟାଙ୍କ ନିକଟରେ ବନ୍ଧା ରଖିବେ ।

କୃଷି ସମିତିର ଜାମିନରେ ସମବାୟ ସମିତିର ଯେ କୌଣସି ସଭ୍ୟ ସେହି ଅଞ୍ଚଳରେ କାର୍ଯ୍ୟ କରୁଥିବା ସେବା-ସମବାୟ ବା ଋଣ ସମବାୟ ଅନୁଷ୍ଠାନରୁ ଋଣ ନେଇ ପାରିବେ । ଏ କ୍ଷେତ୍ରରେ ସମବାୟ କୃଷି ସମିତି ଋଣ-ଗ୍ରହୀତାଙ୍କୁ ଯେଉଁ ଲାଭ, ଲାଭାଂଶ, ଉତ୍ପନ୍ନ ଦ୍ରବ୍ୟ ବା ମଜୁରି ଦିଅନ୍ତେ, ସେଥିରୁ ଟଙ୍କା କାଟି ରଖି ସେବା ବା ଋଣ ସମବାୟ ସମିତିକୁ ଋଣ-ଗ୍ରହୀତାଙ୍କ ଦେୟ ବାବଦରେ ପରିଶୋଧ କରିବେ । କିନ୍ତୁ ସେବା ବା ଋଣ ସମବାୟ ସମିତିଙ୍କ ନିକଟରେ ଜମି ବନ୍ଧକ ରଖିବା ପାଇଁ ଅନୁମତି ଦେବା ଉଚିତ ହେବ ନାହିଁ ।

## ଖର୍ଚ୍ଚ, ମାସୁଲ ଓ ଋଣ କିପରି ଅସୁଲ କରାଯିବ

କୃଷି ସମିତି କ୍ଷେତ୍ରର ମୋଟ ଉତ୍ପନ୍ନରୁ ସବୁ ପ୍ରକାର ଖର୍ଚ୍ଚ, ମାହାସୁଲ, ଟିକସ ଓ ଋଣ ଅସୁଲ କରିବା ଉଚିତ । ଏହି ସବୁ ବ୍ୟୟ ପରେ ଯାହା ଅବଶିଷ୍ଟ ରହିବ, ତାହା ସମିତିର ନିୟମ ଓ ସମିତି ଗ୍ରହଣ କରିଥିବା ଉପବିଧି ଅନୁଯାୟୀ ବାଣ୍ଟି ଦିଆଯିବ ।

ଯଦି ପ୍ରାକୃତିକ ଦୁର୍ଯୋଗ ଯୋଗୁଁ କୃଷି ସମିତି ଅର୍ଥ-ସାହାଯ୍ୟକାରୀ ବ୍ୟାଙ୍କକୁ ଦେୟ ପରିଶୋଧ କରିବାରେ ହେଳା କରନ୍ତି, ତେବେ ତତ୍କାଳୀନ ଅବସ୍ଥା ଅନୁଯାୟୀ ଦେୟ ପରିଶୋଧ କରିବା ନିମନ୍ତେ ସମିତିକୁ ସମୟ ଦିଆଯାଇପାରେ । ସମିତି ଆଉ ଥରେ ଫସଲ ଉଠାଣି ଯେପରି ଋଣ ପରିଶୋଧର ସୁବିଧା କରି ପାରିବେ, ସେଥିପାଇଁ କୃଷି ସମିତିକୁ ସ୍ୱଳ୍ପ ମିଆଦୀ ଭିତ୍ତିରେ ପୁଣି ଥରେ ମଧ୍ୟ ଋଣ ଦିଆଯାଇପାରେ । ଦ୍ୱିତୀୟ ଥର ଋଣ ଦେବା ସମୟରେ ତାହା ଯେପରି ଉତ୍ପାଦନ ପାଇଁ ନ୍ୟୂନତମ ଆବଶ୍ୟକତା ମଧ୍ୟରେ ସୀମିତ ରହେ, ସେଥିପ୍ରତି ଦୃଷ୍ଟି ଦିଆଯିବା ଦରକାର ।

ଯେଉଁ କ୍ଷେତ୍ରରେ ଏ ପ୍ରକାର ହେଳା ଇଚ୍ଛାକୃତ ବା ପରିଚାଳନାଗତ ତ୍ରୁଟିଯୋଗୁଁ ହେଉଥିବ, ସେ କ୍ଷେତ୍ରରେ ଆହୁରି ଭଲଭାବରେ ତତ୍ତ୍ୱାବଧାନ କରିବାର ବ୍ୟବସ୍ଥା ହେବା ଦରକାର ଓ ନିଜର କ୍ଷତ ସୁଧାରି ନେବାପାଇଁ କୃଷି ସମିତିକୁ ସୁଯୋଗ ଦିଆଯିବା ଉଚିତ । କିନ୍ତୁ ଯଦି ତାହା ସତ୍ତ୍ୱେ ଦେଖାଗଲା ଯେ ପରିଚାଳନାଗତ ତ୍ରୁଟି ସୁଧୁରୁନାହିଁ, ତେବେ ଏପ୍ରକାର ତ୍ରୁଟି କାହିଁକି ହେଉଛି ସେ ସମ୍ବନ୍ଧରେ ବିସ୍ତୃତ ଅନୁସନ୍ଧାନ ହେବା ଦରକାର । ଯଦି ଏ ପ୍ରକାର ଅନୁସନ୍ଧାନ ଫଳରେ ପରିଚାଳନା ଆଉ ସୁଧୁରି ନ ପାରିବ ବୋଲି ଜଣାପଡ଼େ, ତେବେ ସମବାୟ ସମିତି ଗୁଡ଼ିକର ରେଜିଷ୍ଟ୍ରାର ସମିତିର ପରିଚାଳନା-କ୍ଷମତା ନିଜ ହାତକୁ ନେଇ ପାରିବେ ।

ଅର୍ଥ-ସାହାଯ୍ୟକାରୀ ବ୍ୟାଙ୍କ ବା ସମବାୟ ବିଭାଗ ଆରମ୍ଭରୁ ବହୁବର୍ଷ ପର୍ଯ୍ୟନ୍ତ ତତ୍ତ୍ୱାବଧାନ ଓ ହିସାବ-ପତ୍ର ରଖିବା ଦିଗରେ ଉପଯୁକ୍ତ ବ୍ୟବସ୍ଥା କରିବେ ଓ ସେ ସବୁର ଖର୍ଚ୍ଚ ତୁଲାଇବା ପାଇଁ ସରକାର ସାହାଯ୍ୟ ମଞ୍ଜୁର କରିବେ ।

## ସମବାୟ କୃଷିକୁ କିପରି ଲୋକପ୍ରିୟ କରିହେବ

ସମବାୟ କୃଷିକୁ ଲୋକପ୍ରିୟ କରିବାକୁ ହେଲେ ନିମ୍ନଲିଖିତ ବ୍ୟବସ୍ଥାମାନ ଗ୍ରହଣ କରାଯିବା ଦରକାର ।

(୧) ଉପବିଧିଗୁଡ଼ିକ ଅତି ସରଳ ଓ ସହଜରେ ବୁଝିପାରିବା ଭଳି ହେବା ଦରକାର ।

(୨) ଏ ସମ୍ପର୍କୀୟ ସୁପାରିଶଗୁଡ଼ିକ ସରଳ ଓଡ଼ିଆରେ ଅନୂଦିତ ହେବା ଦରକାର ଏବଂ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କ ଦ୍ୱାରା ବ୍ୟାପକଭାବରେ ବଣ୍ଟାଯିବା ଦରକାର ।

(୩) ପ୍ରଥମ ଅବସ୍ଥାରେ ଯୌଥ ଚାଷକୁ ଉତ୍ସାହିତ କରିବା ସକାଶେ ଯେଉଁ ଲୋକମାନେ ଗ୍ରାମାଞ୍ଚଳମାନଙ୍କରେ ଯୌଥ ଭାବରେ ଆଖୁ ପନପରିବା ଇତ୍ୟାଦି ଚାଷ କରୁଛନ୍ତି, ସେମାନଙ୍କୁ ପୁରସ୍କାର ଆଦି ପ୍ରଦାନ କରିବା ଉଚିତ ।

(୪) ଲୋକମାନଙ୍କୁ ଶିକ୍ଷାଦେବା ପାଇଁ ଗ୍ରାମପଞ୍ଚାୟତ ସ୍ତରରେ ଘନ ଘନ ଆଲୋଚନା ଚକ୍ରମାନ ସଙ୍ଗଠନ କରିବା ଉଚିତ ।

(୫) ଚାଷ ସମବାୟ ସମିତିଗୁଡ଼ିକର ସଭ୍ୟମାନଙ୍କ ମଧ୍ୟରେ ସେବା ସମବାୟ ଓ ଯୌଥ ଚାଷ ସମ୍ବନ୍ଧୀୟ ବିଷୟରେ ଆଲୋଚନା ଓ ବ୍ୟାପକ ପ୍ରଚାର ହେବା ଉଚିତ ।

(୬) ଭୂସଂରକ୍ଷଣ, ଜଳକର, ରସାୟନିକ ସାର ଯୋଗାଣରେ ବିଶେଷ ଧରଣର ସୁବିଧା ଦିଆଯିବା ଉଚିତ ଓ ଦାଦନ ଦିଆଯାଇଥିବା ଋଣର ସୁଧରୁ କିଛି କିଛି ଛାଡ଼ ଦିଆଯିବା ଉଚିତ ।

(୭) ବ୍ଲକ ଉନ୍ନୟନ କମିଟିର ବୈଠକଗୁଡ଼ିକରେ ସମବାୟ କୃଷି ସମିତିମାନଙ୍କର କାର୍ଯ୍ୟ ଓ ଅଗ୍ରଗତି ସମ୍ବନ୍ଧରେ ଘନ ଘନ ଆଲୋଚନା ହେବା ଉଚିତ ।

(୮) ବର୍ତ୍ତମାନ ଥିବା ସମବାୟ କୃଷି ସମିତିଗୁଡ଼ିକୁ ମଧ୍ୟ ଠିକଭାବରେ ଗଢ଼ିବା ଆବଶ୍ୟକ । ଆଉ ମଧ୍ୟ ଉପଯୁକ୍ତ ଅର୍ଥ ଯୋଗାଇବାଦ୍ୱାରା ଓ ସଯତ୍ନ ତତ୍ତ୍ୱାବଧାନ ଦ୍ୱାରା ସେଗୁଡ଼ିକ ଯେପରି ଲାଭଦାୟକ ଭାବରେ କାର୍ଯ୍ୟ କରି ପାରିବେ, ତାହାର ବ୍ୟବସ୍ଥା ହେବା ଦରକାର ।


(୯) ଯେଉଁ ବେସରକାରୀ ସଭ୍ୟମାନେ ଉଭୟ ସେବା ସମବାୟ ସଙ୍ଗଠନରେ ଆଗ୍ରହ ପ୍ରକାଶ କରୁଥିବେ, ସେମାନଙ୍କୁ ଏହି ମହତ୍ କାର୍ଯ୍ୟ ପାଇଁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ପାରିଶ୍ରମିକ ଦିଆଯିବା ଉଚିତ ।

(୧୦) ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ସର୍ବଶ୍ରେଷ୍ଠ କୃଷି ସମବାୟ ସମିତିମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ଉଚିତ ।


## ନୂଆ ଆବାଦୀ ଜମିରେ ଯୌଥ କୃଷି ସମିତି

ନୂଆ ଆବାଦୀ ଜମିଗୁଡ଼ିକରେ ଯୌଥ କୃଷି ସମବାୟ ସମିତିଗୁଡ଼ିକୁ ଉତ୍ସାହିତ କରାଯିବା ଦରକାର; କାରଣ, ଏ ଧରଣର ଜମିଗୁଡ଼ିକରେ ଯୌଥ ଚାଷ ସଫଳ ହେବାର ସମ୍ଭାବନା ବେଶୀ । କେବଳ ଯେଉଁ ଲୋକମାନେ ଭୂମିହୀନ ଓ ପ୍ରକୃତରେ ଚାଷକାର୍ଯ୍ୟ କରନ୍ତି, ସେମାନଙ୍କୁ ଓ ଯେଉଁମାନଙ୍କର ଚାଷକାର୍ଯ୍ୟ ପାଇଁ ୫ ଏକରରୁ କମ ଜମି ଅଛି, ସେମାନଙ୍କୁ ଆଗେ ଏ ପ୍ରକାର ସମିତିଗୁଡ଼ିକରେ ସଭ୍ୟରୂପେ ଗ୍ରହଣ କରାଯିବ । ବିଭିନ୍ନ ଶ୍ରମିକ ଦଳକୁ ବିଭିନ୍ନ ପ୍ରକାର ଫସଲ ଚାଷ କରିବା ନିମନ୍ତେ ଜମି ଲଗାଇଦେବା ଦ୍ୱାରା ଏସବୁ ଜମି ଚାଷ କରାଯିବ । ସେମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତାମୂଳକ ମନୋଭାବ ଜାତ କରିବା ଉଦ୍ଦେଶ୍ୟରେ ଉତ୍ପନ୍ନର ଏକ ଲକ୍ଷ୍ୟ ଧାର୍ଯ୍ୟ କରି ଦିଆଯିବ । କିନ୍ତୁ ମୋଟାମୋଟି ଭାବରେ ଜମି ଉପରେ ସର୍ବଦା ସମିତିର ଅଧିକାର ରହିଥିବ ।

ଅନାବାଦୀ ଜମିଗୁଡ଼ିକୁ ପଟ୍ଟା ଦେବାବେଳେ ସରକାର ସମବାୟ କୃଷି ସମିତିଗୁଡ଼ିକୁ ପ୍ରଥମ ସୁବିଧା ଦେବା ଉଚିତ ।



ଗତ ସ୍ୱାଧୀନତା ଦିବସରେ ଐତିହାସିକ ଲାଲ କିଲ୍ଲାଠାରେ ଜାତୀୟ ପତାକା ଉତ୍ତୋଳନ କରି ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁ ଭାଷଣ ଦେଉଛନ୍ତି



ଗତ ସ୍ୱାଧୀନତା ଦିବସରେ ନୂଆ ରାଜଧାନୀ ଭୁବନେଶ୍ୱରଠାରେ ରାଜସ୍ୱ-ମନ୍ତ୍ରୀ ଶ୍ରୀ ସତ୍ୟପ୍ରିୟ ମହାନ୍ତି ପ୍ୟାରେଡରେ ଯୋଗ ଦେଇଥିବା
ପୋଲିସ, ଏନ୍. ସି. ସି. ଓ ସ୍କାଉଟ-ବାହିନୀଙ୍କ ଅଭିବାଦନ ଗ୍ରହଣ କରୁଛନ୍ତି

# ସେବା-ସମବାୟର ଲକ୍ଷ୍ୟ ଓ ଗଠନ ପ୍ରଣାଳୀ

## ସେବା-ସମବାୟ ସମିତି କାହାକୁ କୁହାଯାଏ

ସମବାୟ କୃଷି ସହିତ ଅନେକ ସମସ୍ୟାରେ ସେବା-ସମବାୟ ସମିତିକୁ ଯୋଡ଼ିଦେବାଦ୍ୱାରା ଏହାର ଲକ୍ଷ୍ୟ ଓ ପରିସର ସମ୍ପର୍କରେ ଭୁଲ ଧାରଣା ଜାତ ହେଉଛି। ସମବାୟ କୃଷି-ପଦ୍ଧତିକୁ ଅନେକ ଲୋକ ସନ୍ଦେହ-ଚକ୍ଷୁରେ ଦେଖୁଥିବାରୁ ସେମାନଙ୍କର ଏହି ସନ୍ଦେହକୁ ଦୂର କରିବାକୁ ପଡ଼ିବ। ଗାଁଗହଳରେ ଥିବା ଗୋଟିଏ ସେବା-ସମବାୟ ସମିତି କୃଷୀମାନଙ୍କୁ ସ୍ୱଳ୍ପମିଆଦି ବା ମଧ୍ୟମ-ମିଆଦି ସର୍ତ୍ତରେ ଋଣ ଯୋଗାଏ, ବିହନ ବା କୃଷି ସରଞ୍ଜାମ ଭଳି କୃଷି ସମ୍ପର୍କୀୟ ଅନ୍ୟାନ୍ୟ ଜିନିଷ ଯୋଗାଏ ଏବଂ ପରିଶେଷରେ ଉତ୍ପନ୍ନ ଜିନିଷର ବିକ୍ରି ବଟା ପାଇଁ ସାହାଯ୍ୟ କରିଥାଏ। ବୁଣାବୁଣି ବା ଫସଲ ଅମଳ ସମୟରେ କୃଷୀ ଯେଉଁ ସଙ୍କଟ-ଜନକ ପରିସ୍ଥିତିରେ ପଡ଼ିଥାଏ, ଏହି ଋଣ ପାଇବାଦ୍ୱାରା ତାର କଷ୍ଟ ଲାଘବ ହୁଏ। ଏହାଦ୍ୱାରା ଉତ୍ପାଦନ ବୃଦ୍ଧି ଦିଗରେ ସେ ତାର ଶକ୍ତି ନିୟୋଗ କରିବାର ସୁବିଧା ପାଏ। ପୁଣି ସମବାୟ ସମିତି ଜରିଆରେ ବିକ୍ରି ବଟା ହେବାଦ୍ୱାରା ସେ ତାର ଫସଲ ପାଇଁ ସର୍ବାଧିକ ମୂଲ୍ୟ ପାଇଥାଏ। କାରଣ ଏକ ସାମୂହିକ କେନ୍ଦ୍ର ହିସାବରେ ମୂଲ୍ୟ ନିର୍ଦ୍ଧାରଣ କରିବାପାଇଁ ସମବାୟ ସମିତିର ଅଧିକ ଶକ୍ତି ଥାଏ ଏବଂ ଏହାଦ୍ୱାରା ସବୁଆଡ଼େ ଦରଦାମ ହଠାତ୍ ଖୁବ୍ ତଳକୁ ଖସିଯିବା ଫଳରେ ଯେଉଁ ସମସ୍ୟା ଉଠିଥାଏ, ତାହା ଦୂର ହୋଇଯାଏ।

## ଲକ୍ଷ୍ୟ—ପ୍ରତ୍ୟେକ ଗ୍ରାମପାଇଁ ଗୋଟିଏ ଲେଖାଏଁ ଅନୁଷ୍ଠାନ

ଦେଶର ପ୍ରତ୍ୟେକ ସ୍ଥାନରେ ସମବାୟ ସଂସ୍ଥା-ମାନଙ୍କର ବିସ୍ତାର ହେବା ଦରକାର ବୋଲି ଆମେ ମନେ କରୁ। ତୃତୀୟ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ଗାଁଗହଳର ପ୍ରତ୍ୟେକ ପରିବାର ସେବା-ସମବାୟ ସମିତିର ଅନ୍ତର୍ଭୁକ୍ତ ହୋଇ ଯିବାପାଇଁ ଜାତୀୟ ଉନ୍ନୟନ ପରିଷଦ ସୁପାରିଶ କରିଛନ୍ତି। ପ୍ରଥମରୁ ଯେପରି ଦେଖାଯାଉଛି, ଏ ଲକ୍ଷ୍ୟ ହାସଲ କରିବା ସେପରି କିଛି ଅସମ୍ଭବ ବ୍ୟାପାର ନୁହେଁ। ନିମ୍ନଲିଖିତ କେତେକ କାରଣ ପାଇଁ ବର୍ତ୍ତମାନ ଥିବା ସମବାୟ ଋଣ-ସଂସ୍ଥାମାନ ଠିକ୍ ଭାବରେ କାମ କରିପାରୁ ନାହାନ୍ତି। ସେଗୁଡ଼ିକୁ ଦୃଢ଼ ଓ ପୁନର୍ଗଠିତ କରାଇବାକୁ ପଡ଼ିବ। ବର୍ତ୍ତମାନ ଯେଉଁ ଅଞ୍ଚଳଗୁଡ଼ିକରେ ସେବା-ସମବାୟ ସମିତିମାନ ନାହିଁ, ସେଠାରେ ନୂଆ ସେବା-ସମବାୟ ସମିତିମାନ ଆରମ୍ଭ କରିବାକୁ ହେବ।

## ବର୍ତ୍ତମାନ ଥିବା ସମବାୟ ସମିତି

ଗତ ବର୍ଷର ସରକାରୀ ହିସାବରୁ ଜଣାଯାଏ ଯେ ବର୍ତ୍ତମାନ ସମଗ୍ର ଭାରତରେ ୩ଲକ୍ଷ ଗ୍ରାମକୁ ନେଇ ମୋଟ ୧,୬୬,୫୪୩ଟି ପ୍ରାଥମିକ ଗ୍ରାମ ସମବାୟ ସମିତି ଅଛି ଓ ସର୍ବମୋଟ ୧ କୋଟି ୨୦ ଲକ୍ଷ ଲୋକ ଏହାର ସଭ୍ୟ ହୋଇ ପାରିଛନ୍ତି। ଅବଶ୍ୟ ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ଫଳପ୍ରଦ ଭାବରେ କାର୍ଯ୍ୟ କରି ପାରି-ନାହାନ୍ତି। କେତେ ଗୁଡ଼ିଏ ସମିତିର ଧାରାବାହିକ ଭାବେ କ୍ଷତି ହୋଇ ଆସୁଛି (ମୋଟାମୋଟି ପ୍ରାୟ ଶତକଡ଼ା ୨୧ଟି)। ଅନ୍ୟମାନଙ୍କର ଶତକଡ଼ା ୧୦ ଭାଗ ବ୍ୟବସାୟ ଅପରିବର୍ତ୍ତନୀୟ ରହିଛି। ପ୍ରାୟ ଶତକଡ଼ା ୨୦ଟି ସମବାୟ ସମିତିର ଆରମ୍ଭ ହେବା ଦିନଠାରୁ ହିସାବ ସମୀକ୍ଷଣ ହୋଇ ପାରିନାହିଁ। ଶତକଡ଼ା ୨୦ ଭାଗ ଅନ୍ୟାନ୍ୟ ସମବାୟ ସମିତି ଅଛି; ଯେଉଁଗୁଡ଼ିକ ସେମାନଙ୍କର ସଭ୍ୟମାନଙ୍କୁ କୌଣସି ପ୍ରକାରର ଋଣ ଅଗ୍ରିମ ଦେଇ ନାହାନ୍ତି ଓ ଖାଲି

# ଉତ୍କଳ ପ୍ରସଙ୍ଗ

ଖାତାପତ୍ରରେ ସେଗୁଡ଼ିକର ସ୍ଥିତି ଜଣାପଡ଼ୁଛି । ସେହି କେତେକ ସମିତି ସେମାନଙ୍କର ସଭ୍ୟମାନଙ୍କୁ ଅଗ୍ରିମ ଟଙ୍କା ଋଣ ଆକାରରେ ଦେଇଥିଲେ, ସେହି ସଭ୍ୟମାନଙ୍କଠାରୁ ଋଣ ଆଦାୟ କରିବା ପଦ୍ଧତି ଅସନ୍ତୋଷଜନକ ବୋଲି ଜଣାଯାଇଛି ଏବଂ ଶତକଡ଼ା ୬୧ ଭାଗ ଯାଏଁ ବାକି ପଡ଼ିରହିଛି ।

## ପୁନର୍ଗଠନ

ଏହି ସମବାୟ ସମିତିଗୁଡ଼ିକୁ ହାତକୁ ନେଇ ସେଗୁଡ଼ିକର ଉପଯୁକ୍ତ କାର୍ଯ୍ୟ ପରିଚାଳନାର ବନ୍ଦୋବସ୍ତ କରିବାକୁ ପଡ଼ିବ । ଅନେକ ସ୍ଥଳରେ ଆମକୁ ଦେୟ ବାବଦ ଟଙ୍କାକୁ କମାଇବାକୁ ଓ କମିଟୀଗୁଡ଼ିକର ପୁନର୍ଗଠନ କରିବାକୁ ପଡ଼ିବ । କିଛି ସାହାଯ୍ୟ ପାଇଁ ଯେଉଁ କେତୋଟି ସମବାୟ ସମିତି ସେମାନଙ୍କର ଅସ୍ଥାୟୀ ଅସୁବିଧା ଦୂର କରିପାରିବେ, ସେଗୁଡ଼ିକୁ ପୁନର୍ଜୀବିତ କରାଯାଇ ପାରିବ । ସେଗୁଡ଼ିକ ମଧ୍ୟରୁ ଅଧିକାଂଶକୁ ସମ୍ପୂର୍ଣ୍ଣଭାବରେ ଲୋପ କରି ଦେଇ ତା ବଦଳରେ ନୂଆ ସମବାୟ ସମିତିମାନ ଗଠନ କରାଯାଇପାରେ । ସମବାୟ ସମିତି ଗୁଡ଼ିକର ପରୀକ୍ଷା ଏବଂ ସଂଗଠନ ପାଇଁ କିଛି ସମୟ ଲାଗିବ । ତଥାପି ଆମେ ଆଶା କରୁ ଯେ ୧୯୬୩ ମସିହା ଶେଷ ସୁଦ୍ଧା ଏହି ପୁନର୍ଗଠନ ଓ ପୁନର୍ଜୀବନ ପଦ୍ଧତି କାର୍ଯ୍ୟ ଶେଷ ହୋଇଯିବ । ହାରାହାରି ପ୍ରତ୍ୟେକ ବର୍ଷ ୨୫,୦୦୦ ଯାଏଁ ସମବାୟ ସମିତିକୁ ଠିକ୍ ବାଟକୁ ଅଣାଯାଇ ପାରିବ ।

## ନୂଆ ସମବାୟ ସମିତି

ବର୍ତ୍ତମାନ ଥିବା ସମବାୟ ସମିତିଗୁଡ଼ିକର ପୁନର୍ଗଠନ ଅପେକ୍ଷା ନୂଆ ନୂଆ ସମବାୟ ସମିତିମାନ କ୍ଷିପ୍ରଗତିରେ ପ୍ରତିଷ୍ଠା କରାଯାଇ ପାରିବ । ଆମକୁ ୧ କୋଟି ଲୋକ ସଭ୍ୟ କରାଇବାକୁ ହେଲେ ଆସନ୍ତା ୨ ବର୍ଷ ମଧ୍ୟରେ ୫୦,୦୦୦ ସମବାୟ ସମିତିର କାର୍ଯ୍ୟ ଆରମ୍ଭ କରାଇବାକୁ ପଡ଼ିବ । ଗୋଟିଏ ସମବାୟ ସମିତିର ହାରାହାରି ୧୦୦ ଜଣ ଲେଖାଏଁ ସଭ୍ୟ ନେଇ ଏହି ଆନୁମାନିକ ହିସାବ କରାଯାଇଛି । ପ୍ରଥମେ ପ୍ରଥମେ ଏହାର ଗତି ଖୁବ୍ ଶିଥିଳ ହେବ । କାରଣ ଅଧିକାଂଶ ପ୍ରଦେଶରେ ଆବଶ୍ୟକୀୟ ଶାସନକଳର ଅଭାବ ରହିଛି ଏବଂ ଲୋକମାନଙ୍କୁ ସମବାୟ ସମ୍ପର୍କରେ ତତ୍ତ୍ୱ ଓ ବାସ୍ତବ ଶିକ୍ଷା ଦେବାପାଇଁ କିଛି ସମୟ ଲାଗିବ ।

## ସେବା-ସମବାୟ ସମିତିର ଢାଞ୍ଚା

ବଡ଼ ଆକାରରେ ଋଣ ସମବାୟ ସମିତିମାନ ସଫଳ ହୋଇନାହିଁ । ନୂଆ ସେବା-ସମବାୟ ସମିତିମାନଙ୍କରେ ପ୍ରାୟ ୧୦୦୦ ଲେଖାଏଁ ଲୋକଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ କରାଯିବ । ପ୍ରତ୍ୟେକ ସମବାୟ ସଂସ୍ଥାର ମୁଖ୍ୟ କର୍ତ୍ତବ୍ୟ ହେବ ସ୍ୱଳ୍ପ ଓ ମଧ୍ୟମ-ମିଆଦୀ ଋଣ ଦେବା, ବିହନ ଓ ଯନ୍ତ୍ରପାତି ଯୋଗାଇବା ଏବଂ କୃଷି ଉତ୍ପାଦନର ବିକ୍ରିବଟା କରିବା । ଏହିସବୁ କାର୍ଯ୍ୟରେ ସେବା-ସମବାୟ ସଂସ୍ଥାମାନ ନିଜକୁ ସୀମାବଦ୍ଧ ରଖିବା ବାଞ୍ଛନୀୟ । ଗୋଟିଏ ଗୋଟିଏ ଗାଁରେ ସମୟେ ସମୟେ ଜମି ଛଡ଼ିଆ କରିବା କିମ୍ବା ନଳକୂଅ ବସାଇବା ଭଳି କେତେକ ବିକାଶମୂଳକ କାର୍ଯ୍ୟ ଆବଶ୍ୟକ ହୋଇପାରେ । ଏସବୁ ଉଦ୍ଦେଶ୍ୟରେ ପୃଥକ୍ ସମବାୟ ସଂସ୍ଥା ଗଢ଼ିବା ବରଂ ଭଲ ହେବ । ମୂଳ ଗ୍ରାମ୍ୟ ସମବାୟ ସଂସ୍ଥାଗୁଡ଼ିକୁ ଦକ୍ଷଭାବରେ କାର୍ଯ୍ୟକାରୀ କରାଇବା ଆବଶ୍ୟକ ହୋଇଥିବାରୁ କୌଣସି ପ୍ରକାର ବହୁଗୀକରଣ ବା ବହୁତଗୁଡ଼ିଏ କାମ ହାତକୁ ନେବା ଉଚିତ ହେବ ନାହିଁ । କୌଣସି ସଭ୍ୟ ଋଣ ପାଇବାକୁ ଉପଯୁକ୍ତ କି ନୁହେଁ, ଏହି ପ୍ରଶ୍ନର ସମାଧାନ ପାଇଁ ସେବା-ସମବାୟମାନେ ଯୁକ୍ତିଯୁକ୍ତଭାବେ କାର୍ଯ୍ୟ କରିବା ଉଚିତ । ଏପର୍ଯ୍ୟନ୍ତ ସଭ୍ୟମାନେ ଯେତେ

# ଉତ୍କଳ ପ୍ରସଙ୍ଗ

ଭୂସମ୍ପତ୍ତି ଦେଉଥିଲେ, ତାହାର କେତେଗୁଣ ପର୍ଯ୍ୟନ୍ତ ଋଣ ପାଇବା ସୀମାବଦ୍ଧ ଥିଲା । ଏହାର ଅର୍ଥ ହେଉଛି ଯେ ଯେଉଁ ଲୋକମାନଙ୍କର ଜମିବାଡ଼ି ନ ଥିଲା, ଅଥଚ ସେମାନେ କୃଷିଖର୍ଚ୍ଚ ପାଇଁ ଋଣ ଲୋଡ଼ୁଥିଲେ, ସେମାନେ ସମବାୟ ସମିତିଠାରୁ କୌଣସି ଉପକାର ପାଉ ନ ଥିଲେ । ଏଣିକି ଭବିଷ୍ୟତରେ ସେବା-ସମବାୟର ସଭ୍ୟଶ୍ରେଣୀଭୁକ୍ତ ହେଲେ ଯେ କେହି ଲୋକ ଋଣ ଉଠାଇବାର ସୁବିଧା ପାଇ ପାରିବ । ସେଥିପାଇଁ ତାକୁ ନିର୍ବାଚିତ ପରିଚାଳନା କମିଟି ନିକଟରେ କୃଷି ଉତ୍ପାଦନର ଏକ ଅନୁମୋଦିତ ନକ୍ସା ବା ଯୋଜନା ଦାଖଲ କରିବାକୁ ପଡ଼ିବ । ଅର୍ଥାତ୍ ଋଣ ପାଇବା ଉପଯୋଗୀ ଲୋକ ଉପରେ ଜୋର ଦିଆ ନ ଯାଇ ଋଣ ପାଇବା ଉପଯୋଗୀ ଉଦ୍ଦେଶ୍ୟ ଉପରେ ଜୋର ଦିଆଯିବ । ପ୍ରତ୍ୟେକ ସମବାୟ ସଂସ୍ଥା ନିଜ ନିଜର ସଭ୍ୟ ବାଛିବା ପାଇଁ ଅଧିକାର ପାଇବେ । କିନ୍ତୁ ଅନ୍ୟାୟ ଦୂର କରିବା ଉଦ୍ଦେଶ୍ୟରେ ସମବାୟ ଆଇନରେ ଅପିଲ କରିବା ଅଧିକାର ସମ୍ପର୍କୀୟ ବ୍ୟବସ୍ଥା କରାଯାଇଛି; ଅର୍ଥାତ୍ ଯଦି କୌଣସି ଲୋକକୁ ତାର ଗ୍ରାମର ସମବାୟ ସମିତିର ସଭ୍ୟପଦ ମନା କରାଯାଏ, ତା ହେଲେ ଉକ୍ତ ନିଷ୍ପତ୍ତି ବିରୁଦ୍ଧରେ ତା'ର ଅପିଲ କରିବାର ଅଧିକାର ରହିବ ।

ଗୋଟିଏ ସେବା-ସମବାୟରେ ୫ଜଣରୁ ୭ଜଣ ସଭ୍ୟଙ୍କୁ ନେଇ ଗୋଟିଏ ପରିଚାଳନା କମିଟି ଗଢ଼ାଯିବ । ସେମାନଙ୍କ ମଧ୍ୟରୁ ଜଣେ ସଭାପତି, ଜଣେ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ ରହିବେ । ଏହି ଲୋକମାନେ ବହୁପରିମାଣରେ ବେସରକାରୀ ଲୋକ ହୋଇଥିବାରୁ ରାଜ୍ୟ ସରକାର ଏମାନଙ୍କୁ ଗ୍ରାମ ଓ ବ୍ଲକ ସ୍ତରରେ ଶିକ୍ଷା ଦେବାର ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ । ବେସରକାରୀ କର୍ମୀମାନଙ୍କ ଛଡ଼ା ସମଗ୍ର ଦେଶରେ ଗୋଷ୍ଠୀ ଉନ୍ନୟନ ଦଳଗୁଡ଼ିକ ସମବାୟ ସଂସ୍ଥାର କାର୍ଯ୍ୟ ସମ୍ପର୍କୀୟ ଜ୍ଞାନ ଲାଭ କରିବେ ।

## ସରଳତର କାର୍ଯ୍ୟଧାରା

ଯଦି ସେବା-ସମବାୟଗୁଡ଼ିକୁ କାର୍ଯ୍ୟକାରୀ କରାଇବାରେ ଖୁବ୍ ଉଚ୍ଚ ଶିକ୍ଷା ପାଇ ନ ଥିବା ବେସରକାରୀ ଲୋକମାନଙ୍କ ଉପରେ କେତେକ ପରିମାଣରେ ସଫଳତା ହାସଲ କରିବା ପାଇଁ ନିର୍ଭର କରିବାକୁ ପଡ଼େ, ତେବେ ଏ ସମ୍ପର୍କୀୟ ଆଇନ-କାନୁନଗୁଡ଼ିକ ସରଳ କରାଯିବା ଦରକାର ଓ ଅମଲାତାନ୍ତ୍ରିକ ନିୟନ୍ତ୍ରଣରୁ ସେବା-ସମବାୟଗୁଡ଼ିକୁ ଯଥେଷ୍ଟ ସ୍ୱାଧୀନତା ମିଳିବା ଦରକାର । ଆଉ ମଧ୍ୟ ଖୁବ୍ କମ୍ ବିଳମ୍ବରେ ମାମଲାମକଦ୍ଦମା ଓ ବିବାଦର ଫଇସଲା କରାଯିବା ଉଚିତ ।

ଏ ସବୁ ପ୍ରଶ୍ନ ଏବଂ ସେବା-ସମବାୟର ପରିଚାଳନାରୁ ଦୁର୍ନୀତି ଦୂର କରିବା ସମ୍ପର୍କୀୟ ବ୍ୟବସ୍ଥାର ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ ଅଟେ । ଏଗୁଡ଼ିକ ଆଲୋଚନା କରାଯିବ । ଏହା ଫଳରେ ଭାରତର ଗାଁଗହଳରେ ଯୋଜନାବଦ୍ଧ ଅଗ୍ରଗତିର ଏକ ଢାଞ୍ଚା ପ୍ରସ୍ତୁତ ହୋଇପାରିବ ।

# ପୃଥିବୀର ସମାପ୍ତି

ଶୁଖିଲା ପତ୍ର ଉପରେ ଗୋଟିଏ ଫଳ ପଡ଼ିବାର ଶବ୍ଦ ଶୁଣି ଠେକୁଆ ଭାବିଲା ସେଇଟା ନିଶ୍ଚୟ ପୃଥିବୀ ଭାଙ୍ଗି ପଡ଼ୁଥିବାର ଶବ୍ଦ। ସେ କହିଲା, "ମୋର ଜୀବନ ରକ୍ଷା କରିବା ପାଇଁ ମୋତେ ଦୌଡ଼ି ପଳାଇବାକୁ ହେବ।"

ଠେକୁଆ ଖୁବ୍ ଜୋରରେ ଦୌଡ଼ିବାକୁ ଆରମ୍ଭକଲା। ଏହାଦେଖି ପଛଆଡ଼େ ଚରୁଥିବା ହରିଣ ତାକୁ ପଚାରିଲା, "ଆହେ ଭାଇ, ଏ ତରବର କେଉଁଥି ପାଇଁ ?

ଠେକୁଆ କହିଲା, "ତୁ କ'ଣ ଜାଣୁନା ଯେ, ପୃଥିବୀ ଭାଙ୍ଗି ପଡ଼ୁଛି। ଜୀବନକୁ ବଞ୍ଚାଇବା ପାଇଁ ମୋ ପଛେ ପଛେ ଧାଅଁ।"

ହରିଣ ଠେକୁଆ ପଛେ ପଛେ ଦ୍ରୁତ ବେଗରେ ଦୌଡ଼ିବା ଆରମ୍ଭ କଲା। ଏହା ଦେଖି ସାଙ୍ଗେ ସାଙ୍ଗେ ଗୋଟିଏ ମଇଁଷି, ଷଣ୍ଢୁଆ ବଳଦ, ଗଣ୍ଡା, ବାଘ, ହାତୀ ଏବଂ ସିଂହ ଦୌଡ଼ିବା ଆରମ୍ଭକଲେ।

କ୍ଳାନ୍ତ ହେବା ପର୍ଯ୍ୟନ୍ତ ସେମାନେ ମାଇଲ ମାଇଲ ଧରି ଦୌଡ଼ିଲେ। ଶେଷରେ ହାତୀ ଆଶ୍ଚର୍ଯ୍ୟ ହେଲା, ଯେ ପୃଥିବୀତ ଭାଙ୍ଗି ପଡ଼ୁନ। ତେଣୁ ସେ ବାଘକୁ ପଚାରିଲା, "ଭାଇ, ବାଘ, ତୁ କି ଭାବରେ ଜାଣୁ ପୃଥିବୀ ଭାଙ୍ଗି ପଡ଼ୁଛି ?


ବାଘ ରହିଯାଇ କହିଲା "ଗଣ୍ଡାତ ମୋତେ ତାହା କହିଥିଲା।"

ଗଣ୍ଡା କହି ଉଠିଲା 'ମୁଁ ଏ ବିଷୟରେ ନିଶ୍ଚିତ ନୁହେଁ। ଷଣ୍ଢୁଆ ବଳଦ ମୋତେ କହିଲା।" ବଳଦ ପ୍ରତିବାଦ କରି ଉଠିଲା. "ମୋତେ ଦୋଷ ଦିଅନା", ମଇଁଷି ଯାହା କହିଲା ତାକୁ ମୁଁ ପୁନରାବୃତ୍ତି କଲି।

ମଇଁଷି ହରିଣକୁ ଦେଖାଇଲା। ହରିଣ ଚୁପ୍ ଚୁପ୍ ହେଲା। ଶେଷରେ ଠେକୁଆ କଥାଟି ଆରମ୍ଭ କଲା। ହାତୀ ଠେକୁଆକୁ ପ୍ରଶଂସା କରି ପଚାରିଲା 'ଆଚ୍ଛା। ଠେକୁଆ ମହାଶୟ, ପୃଥିବୀ ଭାଙ୍ଗି ପଡ଼ୁଛି ବୋଲି ଆପଣଙ୍କୁ କିଏ କହିଲା ?"

ଗାମ୍ଭୀର୍ଯ୍ୟସହ ଠେକୁଆ ଉତ୍ତର ଦେଲା, "ମୋତେ କେହି କହିବା ଦରକାର ନାହିଁ। ମୁଁ ଗୋଟାଏ ଶବ୍ଦ ଶୁଣିଲି ଓ ଭାବିଲି ଯେ ଏଇଥର ପୃଥିବୀର ସମାପ୍ତି ହେଲା।"

ହାତୀ ହସି ଉଠି କହିଲା "ଆପଣ ଏହା ଭାବିଲେ।"



ଅନ୍ୟାନ୍ୟମାନେ ହସି ଉଠିଲେ।

ଉପଦେଶ—ବିଷୟବସ୍ତୁ ମିଛଥିବା ବେଳେ ତା ଜଣାଥିଲା ବେଳେ ଗୁଜବକୁ ବିଶ୍ୱାସ କରିବା ଆଦୌ ଉଚିତ ନୁହେଁ।

ଧରନ୍ତୁ 'ଡାଲଡା'। ଏହା ବିଷୟରେ ପ୍ରକୃତ ସତ କଥା କ'ଣ ? ଏହା ଗୋଟିଏ ସବୁପ୍ରକାର ରନ୍ଧଣାର ମାଧ୍ୟମ। ସରକାରଙ୍କର କଡ଼ା ନିର୍ଦ୍ଦେଶ ଅନୁଯାୟୀ ବିଶୁଦ୍ଧ ଭେଷଜ ତେଲରୁ ଏହା ତିଆରି।

ଅଧିକ ପୁଷ୍ଟିପାଇଁ ଏହାର ପ୍ରତି ଆଉନ୍ସରେ ୭୦୦ ଇଣ୍ଟର ନେସନାଲ ଇଉନିଟ ଭିଟାମିନ 'ଏ' ଯୋଗ କରାଯାଇଛି। ଆଉ ମଧ୍ୟ ଆଉନ୍ସ ପ୍ରତି ୫୬ ଇଉନିଟ୍ ଭିଟାମିନ୍ 'ଡି' ମଧ୍ୟ ଏଥିରେ ଯୋଗ କରାଯାଇଛି। ଅବଶ୍ୟ ଗୃହିଣୀ 'ଡାଲଡା' ବଛାଇ ଦେଇ ରାନ୍ଧନ୍ତି—କାରଣ ସେମାନେ ଜାଣନ୍ତି ଏହା ଯେ କେବଳ ଗୋଟିଏ ରାନ୍ଧଣାର ମାଧ୍ୟମ ତାହା ନୁହେଁ ଖୁବ୍ ପୁଷ୍ଟିକର ମଧ୍ୟ।

ହିନ୍ଦୁସ୍ଥାନ ଲିଭର ଲି, ବମ୍ବେ

DL. 470-X 52 RY

# ଓଡ଼ିଶାରେ ସେବା-ସମବାୟ ଗଠନ ପାଇଁ ଆଲୋଚନା

## ନିକଟରେ ଭୁବନେଶ୍ୱରଠାରେ ଅନୁଷ୍ଠିତ
## ସମବାୟ ଆଲୋଚନା ଚକ୍ରରେ ଗୃହୀତ ସିଦ୍ଧାନ୍ତର ସାରମର୍ମ

### ଏକମାତ୍ର ସେବା-ସମବାୟ

ଏହି ଅଞ୍ଚଳପାଇଁ ସାଧାରଣତଃ ଗୋଟିଏ ସେବା-ସମବାୟ ସମିତି ରହିବା ଉଚିତ । ମୃତ୍ତିକା ସଂରକ୍ଷଣ ଓ କ୍ଷୁଦ୍ର ଜଳସେଚନ ପ୍ରଭୃତି ଯେଉଁସବୁ ଲକ୍ଷ୍ୟ ପୂରଣ ପାଇଁ ଦୀର୍ଘ-ମିଆଦି ଋଣ ଆବଶ୍ୟକ, ସେଥିପାଇଁ କିମ୍ବା ଖାଉଟି ଜିନିଷ ଯୋଗାଇବାପାଇଁ ଅଲଗା ଅଲଗା ସମିତି ରହିବା ଉଚିତ ନୁହେଁ । କିନ୍ତୁ ଅଲଗା [ଅଲଗା କାମପାଇଁ; ଅର୍ଥାତ ଲୁଗାବୁଣା, ମାଛଧରା ଓ କୁକୁଡ଼ାପାଳନ ପ୍ରଭୃତି ବ୍ୟବସାୟ ପାଇଁ ଯଦି କୌଣସି ଅଞ୍ଚଳରେ ଯଥେଷ୍ଟସଂଖ୍ୟକ ଲୋକ ଥାଆନ୍ତି, ତେବେ ସେଠାରେ ଉପରୋକ୍ତ ପ୍ରତ୍ୟେକ ବ୍ୟବସାୟ ପାଇଁ ଅଲଗା ଅଲଗା ସମିତି ଗଠନ କରାଯାଇପାରେ । ଉପଯୁକ୍ତ ଲକ୍ଷ୍ୟ ବ୍ୟତୀତ ଅଗ୍ନି-ନିରୋଧ, ଗୃହନିର୍ମାଣ ଓ କମାଣ (ପ୍ରୋସେସିଂ) ପ୍ରଭୃତି କାର୍ଯ୍ୟକୁ ମଧ୍ୟ ସେବା-ସମବାୟ ସମିତିର ଲକ୍ଷ୍ୟ ମଧ୍ୟରେ ଗଣାଯାଇପାରେ । ସମିତି ଯେ କେବଳ ସ୍ୱଳ୍ପ-ମିଆଦି ଓ ମଧ୍ୟମ-ମିଆଦି ଋଣ ଦେବ ତାହା ନୁହେଁ, ଏହା ବାସଗୃହ ନିର୍ମାଣ, କୃଷି ଜମିର ଉନ୍ନତିବିଧାନ ଓ କ୍ଷୁଦ୍ର ଜଳସେଚନ ଇତ୍ୟାଦି ପାଇଁ (ଯେଉଁଠାରେ ସମ୍ଭବ), ଦୀର୍ଘ-ମିଆଦି ଋଣ ମଧ୍ୟ ଯୋଗାଇବ ।

ଖାଉଟି ଜିନିଷଗୁଡ଼ିକର ବ୍ୟବସାୟ ସମ୍ପର୍କରେ ସମିତି କେବଳ ଏଜେନ୍ସି ବା କାରବାରଦାର ହିସାବରେ କାର୍ଯ୍ୟ କରିପାରେ । ଯଦିଓ ସମିତିର ଲକ୍ଷ୍ୟ ଭିତରେ ଉପରଲିଖିତ ବହୁସଂଖ୍ୟକ ବିଷୟ ରଖାଯାଇଛି । ତଥାପି ସମିତିର ଅଭିଜ୍ଞତା ବଢ଼ିବା ସଙ୍ଗେ ସଙ୍ଗେ ଉକ୍ତ ବିଷୟଗୁଡ଼ିକୁ ଆସ୍ତେ ଆସ୍ତେ ହାତକୁ ନେବାପାଇଁ ଏକ ପର୍ଯ୍ୟାୟବଦ୍ଧ କାର୍ଯ୍ୟକ୍ରମ ରଖାଯିବା ଉଚିତ ।

୨ । ଗୋଟିଏ ସେବା-ସମବାୟର ଆୟତନ ସାଧାରଣତଃ ପୁନଃସଂଗଠିତ ଗ୍ରାମପଞ୍ଚାୟତର ଆୟତନ ସହିତ ସମାନ ରହିବ ଏବଂ ଅବସ୍ଥାର ଆବଶ୍ୟକତାନୁଯାୟୀ ସାଧାରଣତଃ ଏହାର ଲୋକସଂଖ୍ୟା ୧୦୦୦ରୁ ୨୫୦୦ ପର୍ଯ୍ୟନ୍ତ ରହିବ । ଯାହା ହେଉ, କୌଣସି ଗ୍ରାମପଞ୍ଚାୟତ ଯେଉଁ ଯେଉଁ ଅଞ୍ଚଳ ମଧ୍ୟରେ କାର୍ଯ୍ୟକାରୀ ହେଉଛି, ସେଠିକାର ସମିତି ମଧ୍ୟ ସେହି ସେହି ଅଞ୍ଚଳରେ ଯେପରି କାର୍ଯ୍ୟକାରୀ ହୁଏ, ସେଥି ନିମନ୍ତେ ଚେଷ୍ଟା କରାଯିବ । କିନ୍ତୁ ଅଳ୍ପ ଲୋକସଂଖ୍ୟାବିଶିଷ୍ଟ ଅଞ୍ଚଳରେ ଗୋଟିଏ ଗ୍ରାମପଞ୍ଚାୟତ ଅଧୀନରେ ଏକାଧିକ ସମିତି ରହିପାରେ । ତାହାହେଲେ ସଭ୍ୟମାନେ ପରସ୍ପରର ମତାମତ ସହିତ ଜଣାଶୁଣା ହୋଇପାରିବେ ଓ କାର୍ଯ୍ୟ ତଦାରଖ କରିବାର ସୁବିଧା ହୋଇ ପାରିବ । ଅନ୍ୟପକ୍ଷରେ ଯଦି ଗୋଟିଏ ଗ୍ରାମରେ ୨୫୦୦ରୁ ବେଶୀ ଲୋକ ଥାଆନ୍ତି ଓ ସ୍ୱତନ୍ତ୍ର କୌଣସି ବ୍ୟବସ୍ଥା ଯୋଗୁଁ ଅଲଗା ଅଲଗା ସମିତି ଗଢ଼ିବା ଆବଶ୍ୟକ ବୋଧ ହେଉ ନ ଥାଏ, ତେବେ ସେଠାରେ ଗୋଟିଏ ମାତ୍ର ସେବା-ସମବାୟ ସମିତି ରଖାଯାଇପାରେ ।

୩ । ସରକାର ସେବା-ସମବାୟ ସମିତିଗୁଡ଼ିକୁ ଅଂଶ ମୂଳଧନ ବାବଦରେ ଅର୍ଥ ଯୋଗାଇବା ଉଚିତ । ଓଡ଼ିଶାରେ ଆଦିବାସୀ, ହରିଜନ ଓ ଅନ୍ୟାନ୍ୟ

ଅନୁନ୍ନତ ଶ୍ରେଣୀର ଅନୁପାତ ବହୁତ ବେଶୀ । ତେଣୁ ସମିତି ଯଥେଷ୍ଟ ପରିମାଣରେ ଧାର କରିବାକୁ ସମର୍ଥ ହେବା ଉଦ୍ଦେଶ୍ୟରେ ସେମାନେ ସେଥିରେ ପର୍ଯ୍ୟାପ୍ତ ପରିମାଣରେ ଅଂଶ ମୂଳଧନ ଖଟାଇପାରିବେ ନାହିଁ । ଫଳରେ ସରକାରଙ୍କୁ ଆବଶ୍ୟକୀୟ ଅଂଶ ମୂଳଧନ ଖଟାଇବାକୁ ପଡ଼ିବ । ତାହାହେଲେ ଉପରୋକ୍ତ ପ୍ରଥମ ଓ ଦ୍ୱିତୀୟ ବିଷୟରେ ଯେଉଁସବୁ ଲକ୍ଷ୍ୟର ଉଲ୍ଲେଖ କରାଗଲା, ସେଥିର ଅନ୍ତର୍ଭୁକ୍ତ କାର୍ଯ୍ୟଗୁଡ଼ିକୁ ସମିତି କାର୍ଯ୍ୟକାରୀ କରିପାରିବ । ଆଉ ମଧ୍ୟ ଏହାଫଳରେ ଜନସାଧାରଣଙ୍କ ମନରେ ଯଥେଷ୍ଟ ପ୍ରତ୍ୟୟ ଜନ୍ମିବ ଓ ସେମାନେ ଟଙ୍କା ଓ ଦ୍ରବ୍ୟ ଆକାରରେ ଅର୍ଥ ଖଟାଇବାକୁ ଆକୃଷ୍ଟ ହେବେ ।

୪ । ପ୍ରସ୍ତାବିତ ସେବା-ସମବାୟ ସମିତିର ବହୁବିଧ କାର୍ଯ୍ୟକଳାପ ଚଳାଇବାକୁ କ୍ଷମ ହେବା ଭଳି ଜଣେ ଦକ୍ଷ ଓ ତାଲିମପ୍ରାପ୍ତ ସମ୍ପାଦକ ପାଇବା ନିମନ୍ତେ ୫ ବର୍ଷ ମଧ୍ୟରେ ଟ ୯୦୦୲ର ଆର୍ଥିକ ସାହାଯ୍ୟ (ସବ୍‌ସିଡି) ଯଥେଷ୍ଟ ହେବ ନାହିଁ । ତେଣୁ ସୁପାରିଶ କରାଯାଉଛି ଯେ ଏହି ଆର୍ଥିକ ସାହାଯ୍ୟ ଟ ୧୫୦୦୲ଙ୍କାକୁ ବଢ଼ାଇ ଦିଆଯାଉ ଓ ନିମ୍ନଲିଖିତ ଭାବେ ୫ବର୍ଷ ମଧ୍ୟରେ ଏହା ଦିଆଯାଉ:—

ପ୍ରଥମ ୨ବର୍ଷ ପାଇଁ ବାର୍ଷିକ ଟ ୬୦୦୲ ।
ପରବର୍ତ୍ତୀ ୨ ବର୍ଷପାଇଁ ବାର୍ଷିକ ଟ ୪୮୦୲ ।
୫ ବର୍ଷ ପାଇଁ ଟ ୩୫୦୲ ।

୫ । ସମବାୟ ଗୃହପାଇଁ ଅଧିକ ବିକାଶପ୍ରାପ୍ତ ସମବାୟ-ସ୍ପୃହା ଦରକାର ହେଉଥିବାରୁ ଯେଉଁଠାରେ ସେବା-ସମବାୟଗୁଡ଼ିକ ସଫଳଭାବେ କାର୍ଯ୍ୟକାରୀ ହୋଇଛି, ସେଇଠାରେ ହିଁ ସାଧାରଣତଃ ସମବାୟ ଗୃହ ପାଇଁ ଚେଷ୍ଟା କରାଯାଇପାରେ ।

## ଭାରତରେ ଆଲୁମ୍ୟୁନିୟମ୍ ଶିଳ୍ପ

ଆଲୁମ୍ୟୁନିୟମ୍ ଶିଳ୍ପ କ୍ଷେତ୍ରରେ ଭାରତ କ୍ରମେ ଅଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରୁଛି । କାରଣ ଏହି ଧାତୁଟି ଅତି ହାଲ୍‌କା । ଏଥିରେ କଳଙ୍କି ଲାଗେନାହିଁ ଏବଂ ଏହା ଶୀଘ୍ର ଗରମ ହୋଇପାରେ ।

ଆଲୁମ୍ୟୁନିୟମ୍ ଧାତୁ ବର୍ତ୍ତମାନ ୩୦ଟି ଶିଳ୍ପରେ ବ୍ୟବହୃତ ହେଉଛି ଏବଂ ଏଥିରୁ ପ୍ରାୟ ଦୁଇ ହଜାର ଦ୍ରବ୍ୟ ଉତ୍ପାଦିତ ହେଉଛି ।

ପ୍ରଧାନତଃ ବକ୍‌ସାଇଟ୍‌ରୁ ଆଲୁମ୍ୟୁନିୟମ୍ ଧାତୁ ବାହାରେ । ସାଧାରଣତଃ ଲାଟେରାଇଟ୍ ମିଳୁଥିବା ସ୍ଥାନରେ ବକ୍‌ସାଇଟ୍ ମିଳିଥାଏ । ଓଡ଼ିଶା, ବିହାର, ମଧ୍ୟ-ପ୍ରଦେଶ ଓ ବମ୍ବେର ମାଳଭୂମିରେ ଲାଟେରାଇଟ୍ ଖଣିମାନ ରହିଛି । ଜବଲପୁର ଜିଲାର କାଟେନିଠାରେ ମାଟିତଳେ ଲାଟେରାଇଟ୍ ଓ ବକ୍‌ସାଇଟ୍ ମିଳେ ।

# ହୀରାକୁଦ ଶିଳକାମ ପରୀକ୍ଷା କେନ୍ଦ୍ର


**ଏମ୍. ଏସ୍. ଥିରୁମଲ ଆୟେଙ୍ଗାର**

ଚିଫ୍ ଇଞ୍ଜିନିୟର, ହୀରାକୁଦ ବନ୍ଧ ଯୋଜନା



( ଗେଣ୍ଟି ପଥର ଓ ଗାହ୍ନୁଣି ମସଲାର ବ୍ୟବହାର ସମ୍ପର୍କରେ ହୀରାକୁଦରେ ଗବେଷଣା ଓ ପରୀକ୍ଷା କରାଯାଇଛି । ଗେଣ୍ଟି ପଥର ଓ ଗାହ୍ନୁଣି ମସଲାର ଉପଯୋଗିତା ଓ ଅନ୍ୟ ବିଶେଷତ୍ୱ ସମ୍ପର୍କରେ ପ୍ରବନ୍ଧଟିରେ ଆଲୋଚନା କରାଯାଇଛି । )


**ଖ୍ରୀଷ୍ଟୀୟ** ଦ୍ୱିତୀୟ ଶତାବ୍ଦୀଠାରୁ ଆମ ଦେଶରେ ଗେଣ୍ଟି ପଥର ଗାହ୍ନୁଣି ମସଲାର ବ୍ୟବହାର ହୋଇ ଆସିଛି । ଏବେ ମଧ୍ୟ ଏହାର ବ୍ୟବହାର ଦେଖାଯାଏ । ବନ୍ଧ ନିର୍ମାଣ କାର୍ଯ୍ୟରେ ମଧ୍ୟ ଏହାର ବ୍ୟବହାର କରାଯାଇଛି ଏବଂ ଏହାଦ୍ୱାରା ନିର୍ମିତ ବନ୍ଧ ଦୃଢ଼ତା ଓ ସ୍ଥାୟିତ୍ୱ ଦୃଷ୍ଟିରୁ ବିଶେଷ ଉପଯୋଗୀ ବିବେଚିତ ହୋଇଛି ।

କେତେକ ଇଞ୍ଜିନିୟର ବନ୍ଧ ନିର୍ମାଣ, ବିଶେଷତଃ ବଡ଼ ବଡ଼ ବନ୍ଧ ନିର୍ମାଣ କାର୍ଯ୍ୟରେ ନିର୍ଦ୍ଦିଷ୍ଟ ପରିମାଣ ଗେଣ୍ଟି ପଥର ବ୍ୟବହାରର ପକ୍ଷପାତୀ । କାରଣ, ସେମାନଙ୍କର ବିଶ୍ୱାସ ଯେ ଅଧିକ ପରିମାଣର ଗେଣ୍ଟି ପଥର ବ୍ୟବହାର କରିଗଲେ ଏହା ମଜବୁତ୍ ହୋଇ ନ ପାରେ ।

ଗାହ୍ନୁଣି ମସଲା ବିଶେଷ ମଜବୁତ୍ ହୋଇ ନ ଥିବାରୁ ଗେଣ୍ଟି ପଥରକାମ ଦୃଢ଼ ହେବ ନାହିଁ ବୋଲି ମନେ କରିବା ଠିକ୍ ନୁହେଁ । କାରଣ, କଂକ୍ରୀଟ୍ କାମରେ ଗାହ୍ନୁଣି ମସଲା ପରି ଜିନିଷ ବ୍ୟବହାର କରାଯାଇଥିଲେ ମଧ୍ୟ ତାହା ମଜବୁତ୍ ହେଉଥିଲାବେଳେ ଗେଣ୍ଟି ପଥର କାମ ମଜବୁତ୍ ନ ହେବ କାହିଁକି ? ସିମେଣ୍ଟ ଓ କଂକ୍ରୀଟ୍ ମିଶି କଂକ୍ରୀଟ୍ କାମ ଯେପରି ଏକରୂପତା ଲାଭ କରି ଏକ ଖଣ୍ଡରେ ପରିଣତ ହୁଏ, ଗେଣ୍ଟି ପଥର ଓ ଗାହ୍ନୁଣି ମସଲା ମିଶି ଗେଣ୍ଟି ପଥରକାମ ମଧ୍ୟ ସେହିପରି ଏକରୂପତା ଲାଭ କରି ଏକ ଖଣ୍ଡରେ ପରିଣତ ହେବ ।

ପଥରକାମର ଦୃଢ଼ତା ପରୀକ୍ଷା କରିବା କଷ୍ଟକର । ଏଥିପାଇଁ ଆବଶ୍ୟକ ହେଉଥିବା ବଡ଼ ଯନ୍ତ୍ର ମଧ୍ୟ ଆମର ନାହିଁ । ଏହି ସବୁ ଅସୁବିଧା ବିଚାର କରି କାମ ପରୀକ୍ଷା କେନ୍ଦ୍ର ଗବେଷଣାଗାର ସ୍ଥାପନ କରାଯାଇଛି ।

## ବିଶାଳ ପରୀକ୍ଷା କେନ୍ଦ୍ର

ପରୀକ୍ଷା କେନ୍ଦ୍ରର ଗବେଷଣାଗାରରେ ୪୫ ଲକ୍ଷରୁ ୬୨ ଲକ୍ଷ ୫୦ ହଜାର ପାଉଣ୍ଡ ଶକ୍ତିବିଶିଷ୍ଟ ଯନ୍ତ୍ର ରଖାଯାଇଛି । ଏଥିପାଇଁ କେବଳ ୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏହି ଗବେଷଣାଗାର ପାଇଁ ସାଧାରଣ ଇସ୍ପାତ ଯନ୍ତ୍ରପାତି ବସାଇବାରେ ଯାହା ଖର୍ଚ୍ଚ ହୁଅନ୍ତା, ଉପରୋକ୍ତ ପରିମାଣ ତା'ର ଦଶଭାଗରୁ ଏକ ଭାଗ ମାତ୍ର । ଗବେଷଣାଗାରରେ ଗୋଟିଏ 'ହାଇଡ୍ରାଲିକ୍ ଜ୍ୟାକ୍' ରହିଛି । ଖୁବ୍ ଶୀଘ୍ର ଆଉ ଦୁଇଟି ସ୍ଥାପିତ ହେବ । ଗେଣ୍ଟି ପଥର ଓ ଗାହ୍ନୁଣି ମସଲାରେ ପ୍ରସ୍ତୁତ ନମୁନା ପଥରଖଣ୍ଡ ଉପରେ ୪୫ ଲକ୍ଷ ପାଉଣ୍ଡ ଓଜନର ଚାପ ଦେବାପାଇଁ ଏଠାରେ ବ୍ୟବସ୍ଥା ହୋଇଛି ।

## ଗେଣ୍ଟି ପଥରକାମରେ ଲାଭ

ଗତ ଦୁଇ ବର୍ଷ ମଧ୍ୟରେ ବିଭିନ୍ନ ପ୍ରକାର କଂକ୍ରୀଟ୍ ଓ ପଥର ବ୍ଲକ ସମ୍ପର୍କରେ ବହୁ ଗବେଷଣା କରାଯାଇଛି । ଏଥିରୁ କେତେକ ସିମେଣ୍ଟ-ବାଲି, କେତେକ ସିମେଣ୍ଟ-ସୁର୍କି ଏବଂ କେତେକ ଚୂନ-ସୁର୍କି

ଗାନ୍ଥୁଣି ମସଲାରେ ନିର୍ମିତ । ଏହି ଗବେଷଣା ଫଳରେ ଜଣାପଡ଼ିଛି ଯେ ଦୃଢ଼ତା ଦୃଷ୍ଟିରୁ ପଥରକାମ କଂକ୍ରୀଟ୍ କାମ ଅପେକ୍ଷା ନିକୃଷ୍ଟ ନୁହେଁ । ଅଧିକ ଉଚ୍ଚତା-ବିଶିଷ୍ଟ ଓର୍ଗ ବନ୍ଧ ନିର୍ମାଣରେ ମଧ୍ୟ ଏହା ବ୍ୟବହାର କରାଯାଇପାରେ ।

ଏହି ପରୀକ୍ଷା ଫଳରେ ନାଗାର୍ଜୁନସାଗର ବନ୍ଧ ନିର୍ମାଣରେ ଖର୍ଚ୍ଚ ହ୍ରାସ ପାଇଛି । ଏହି ବନ୍ଧର ଯେଉଁ ସବୁ ସ୍ଥାନରେ ବର୍ଗଫୁଟ ପ୍ରତି ଚାପ ୨୦ ଟନ୍‌ରୁ ଅଧିକ, ସେଠାରେ 'କଂକ୍ରୀଟ୍ ବ୍ୟବହାର କରିବାକୁ ସ୍ଥିର ହୋଇଥିଲା । ଏହି ସବୁ ସ୍ଥାନରେ ଗବେଷଣାର ସିଦ୍ଧାନ୍ତ ଅନୁଯାୟୀ କଂକ୍ରୀଟ୍ ପରିବର୍ତ୍ତେ ସିମେଣ୍ଟ ଗାନ୍ଥୁଣି ମସଲା ଓ ଗ୍ରେନିଟ ପଥର ବ୍ୟବହାର କରାଯିବା ଫଳରେ ଖର୍ଚ୍ଚ ପ୍ରାୟ ୪୦ ଲକ୍ଷ ଟଙ୍କା ହ୍ରାସ ପାଇଛି ।

ଚୂନ-ସୁର୍କି ଗାନ୍ଥୁଣି ମସଲାର ପଥରକାମ ସମ୍ପର୍କରେ ଏଠାରେ ନିକଟରେ କରାଯାଇଥିବା ଗବେଷଣା ମହୀଶୂର ରାଜ୍ୟର ସାରବତୀ ଉପତ୍ୟକା ଯୋଜନା ପାଇଁ ବିଶେଷ ଉପଯୋଗୀ ହୋଇଛି । ସାରବତୀ ବିଦ୍ୟୁତ୍ ଯୋଜନାର ଦୁଇଟି ବନ୍ଧରେ ଚୂନ-ସୁର୍କିର ଗାନ୍ଥୁଣି ମସଲା ବ୍ୟବହାର କରାଯିବ । କାରଣ ଏଇ ଯୋଜନାର ନିକଟରେ ପଥରକାମ ପାଇଁ ଯଥେଷ୍ଟ ପରିମାଣରେ ବାଲି ମିଳିବ ନାହିଁ ଏବଂ ପଥରକୁ ଚୂର୍ଣ୍ଣ ବାଲିରେ ପରିଣତ କରାଗଲେ ଅଧିକ ଖର୍ଚ୍ଚ ହେବ ।

ଏଇ ଗବେଷଣାଗାରରେ ଅତି ଅଳ୍ପ ଖର୍ଚ୍ଚରେ ପ୍ରମାଣିତ ହୋଇପାରିଛି ଯେ ନାଗାର୍ଜୁନସାଗର ବନ୍ଧ ପରି ବଡ଼ ବଡ଼ ବନ୍ଧ ପାଇଁ ପଥରକାମ ମଧ୍ୟ ନିରାପଦ । ଏହିହେତୁ ଭବିଷ୍ୟତରେ ବଡ଼ ବନ୍ଧ ନିର୍ମାଣ କାର୍ଯ୍ୟ ପାଇଁ ଉପକରଣ ସ୍ଥିର କରିବା ସୁବିଧାଜନକ ହେବ । ଏହା ଦ୍ୱାରା ଭାରତୀୟ ଇଞ୍ଜିନିୟରମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହେବା ସଙ୍ଗେ ସଙ୍ଗେ ବିଦେଶୀ ଇଞ୍ଜିନିୟରମାନଙ୍କର ଏଇ ପ୍ରକାର ସମସ୍ୟାଗୁଡ଼ିକ ମଧ୍ୟ ସମାଧାନ ହୋଇପାରିବ ।

ଗବେଷଣାଗାର ପକ୍ଷରୁ କେବଳ ଦୁଇବର୍ଷ ମାତ୍ର ଗବେଷଣା କରାଯାଇଛି । ଏହା ଫଳରେ ନାଗାର୍ଜୁନ ସାଗର, ସାରବତୀ, ହୀରାକୁଦ, କୋୟେନା ଏବଂ ବମ୍ବେର ସିଦ୍ଧେଶ୍ୱର ବନ୍ଧ ଯୋଜନା ପାଇଁ ବହୁ ଉପଯୋଗୀ ତଥ୍ୟ ମିଳିଛି । ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ଏହି ଗବେଷଣାଗାର ଅଦ୍ୱିତୀୟ । ଗବେଷଣା ଫଳରେ ବନ୍ଧ ନିର୍ମାଣ ପାଇଁ ଅଧିକ ଉପଯୋଗୀ ତଥ୍ୟ ଜଣାପଡ଼ିବା ଆଶା କରାଯାଏ ।


## କେତେକ ଜାଣିବାର କଥା

ଭାରତରେ ୨୫ କୋଟି ଟନ୍ ବକ୍ସାଇଟ୍ ପଥର ଅଛି ବୋଲି ଅଟକଳ କରାଯାଇଛି । କିନ୍ତୁ ଏଥିମଧ୍ୟରୁ ୨ କୋଟି ୨୮ ଲକ୍ଷ ଟନ୍ କାର୍ଯ୍ୟରେ ଲଗାଯାଇ ପାରିବ । କାର୍ଯ୍ୟୋପଯୋଗୀ ବକ୍ସାଇଟ୍‌ର ଏକ-ତୃତୀୟାଂଶ ବିହାର ପ୍ରଦେଶରେ ଅବସ୍ଥିତ ।

୧୯୩୮ ମସିହାରେ ୧ ଲକ୍ଷ ୭୬ ହଜାର ଟଙ୍କା ମୂଲ୍ୟର ୨୨,୧୫୬ ଟନ୍ ବକ୍ସାଇଟ୍ ଉତ୍ପାଦିତ ହୋଇଥିଲା । ୧୯୫୮ରେ ଉତ୍ପାଦନ ପରିମାଣ ୧୧ ଲକ୍ଷ ୪ ହଜାର ୯ ଶହ ୯୯ ଟନ୍‌କୁ ବୃଦ୍ଧି ପାଇଲା । ଏହାର ମୂଲ୍ୟ ହେବ ୧୦ ଲକ୍ଷ ୪୦ ହଜାର ଟଙ୍କା ।



ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ସମବାୟ ଆଲୋଚନା-
ଚକ୍ରରେ ଶିକ୍ଷା-ମନ୍ତ୍ରୀ ଶ୍ରୀ ରାଧାନାଥ ରଥ ଭାଷଣ ଦେଉଛନ୍ତି



ଗତ ସ୍ୱାଧୀନତା ଦିବସରେ ଭୁବନେଶ୍ୱରର ବାପୁଜୀ ନଗରଠାରେ ରାଜସ୍ୱ-ମନ୍ତ୍ରୀ
"ବାପୁଜୀ ପ୍ରାଥମିକ ବିଦ୍ୟାଳୟ" ଉଦ୍‌ଘାଟନ କରୁଅଛନ୍ତି



‘‘ବାପୁଜୀ ପ୍ରାଥମିକ ବିଦ୍ୟାଳୟ’’ର ଛାତ୍ରଛାତ୍ରୀ ଓ ଅଭିଭାବକଗଣ

# ତୃତୀୟ ପଞ୍ଚବାର୍ଷିକ ଯୋଜନାର ପରିମାଣ

## ଡକ୍ଟର ଶ୍ରୀରାମଚନ୍ଦ୍ର ଦାସ ଓ ବୈଦ୍ୟନାଥ ମିଶ୍ର

ଶ୍ରୀରାମବାବୁ :—ତୃତୀୟ ପଞ୍ଚବାର୍ଷିକ ଯୋଜନାର ପରିମାଣ ଠିକ୍ କରିବା ଆଗରୁ ଦୁଇଟି ଦିଗପ୍ରତି ଦୃଷ୍ଟି ଦେବାକୁ ପଡ଼ିବ—ପ୍ରଥମଟି ହେଉଛି ଆମର ଆବଶ୍ୟକତା ଓ ଦ୍ୱିତୀୟଟି ଆମର ସମ୍ବଳ । ଅର୍ଥାତ୍ ଆମର କେତେ ଆର୍ଥିକ ପ୍ରଗତି ଦରକାର ଓ ଆମେ କେତେଦୂର ଆଗେଇ ପାରିବା ।

ବୈଦ୍ୟନାଥବାବୁ :—ପ୍ରଥମେ ଏହି ଆବଶ୍ୟକତା କଥାଟି ବିଚାର କରାଯାଉ । ଆମର ବର୍ତ୍ତମାନ ଜାତୀୟ ଆୟ ହେଉଛି ପ୍ରାୟ ୧୧,୦୦୦ କୋଟି ଟଙ୍କା । ତୃତୀୟ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ବେଳକୁ ଜାତୀୟ ଆୟ ପ୍ରାୟ ୧୨,୦୦୦ କୋଟି ଟଙ୍କା ହେବ । ପ୍ରତ୍ୟେକ ବର୍ଷ ତ ଜନସଂଖ୍ୟା ବଢ଼ିବାରେ ଲାଗିଛି ।

ଶ୍ରୀରାମବାବୁ :—ଆଗରୁ ତ ଜନସଂଖ୍ୟା ପ୍ରତ୍ୟେକ ବର୍ଷ ଏକ କି ଦେଢ଼ ଭାଗ ବଢ଼ୁଥିଲେ; ଏବେ ତ ବର୍ଷକୁ ପ୍ରାୟ ଦୁଇଭାଗ ବଢ଼ୁଛନ୍ତି । ଏହି ଯେଉଁ ଜନସଂଖ୍ୟା ବୃଦ୍ଧି ହେଉଛି, ସେମାନଙ୍କ ପାଇଁ ଆର୍ଥିକ ବ୍ୟବସ୍ଥା କରିବାକୁ ହେଲେ ଜାତୀୟ ଆୟ ପ୍ରତ୍ୟେକ ବର୍ଷ ବୃଦ୍ଧି ହେବା ଦରକାର ।

ବୈଦ୍ୟନାଥବାବୁ :—ବର୍ତ୍ତମାନ ଲୋକେ ଯେପରି ଚଳୁଛନ୍ତି, ସେହି ମାନଦଣ୍ଡକୁ ରକ୍ଷା କରିବାପାଇଁ ପ୍ରତ୍ୟେକ ବର୍ଷ ଅନ୍ତତଃ ୨୫୦ କୋଟି ଟଙ୍କା ଆୟ ବଢ଼ିବା ଦରକାର; ଅର୍ଥାତ ପ୍ରତ୍ୟେକ ବର୍ଷ ଜାତୀୟ ଆୟ ଶତକଡ଼ା ୨ ଭାଗ ବୃଦ୍ଧି ହେଲେ ଏବେ ଲୋକମାନେ ଯେପରି କଷ୍ଟେମଷ୍ଟେ ଚଳୁଛନ୍ତି, ଭବିଷ୍ୟତରେ ସେହିପରି କଷ୍ଟେମଷ୍ଟେ ଚଳି ପାରିବେ ।

ଶ୍ରୀରାମବାବୁ :—କିନ୍ତୁ ଆର୍ଥିକ ଯୋଜନାର ଅର୍ଥ ତ ତା ନୁହେଁ । ଆର୍ଥିକ ଯୋଜନା କରି ଜାତୀୟ ଆୟ ବୃଦ୍ଧି କରିବା ତ ଆମର ପ୍ରଧାନ ଉଦ୍ଦେଶ୍ୟ ।

ବୈଦ୍ୟନାଥବାବୁ :—ଜାତୀୟ ଆୟକୁ ବୃଦ୍ଧି କରିବାକୁ ହେଲେ ଆମକୁ ଆହୁରି ଅଧିକ ଆୟ ବଢ଼ାଇବାକୁ ପଡ଼ିବ । ପ୍ରଥମ ଯୋଜନାରେ ଆମେ ସରକାରୀ ଓ ବେସରକାରୀ ଉଭୟ କ୍ଷେତ୍ରରେ ପ୍ରାୟ ୩୧୦୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ଏବଂ ତା ଫଳରେ ମୋଟ ଆୟ ଶତକଡ଼ା ୧୮ ଭାଗ ବଢ଼ିଥିଲା ।

ଶ୍ରୀରାମବାବୁ :—ପ୍ରଥମ ଯୋଜନାରେ କୃଷି ଉପରେ ସିନା ବେଶୀ ଜୋର ଦିଆଯାଇଥିଲା ବୋଲି ଅଳ୍ପ ଖର୍ଚ୍ଚରେ ବେଶୀ ଆୟ ବଢ଼ିପାରିଲା; ଦ୍ୱିତୀୟ ଯୋଜନାରେ କଣ ତା ସମ୍ଭବ ହେବ ?

ବୈଦ୍ୟନାଥବାବୁ :—ପ୍ରଥମ ଯୋଜନାରେ 'ଯୋଜନା କମିଶନ' ମଧ୍ୟ ଏତେ ଆୟ ବୃଦ୍ଧି ହେବ ବୋଲି ଆଶା କରି ନ ଥିଲେ । ସେମାନଙ୍କର ଧାରଣା ଥିଲା ଯେ ଆୟ ମୋଟେ ୧୧ ଭାଗ ବଢ଼ିବ । ଯାହାହେଉ, ଆମର ସୌଭାଗ୍ୟରୁ ମୌସୁମୀ ସାହାଯ୍ୟ କଲା ଓ କୃଷିର ଉତ୍ପାଦନ ଅଧିକ ହେଲା । ଯୋଜନା କମିଶନ ହିସାବ କରିଥିଲେ ଯେ ଅଢ଼େଇ ଟଙ୍କା ପୁଞ୍ଜି ଖର୍ଚ୍ଚ କଲେ ପ୍ରାୟ ଟଙ୍କାକର ଜିନିଷ ଉତ୍ପାଦନ ହେବ । କିନ୍ତୁ ପ୍ରକୃତରେ ୧·୮ ଟଙ୍କା ପୁଞ୍ଜି ଖର୍ଚ୍ଚ କରି; ଅର୍ଥାତ୍

କମ ଖର୍ଚ୍ଚ କରି ଏକ ଟଙ୍କାର ଜିନିଷ ଉତ୍ପାଦନ କରାଯାଇ ପାରୁଥିଲା । ଏଇଟା ଆମ ଜାତୀୟ ଅର୍ଥନୀତିର କାର୍ଯ୍ୟକାରିତା ସୂଚକ ନାହିଁ କି ?

ଶ୍ରୀରାମବାବୁ :—ହିଁ, ତା ସତ୍ୟ । କିନ୍ତୁ ଦ୍ୱିତୀୟ ଯୋଜନା ଶିଳ୍ପ-ପ୍ରଧାନ ହୋଇଥିବାରୁ ସେଥିରେ ବିନିଯୋଗ ଓ ଉତ୍ପାଦନର ହାର ବଢ଼ିଯିବା ସ୍ୱାଭାବିକ । ତେଣୁ ଦ୍ୱିତୀୟ ଯୋଜନାରେ ୨.୩୦ ଟଙ୍କା ପୁଞ୍ଜିରେ ୧ ଟଙ୍କାର ଜିନିଷ ଆଦାୟ ହେବ ବୋଲି ଠିକ୍ କରାଯାଇଛି ।

ବୈଦ୍ୟନାଥବାବୁ :—ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଆମେ ଆମ ଆୟର ଶତକଡ଼ା ୨୫ ଭାଗ ବୃଦ୍ଧି କରିବାକୁ ଠିକ୍ କରି ସେହି ଅନୁପାତରେ ସରକାରୀ ଓ ବେସରକାରୀ ଯୋଜନା ଖର୍ଚ୍ଚ ୭୨୦୦ କୋଟି ଟଙ୍କା ନିର୍ଦ୍ଧାରିତ କରିଛୁ । ଅର୍ଥାତ୍ ୨.୩୦ ଟଙ୍କା ପୁଞ୍ଜି ଖର୍ଚ୍ଚ କଲେ ଯଦି ଟଙ୍କାକର ଜିନିଷ ଉତ୍ପାଦନ କରାଯାଇ ପାରୁଛି, ୭୨୦୦ କୋଟି ଟଙ୍କା ଖର୍ଚ୍ଚ କଲେ ମୋଟ ଆୟର ଶତକଡ଼ା ୨୫ ଭାଗ ବୃଦ୍ଧି ହେବ ବୋଲି ଠିକ୍ କରାଗଲା ।

ଶ୍ରୀରାମବାବୁ :—ଦ୍ୱିତୀୟ ଯୋଜନାରେ ଯଦି ଆମେ ପ୍ରତ୍ୟେକ ବର୍ଷ ଜାତୀୟ ଆୟର ଶତକଡ଼ା ୫ ଭାଗ ବୃଦ୍ଧି ପାଇଁ ଉଦ୍ୟମ କରିଥିଲେ, ତୃତୀୟ ଯୋଜନାରେ ତ ତା'ଠାରୁ ଆଉ କମି ପାରିବ ନାହିଁ; ବରଂ ଅଧିକ ହେବ ସିନା । ତା'ହେଲେ ମୁଁ କହିବି, ଜନସଂଖ୍ୟା ବୃଦ୍ଧି ପାଇଁ ୨ ଭାଗ ଓ ଅଧିକା ଆର୍ଥନୀତିକ ବୃଦ୍ଧି ପାଇଁ ୩ ଭାଗ— ଏପରି ମୋଟ ୫ ଭାଗ ଆୟର ବୃଦ୍ଧି କଲେ ଆମର ଅର୍ଥନୀତି କିଛି ଆଗେଇ ପାରିବ ।

ବୈଦ୍ୟନାଥବାବୁ :—ମୁଁ ତ କହିବି ଆଉ ଟିକିଏ ଅଧିକା ଅଗ୍ରଗତି ହେବା ଉଚିତ । ତଥାପି ବର୍ତ୍ତମାନ ପାଇଁ ଏହି ହାରରେ ହିସାବ କରାଯାଉ । ଜନସଂଖ୍ୟା ବୃଦ୍ଧି ଯୋଗୁଁ ଆର୍ଥନୀତିକ ଉନ୍ନତିକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ବର୍ଷରେ ଆୟ ବୃଦ୍ଧି ୨୫୦ କୋଟି ଟଙ୍କା ଦରକାର । ଶତକଡ଼ା ୩ ଭାଗ ଆୟ ବୃଦ୍ଧି ପାଇଁ ୩୭୦ କୋଟି ଟଙ୍କା ଦରକାର । ମୋଟାମୋଟି ପ୍ରତ୍ୟେକ ବର୍ଷ ଅନ୍ତତଃ ୭୦୦ କୋଟି ଟଙ୍କା ଆୟ ବୃଦ୍ଧି ହେଲେ ଆମ ଦେଶରେ ଆର୍ଥନୀତିକ ଉନ୍ନତି ହୋଇ ପାରିବ ।

ଶ୍ରୀରାମବାବୁ :—ତାହା ହେଲେ ମୋଟାମୋଟି ତମ ମତରେ ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ଆୟ ବୃଦ୍ଧି ଅନ୍ତତଃ ୩୦୦୦ କୋଟି ଟଙ୍କା ହେବା ଦରକାର ।

ବୈଦ୍ୟନାଥବାବୁ :— ଆଉ ଅଧିକ ହୋଇପାରିଲେ ଭଲ; ଏତିକି କିନ୍ତୁ ଅତି ଦରକାରୀ ।

ଶ୍ରୀରାମବାବୁ :—ତା' ହେଲେ ବର୍ତ୍ତମାନ କେତେ ଟଙ୍କା ଖର୍ଚ୍ଚ ହେବ, ଦେଖାଯାଉ । ଆମେ ତ ଆଉ ଦ୍ୱିତୀୟ ଯୋଜନା ଅନୁପାତରେ ବିଚାର କରିବା ନାହିଁ । ଦ୍ୱିତୀୟ ଯୋଜନାରେ ଯଦି ୨.୩୦ ଟଙ୍କା ପୁଞ୍ଜି ଖର୍ଚ୍ଚ କଲେ ଏକ ଟଙ୍କା ଉତ୍ପାଦନ କରାଯାଇ ପାରୁଥିଲା, ତୃତୀୟ ଯୋଜନାରେ ହୁଏତ ୩ ଟଙ୍କା ପୁଞ୍ଜି ଖର୍ଚ୍ଚ କଲେ ଏକ ଟଙ୍କାର ଜିନିଷ ଉତ୍ପାଦନ କରାଯାଇ ପାରିବ ।

ବୈଦ୍ୟନାଥବାବୁ :—ଯୋଜନା କମିଶନ ଏବେ ଯେଉଁ ହିସାବ ବାଢ଼ିଛନ୍ତି, ସେଥିରୁ ଜଣାଯାଉଛି ଯେ ୩ ଟଙ୍କା ପୁଞ୍ଜି ଖର୍ଚ୍ଚ କଲେ ଏକ ଟଙ୍କାର ଜିନିଷ ଉତ୍ପାଦନ କରାଯାଇ ପାରିବ । ସେହି ହାରରେ ହିସାବ କଲେ ଆମର ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ମୋଟ ଯୋଜନା ଖର୍ଚ୍ଚ ଅନ୍ତତଃ ୯୦୦୦ କୋଟି ଟଙ୍କା ହେବା ଦରକାର ।

ଶ୍ରୀରାମବାବୁ :—ଏବେ ଦଶ ହଜାର କୋଟି ବୋଲି ଧରାଯାଉ । ସେହି ଅନୁସାରେ ବର୍ତ୍ତମାନ ମଧ୍ୟ ସମସ୍ତେ ହିସାବ କରୁଛନ୍ତି ।

ବୈଦ୍ୟନାଥବାବୁ :—ଆମେ ଜାତୀୟ ଆୟ ବୃଦ୍ଧିକୁ ଭିତ୍ତି କରି ଯୋଜନା ଖର୍ଚ୍ଚ ହିସାବ କରୁଛେ । ଅନ୍ୟ କେତେ ଜଣ କର୍ମ-ସଂସ୍ଥାନକୁ ଭିତ୍ତି କରି ଯୋଜନା ଖର୍ଚ୍ଚ ନିର୍ଦ୍ଧାରଣ କରିଛନ୍ତି । ଉଦାହରଣ ସ୍ୱରୂପ କୁହାଯାଉଛି ଯେ ପ୍ରଥମ ଯୋଜନାରେ ୪୫ ଲକ୍ଷ ଲୋକଙ୍କ ପାଇଁ କର୍ମ-ସଂସ୍ଥାନ ସୃଷ୍ଟି କରିବାରେ ସବୁ ୩୧୦୦ କୋଟି ଟଙ୍କା ଲାଗିଲା ଓ ଦ୍ୱିତୀୟ ଯୋଜନାରେ ୯୦ ଲକ୍ଷ ଲୋକଙ୍କୁ କାମ ଯୋଗାଇବାରେ ସବୁ ୭୨୦୦ କୋଟି ଟଙ୍କା ଲାଗିଲା, ତାହାହେଲେ ମୋଟାମୋଟି ଜଣଙ୍କ କର୍ମ-ସଂସ୍ଥାନ ପାଇଁ ୭୦୦୦ ଟଙ୍କା ପଡ଼ିଲା ।

ଶ୍ରୀରାମବାବୁ :—ତା'ହେଲେ ମଧ୍ୟ ଆମର ହିସାବ ଠିକ୍ ରହୁଛି । ସବୁ ଜଣ ପିଛା ୭୦୦୦ ଟଙ୍କା ଦରକାର ପଡ଼ୁଛି ଏବଂ ତୃତୀୟ ଯୋଜନାରେ କର୍ମସଂସ୍ଥାନର ସଂଖ୍ୟାକୁ ୧୫୦ ଲକ୍ଷ ବୋଲି ଧରାଯାଉଛି, ତାହାହେଲେ ତୃତୀୟ ଯୋଜନାରେ ଆମର ଖର୍ଚ୍ଚ ସେହି ୧୦ ହଜାର କୋଟି ପଡ଼ୁଛି । ତେବେ ମୁଁ କହିବି ଯେ ଆୟକୁ ଭିତ୍ତିର କରି ଖର୍ଚ୍ଚର ପରିମାଣ ନିର୍ଦ୍ଧାରିତ କରିବା ଶ୍ରେୟସ୍କର ।

ବୈଦ୍ୟନାଥବାବୁ :—ସେଥିରେ ମୁଁ ଏକମତ । ଅବଶ୍ୟ ଏ କଥା ସତ ଯେ ତୃତୀୟ ଯୋଜନାରେ କର୍ମ-ସଂସ୍ଥାନ ପ୍ରତି ବେଶି ଜୋର ଦିଆଯିବା ଉଚିତ । ଦ୍ୱିତୀୟ ଯୋଜନାରେ ମଧ୍ୟ କର୍ମ-ସଂସ୍ଥାନ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । କିନ୍ତୁ ପ୍ରତ୍ୟେକ ପ୍ରକାର କର୍ମ-ସଂସ୍ଥାନ ଲାଗି ଏକପ୍ରକାର ଖର୍ଚ୍ଚ ହେବା ସମ୍ଭବ ନୁହେଁ । ଆୟ ବୃଦ୍ଧିରେ ବରଂ ହାରାହାରି ହିସାବ ନେଇ ହେବ; କିନ୍ତୁ କର୍ମ-ସଂସ୍ଥାନରେ ନେଇ ହେବ ନାହିଁ ।

ଶ୍ରୀରାମବାବୁ :—ଆଚ୍ଛା, ଏ ତ ହେଲା ଆମର ଆବଶ୍ୟକତା । ବର୍ତ୍ତମାନ ବାସ୍ତବ କଥା ଦେଖାଯାଉ । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ତ ସରକାର ୪୮୦୦ କୋଟି ଟଙ୍କା ଉଠାଇ ପାରିଲେ ନାହିଁ ବୋଲି ଯୋଜନା ଖର୍ଚ୍ଚକୁ କମାଇ ୪୫୦୦ କୋଟି ଟଙ୍କାରେ ରଖାଯାଇଛି । ତୃତୀୟ ଯୋଜନାରେ ଏତେ ଟଙ୍କା ଉଠିବ କିପରି ?

ବୈଦ୍ୟନାଥବାବୁ :—ଦଶହଜାର କୋଟିରୁ ସବୁ ସରକାରଙ୍କ ଭାଗ ୭୫୦୦ କୋଟି ଟଙ୍କା ହୁଏ, ତା'ହେଲେ ଏହି ୭୫୦୦ କୋଟି ଟଙ୍କା ଆମକୁ ଦେଶରୁ ଉଠାଇବାକୁ ପଡ଼ିବ । ଯଦି ବିଦେଶରୁ ସାହାଯ୍ୟ ଓ ଋଣ ବାବଦରେ ୧୫୦୦ କୋଟି ଟଙ୍କା ମିଳିବ ବୋଲି ଧରି ନିଆଯାଏ, ତା'ହେଲେ ଅନ୍ତତଃ ୫ ହଜାର କୋଟି ଟଙ୍କା ଆମକୁ ଦେଶ-ଭିତରୁ ଉଠାଇବାକୁ ପଡ଼ିବ ।

ଶ୍ରୀରାମବାବୁ:—ବିଦେଶରୁ କେତେ ସାହାଯ୍ୟ ବା ଋଣ ମିଳିବ, ବର୍ତ୍ତମାନ ତ ତାହା କଳନା କରିହେବ ନାହିଁ । ତଥାପି ଆମକୁ ଗୋଟିଏ କିଛି ହିସାବ ଧରି କାମ କରିବାକୁ ହେବ । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ୮୦୦ କୋଟି ଟଙ୍କାର ବିଦେଶୀ ମୁଦ୍ରା ଦରକାର ହେବ ବୋଲି ପ୍ରଥମେ ହିସାବ କରାଯାଇଥିଲା; କିନ୍ତୁ ପରେ ଦେଖାଗଲା ଯେ ପ୍ରାୟ ୨ ହଜାର କୋଟି ଟଙ୍କାର ବିଦେଶୀ ମୁଦ୍ରା ଦରକାର । ଏବେ ଆମେ ୧୫୦୦ କୋଟି ଟଙ୍କାର ହିସାବ କରୁଛେ; ଭବିଷ୍ୟତରେ କେତେ ଦରକାର ହେବ, କିଏ ଜାଣିଛି ?

ବୈଦ୍ୟନାଥବାବୁ:—ଯେତେ ଦରକାର ହେଉ, ଆମକୁ କେତେ ମିଳିବ, ତା ଉପରେ ନିର୍ଭର କରୁଛି । ଆମ ଯୋଜନାର ସ୍ୱରୂପ ଆମେ ଏପରି ଗଢ଼ିବା ଯେ ଯେପରି ୧୫୦୦ କୋଟି ବିଦେଶୀ ମୁଦ୍ରାରେ

ଆମର ତୃତୀୟ ପଞ୍ଚବାର୍ଷିକ ଯୋଜନା ଚଳ-ଣାଇବ ।

ଶ୍ରୀସମବାବୁ:—ସେ ତ ଗୋଟିଏ ପ୍ରଶ୍ନ । କିନ୍ତୁ ବଡ଼ ପ୍ରଶ୍ନ ହେଉଛି ୫୦୦୦ କୋଟି ଟଙ୍କା ଦେଶଭିତରୁ ଉଠିବ କପରି ? ଅଧିକ ଟିକସ ବସାଇବା ବା ଋଣ ସଂଗ୍ରହ କରିବା ଏତେ ସହଜ ନୁହେଁ—ଅନ୍ତତଃ ଅତୀତର ଅଭିଜ୍ଞତାରୁ ଯାହା ଜଣାପଡୁଛି । ନିଅଣ ଖର୍ଚ୍ଚ ଫଳରେ ମୁଦ୍ରାସ୍ଫୀତି ବୃଦ୍ଧି ହେବାର ସମ୍ଭାବନା । ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ଏହି ନିଅଣ ଖର୍ଚ୍ଚର ଆଧିକ୍ୟ ଯୋଗୁଁ ଦରଦାମ ଅନେକ ପରିମାଣରେ ବୃଦ୍ଧି ହୋଇଛି ।

ବୈଦ୍ୟନାଥବାବୁ:—ତଥାପି ଆମକୁ ଉଦ୍ୟମ କରିବାକୁ ପଡ଼ିବ । ଅଧିକ ଟିକସ ଓ ଋଣ ଯେ ଦରକାର, ଏଥିରେ କାହାରି ସନ୍ଦେହ ନାହିଁ । ପ୍ରଶ୍ନ ହେଉଛି କପରି ସଂଗ୍ରହ କରାଯିବ ? ଏଇଟା ହେଉଛି ରାଜନୀତିକ ପ୍ରଶ୍ନ । ଆପଣ ଯେତେବେଳେ ରାଜନୀତିକ ଅଧ୍ୟାପକ, ଆପଣ ଏଥିପାଇଁ ପନ୍ଥା ବାହାର କରିବା ଦରକାର । ମୋ ମତରେ ଅଧିକ ସଞ୍ଚୟ ନ କଲେ ଆମ ଆର୍ଥନୀତିକ ପ୍ରଗତି ସମ୍ଭବ ହେବ ନାହିଁ । ଅନ୍ତତଃ ଯୋଜନା ଫଳରେ ଯେଉଁ ଆୟ ବୃଦ୍ଧି ହେଉଛି, ସେଥିର ଅଧିକାଂଶ ଭାଗ ଯଦି ଯୋଜନା କାର୍ଯ୍ୟରେ ନ ଲାଗେ, ତା' ହେଲେ ଆର୍ଥନୀତିକ ପ୍ରଗତି ପାଇଁ ଆଉ କୌଣସି ରାସ୍ତା ନାହିଁ ।

ଶ୍ରୀସମବାବୁ:—ଏକମାତ୍ର ପନ୍ଥା ହେଉଛି ସଂଗଠନ । ଏଥିପାଇଁ ସମସ୍ତ ସହଯୋଗ ଦରକାର । ଦଳ-ମତ-ନିର୍ବିଶେଷରେ ଯଦି ସମସ୍ତେ ଯୋଜନା କାର୍ଯ୍ୟରେ ସହଯୋଗ କରନ୍ତି ଓ ସେଥିପାଇଁ ଏକ ଦୃଢ଼ ସଂଗଠନ ତିଆରି କରାଯାଇପାରେ, ତା' ହେଲେ ସମ୍ପଦର ଅଭାବ ହେବ ନାହିଁ । ଏବେ ଯେଉଁମାନେ କର ଫାଙ୍କି ଦେଉଛନ୍ତି, ସେମାନଙ୍କ-ଠାରୁ ମଧ୍ୟ ଯେପରି ପୂରା କର ଆଦାୟ କରାଯିବ, ସେଥିପାଇଁ ବ୍ୟବସ୍ଥା ହେବା ଉଚିତ । ମୋଟ ଉପରେ ଏକ ଶକ୍ତିଆ ସଂଗଠନହିଁ ବର୍ତ୍ତମାନ ପ୍ରଧାନ ଆବଶ୍ୟକ ।

ବୈଦ୍ୟନାଥବାବୁ:—ସେଥିରେ ଆପଣଙ୍କ ସହିତ ମୁଁ ପୂରାପୂରି ଏକମତ । *

## କେତେକ ଜାଣିବାର କଥା

୧୯୩୭ ମସିହାରେ ପ୍ରଥମେ ଭାରତରେ ଆଲୁମିନିୟମ୍ ଉତ୍ପାଦନ କରାଯାଇଥିଲା । କିନ୍ତୁ ୧୯୪୩ ମସିହାରେହିଁ ବାଣିଜ୍ୟିକ ସ୍ତରରେ ଆଲୁମିନିୟମ୍ ଉତ୍ପାଦିତ ହେଲା ।

ସେହିଦିନଠାରୁ ଜେକେ ନଗରସ୍ଥିତ ଆଲୁମିନିୟମ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଏବଂ ଆଲୱାଏସ୍ଥିତ ଇଣ୍ଡି ଆନ୍ ଆଲୁମିନିୟମ୍ କମ୍ପାନୀ ଦେଶରେ ଆଲୁମିନିୟମ୍ ଉତ୍ପାଦନ କରୁଛନ୍ତି । ଭାରତର ସମଗ୍ର ଆଲୁମିନିୟମ୍ ଦ୍ରବ୍ୟ କେବଳ ଏହି ଦୁଇଟି କମ୍ପାନୀ ଦ୍ୱାରାହିଁ ଉତ୍ପାଦିତ ହେଉଛି ।

୧୯୫୮ ମସିହାରେ ଭାରତରେ ମୋଟ ୮,୧୮୫ ଟନ୍ ଆଲୁମିନିୟମ ଉତ୍ପାଦିତ ହୋଇଥିଲା ।

★ କଟକ ବେତାର କେନ୍ଦ୍ରଙ୍କ ସୌଜନ୍ୟରୁ

# ବିଲାତି ଆଳୁର ପତ୍ରପୋଡ଼ା ରୋଗ

ପତ୍ରପୋଡ଼ା ରୋଗ ପତ୍ର ପଲ୍ଲବ ଏବଂ ଆଳୁକୁ ଆକ୍ରମଣ କରେ । ଏହା ଦ୍ୱାରା ପରବର୍ତ୍ତୀ ଆଳୁ ଫସଲ ମଧ୍ୟ ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇଯାଏ । ତେଣୁ "ଶେଲ କପର ରୋଗନାଶକ ଔଷଧ" ଆପଣମାନଙ୍କର ଆଳୁ ଫସଲକୁ ପତ୍ରପୋଡ଼ା ରୋଗରୁ ରକ୍ଷା କରୁ ।


"ଶେଲ କପର ରୋଗନାଶକ ଔଷଧ" ଖୁବ୍ ସହଜରେ ପାଣିରେ ମିଶିଯାଏ । ଉତ୍ପାଦନରେ ଅଳ୍ପ ପାଣିରେ ବେଶି ଔଷଧ ମିଶାଇ ଛିଞ୍ଚିବାରେ ଏହି ଔଷଧ ଖୁବ୍ ସନ୍ତୋଷଜନକ ଭାବ ଓ ଲାଭଜନକ ରୂପେ ଆଳୁ ଫସଲକୁ ରକ୍ଷା କରେ । ଏହି ଔଷଧକୁ ଅନେକ ଦିନ ପର୍ଯ୍ୟନ୍ତ ସଞ୍ଚିତ କରି ରଖିଲେ ମଧ୍ୟ ଏହାର କୌଣସି ଗୁଣ ନଷ୍ଟ ହୁଏ ନାହିଁ ।

ଶ୍ରେଷ୍ଠ ଶ୍ରେଣୀର ଆଳୁ ଫସଲ ପାଇଁ

**ଶେଲ୍ କପର**

**ରୋଗନାଶକ ଔଷଧ**

ବ୍ୟବହାର କରନ୍ତୁ ।



**କୃଷି କାର୍ଯ୍ୟରେ ବ୍ୟବହୃତ**

**କୀଟ ଓ ରୋଗନାଶକ ଔଷଧ ପାଇଁ ବର୍ମା-ଶେଲର ସାହାଯ୍ୟ ନଅନ୍ତୁ ।**




# କୁଅ ନ ଶୁଖିଲା ପର୍ଯ୍ୟନ୍ତ ଆମେ ପାଣିର ମାହାତ୍ମ୍ୟ ବୁଝୁ ନା

ଭାରତର ଅନେକ ଉନ୍ନତିମୂଳକ କାମରେ ପାଣିର ପ୍ରୟୋଜନ । ଆମର ବିଶାଳ ଜଳସେଚନ ଓ ବିଦ୍ୟୁତ ସରବରାହ ଯୋଜନା ଶୁଷ୍କ ଅଞ୍ଚଳକୁ ପାଣି ଓ ଶିଳ୍ପାନୁଷ୍ଠାନକୁ ଶକ୍ତି ଯୋଗାଉଛି । ପିଇବା, ଗାଧବା ଏବଂ ଆମକୁ ପରିଷ୍କାର ରଖିବା ଆଦି ଆମର ଯାବତୀୟ ଦୈନନ୍ଦିନ କାମ ପାଇଁ ଦରକାର ହେଉଥିବା ପାଣି ମଧ୍ୟ ଯୋଗାଉଛି ।

ବାସ୍ତବରେ କେବଳ ପାଣି ଆମକୁ ସମ୍ପୂର୍ଣ୍ଣରେ ପରିଷ୍କାର ରଖି ପାରିବ ନାହିଁ । ଗାଁ ଗହଳର ଲୋକଙ୍କ ପକ୍ଷେ ଏ ଏକ ଗୁରୁତର ସମସ୍ୟା । କାରଣ ସେମାନେ ଯେ କୌଣସି କାମ କରନ୍ତୁ ନା କାହିଁକି ମଇଳା ନ ହୋଇ ରହି ପାରିବେ ନାହିଁ । ମଇଳାରେ ଜୀବାଣୁ ଥିବାରୁ ରୋଗ ହେବାର ଭୟ ଥାଏ, ତେଣୁ ସେମାନେ ଯେ କୌଣସି ସମୟ ବେମାର ହେବାର ଆଶଙ୍କା ଥାଏ । ମଇଳାରେ ଥିବା ଜୀବାଣୁ ଧୋଇ ସଫା କରିବା ପାଇଁ ସେମାନେ ଯେ, କେବଳ ପାଣି ଦରକାର କରନ୍ତି ତାହା ନୁହେଁ—ସେମାନେ ଦରକାର କରନ୍ତି ଗୋଟିଏ ଭଲ ସାବୁନ । ଏହା ଖୁବ୍ ସହଜ ଉପାୟ । କିନ୍ତୁ ଗାଁ ଗହଳର ଲୋକେ ବର୍ତ୍ତମାନ ଅଭ୍ୟାସ କରି ଏହି ସାବୁନ ବ୍ୟବହାର କରିବା ଶିଖୁଛନ୍ତି ଯାହାକି ତାଙ୍କର ଉନ୍ନତି କରିବ । କାରଣ ତାଙ୍କର ଉନ୍ନତି ଭଲ ସ୍ୱାସ୍ଥ୍ୟ ଉପରେହିଁ ନିର୍ଭର କରେ ।

ଅନେକ ବର୍ଷ ଧରି ଭାରତରେ ଲାଇଫବୟ ସାବୁନ ସ୍ୱାସ୍ଥ୍ୟ ରକ୍ଷା ପାଇଁ ବ୍ୟବହାର ହୋଇ ଆସୁଛି । ମଇଳାରେ ଥିବା ଜୀବାଣୁ ଧୋଇ ସଫା କରିବାପାଇଁ ଏହା ବ୍ୟବହାର ହୋଇ ଆସୁଛି । କାରଣ ଏଥିରେ ଖୁବ୍ କମ୍ ଖର୍ଚ୍ଚ । ଆମ ଗାଁ ଗହଳର ଉନ୍ନତିରେ ଲାଇଫବୟର ଦାନ ପ୍ରଶଂସନୀୟ ।

## ଲାଇଫବୟ ସାବୁନ




L. 9-X52 BY

ହିନ୍ଦୁସ୍ଥାନ ଲିଭର ଲିଃ ଦ୍ୱାରା ପ୍ରସ୍ତୁତ

# ନୂଆ ସଞ୍ଚୟ

( ସଂଗୃହୀତ )

ଶ୍ରୀକାନ୍ତବାବୁ ଗୋଟିଏ ସୁପ୍ରତିଷ୍ଠିତ ବ୍ୟବସାୟ ପ୍ରତିଷ୍ଠାନରେ ହିସାବ-ରକ୍ଷକର କାମ କରନ୍ତି ଓ ମାସକୁ ଟ ୩୦୦୯ ରୋଜଗାର କରନ୍ତି । ଦରମା ପାଇବା ଆଗରୁ ମଧ୍ୟ କି ଭାବରେ ତାହା ଖର୍ଚ୍ଚ ହେବ, ଏ ସମ୍ପର୍କରେ ତାଙ୍କର ହିସାବୀ ମନ ଯୋଜନା କରିଥାଏ । ତାଙ୍କ ଦରମାର ଗୋଟିଏ ଅଂଶ ପ୍ରଭିଡେଣ୍ଟ ଫଣ୍ଡକୁ ଯାଉଥିଲେହେଁ ସେଭିଂସ୍ ବ୍ୟାଙ୍କରେ ଜମାଦେବା ନିମନ୍ତେ ଟ ୨୫୯ ଅଲଗା କରି ରଖିପାରିବେ ବୋଲି ସେ ଭାବନ୍ତି ଓ ଟଙ୍କାତକ ସଙ୍ଗେ ସଙ୍ଗେ ସେଭିଂସ ବ୍ୟାଙ୍କରେ ଜମାକରି ଦିଅନ୍ତି । ଏହି ଟ ୨୫୯ ବଦଳରେ ସେ କାହିଁକି ଟ ୩୦୯ ସଞ୍ଚୟ କରୁନାହାନ୍ତି ବୋଲି ମୁଁ ଯେତେବେଳେ ପଚାରିଲି, ସେ ପ୍ରକୃତରେ କୌଣସି ଉତ୍ତର ଦେଇ ପାରିଲେ ନାହିଁ । ସେ ଏ ବିଷୟରେ କେବେ ଚିନ୍ତା କରି ନାହାନ୍ତି ବୋଲି ସ୍ୱୀକାର କଲେ । ଟ ୨୫୯ ଠାରୁ ବେଶୀ ସଞ୍ଚୟ କରିହେବ ନାହିଁ, ଏହିଭଳି କେବଳ ଗୋଟାଏ ଅନିଶ୍ଚିତ ଧାରଣା ତାଙ୍କର ଥିଲା । ବର୍ତ୍ତମାନ ତାଙ୍କୁ ଏ ବିଷୟରେ ସୂଚନା ଦେଲାରୁ ବୋଧହୁଏ ଏହା ସମ୍ଭବ ହୋଇପାରିବ ବୋଲି ସେ ରାଜି ହେଲେ । ଅଳ୍ପ କେତେକ ମାସର ଅଭିଜ୍ଞତାରୁ ବର୍ତ୍ତମାନ ତାଙ୍କର ଧାରଣା ଦୃଢ଼ୀଭୂତ ହୋଇଛି ଯେ ସ୍ୱଳ୍ପ ସଞ୍ଚୟ ଉଦ୍ଦେଶ୍ୟରେ ଠିକ କେତେ ଟଙ୍କା ଜମା ରଖିହେବ, ସେ ବିଷୟ ଆଗରୁ ସ୍ଥିର କରାଯାଇ ପାରିବ ନାହିଁ । ଏହି ଟଙ୍କା ଆଗନ୍ତୁକ ଦୈନନ୍ଦିନ ଛୋଟ ଛୋଟ ଖର୍ଚ୍ଚରୁ କାଟି ରଖାଯାଏ । ବର୍ତ୍ତମାନ ଶ୍ରୀକାନ୍ତ ବାବୁ ତାଙ୍କ ବ୍ୟାଙ୍କ ଏକାଉଣ୍ଟରେ ଟ ୩୫୯ରୁ ଟ ୪୦୯ ପର୍ଯ୍ୟନ୍ତ ରଖିହେବ ବୋଲି ବୁଝିପାରିଛନ୍ତି ।

ମଧୁବାବୁ ଭିନ୍ନ ଧରଣର ଲୋକ । ସେ ଗୋଟାଏ ବଡ଼ ପରିବାରର କର୍ତ୍ତା; କିନ୍ତୁ ମାସକୁ ମାତ୍ର ଟ ୧୫୦୯ ତାଙ୍କର ଆୟ । ଯେଉଁ ଲୋକେ ଯାହା ରୋଜଗାର କରୁଛନ୍ତି, ସେଇଥିରେ କୌଣସିମତେ ଚଳିଯିବା ଛଡ଼ା ଅନ୍ୟ ଉପାୟ ପାଉ ନାହାନ୍ତି । ମଧୁବାବୁ ସେଇମାନଙ୍କ ଭିତରୁ ଜଣେ । ତାଙ୍କ ନିକଟରେ ଜୀବନଟା କୌଣସି ମତେ ଚଳିଯିବା ଉଦ୍ଦେଶ୍ୟରେ ଗୋଟାଏ ସୁଦୀର୍ଘ ସଂଗ୍ରାମ ଭଳି; କିନ୍ତୁ ତାହାହେଲେ ସୁଦ୍ଧା ସଞ୍ଚୟ ତାଙ୍କ ନିକଟରେ କୌଣସି ରୂପରେ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ବରଂ ତାଙ୍କ ପକ୍ଷରେ ସଞ୍ଚୟ କରିବାର ଆବଶ୍ୟକତା ସବୁଠାରୁ ବେଶୀ ଓ ସେ ତାହା ଜାଣନ୍ତି । କିନ୍ତୁ ତାଙ୍କର ବିଶ୍ୱାସ, ସେ ସଞ୍ଚୟ କରି ପାରିବେ ନାହିଁ । ମୁଁ ତାଙ୍କୁ ପରାମର୍ଶ ଦେଲି ଯେ ସେ ଏ ଭାରଟା ତାଙ୍କ ସ୍ତ୍ରୀଙ୍କ ଉପରେ ଛାଡ଼ିଦେଇ ଦିନାକେତେ ଦେଖନ୍ତୁ । ବାସ୍ ! ମାସ ଶେଷକୁ ଦେଖାଗଲା ଯେ ଟ ୫୯ ବଳିପଡ଼ୁଛି !

ସୁତରାଂ ଅସୁବିଧାଟା କଣ, ସେଟା ଧରା ପଡ଼ିଯାଇଛି । ହୁଏତ କେତେ ଟଙ୍କା ଆମେ ସଞ୍ଚୟ କରି ପାରିବା, ସେ ସମ୍ବନ୍ଧରେ ଆଗରୁ ଆମ ମନରେ ଗୋଟାଏ ଧାରଣା ରହିଯାଇଥାଏ କିମ୍ବା ସଞ୍ଚୟ କରିବାଭଳି ଆମ ପାଖରେ କିଛି ନାହିଁ ବୋଲି ଅନୁରୂପ ଭାବରେ ଆମେ ଭାବୁଥାଉଁ । ଅନ୍ୟ ଅର୍ଥରେ ଆମେ ଆମର ଦୈନନ୍ଦିନ ଜୀବନ-ଧାରା ସହିତ ଏପରି ଭାବରେ ଅଭ୍ୟସ୍ତ ଯେ କୌଣସି ପ୍ରକାର ନୂଆ ସଞ୍ଚୟ ସୃଷ୍ଟି କରିହେବ କି ନାହିଁ, ଏଭଳି ଏକ ସମସ୍ୟାର

ଗୋଟିଏ ସମାଧାନ ବାହାର କରିବାପାଇଁ ଚିନ୍ତା କରିବାରେ ଆମେ ଅସମର୍ଥ ହେଉଁ ।

ଗୋଟିଏ ଲୋକ କାହିଁକି ସଞ୍ଚୟ କରେ ? ପ୍ରଥମତଃ, ନିଜପାଇଁ ଓ ନିଜର ପରିବାରପାଇଁ । ମଣିଷ, ଜୀବନରେ ଯେପରି ସ୍ୱଭାବରେ ଚଳିଥାଏ ପରେ କାର୍ଯ୍ୟ-କ୍ଷେତ୍ରରୁ ଅବସର ଗ୍ରହଣ କଲାପରେ ପୂର୍ବ ସ୍ତରରୁ ତଳକୁ ଓହ୍ଲାଇ ଆସିବାର ସମ୍ଭାବନାକୁ ସେ ପସନ୍ଦ କରେ ନାହିଁ । ବୁଢ଼ାଦିନେ ଅନ୍ୟ ଉପରେ, ଏପରି କି ନିଜ ପୁଅମାନଙ୍କ ଉପରେ ନିର୍ଭର କରି ଚଳିବହେବ, ଏଭଳି ଗୋଟାଏ ସମ୍ଭାବନା ଉପରେ ମଧ୍ୟ ଆସ୍ଥା ରଖିବାକୁ ତାର ଆତ୍ମ-ସମ୍ମାନରେ ବାଧା ପଡ଼େ ।

ପରିବାର କ୍ଷେତ୍ରରେ ମଧ୍ୟ ଏହିପରି ସ୍ୱାବ-ପ୍ରବଣତା ଦେଖା ଦେଇଥାଏ । ପିଲାମାନଙ୍କୁ ପାଠ ପଢ଼ାଇବାକୁ ହେବ, ଝିଅଗୁଡ଼ିକୁ ବାହା ଦେବାକୁ ହେବ ଏବଂ ସର୍ବୋପରି ପରିବାରରେ ଯେପରି କିଛି ଦୁର୍ଘଟଣା ନ ଘଟେ, ସେଥିପାଇଁ କର୍ତ୍ତବ୍ୟଦୃଷ୍ଟିରୁ ତାକୁ ଆବଶ୍ୟକୀୟ ବ୍ୟବସ୍ଥା ରଖିବାକୁ ହେବ ।

ଏହାଛଡ଼ା ଅନେକ ସମୟରେ ଆମର ଅଜ୍ଞାତରେ ଆମ ହାତରୁ ଟଙ୍କା ଖସିଯାଏ ।

ଏହି ପ୍ରବନ୍ଧରେ ଆମେ ସେହି ଅଳ୍ପ କେତୋଟି ଟଙ୍କା ବିଷୟରେ ଆଲୋଚନା କରୁଛୁ । ଦେଖାଯାଉ, ଆମେ କିପରି ତଥ୍ୟଟିକୁ ବାହାର କରୁଛୁ । ପୁଣି ଆମକୁ କେତେକ ଦୃଷ୍ଟାନ୍ତର ସାହାଯ୍ୟ ନେବାକୁ ହେବ ।

ମୋର ଜଣେ ବନ୍ଧୁ ଅଛନ୍ତି, ଯେ କି ପ୍ରତି ମାସ ତାଙ୍କ ଦରମାରୁ ଟ ୫୦ ନିଜ ହାତଖର୍ଚ୍ଚ ପାଇଁ ଅଲଗା କରି ରଖନ୍ତି । ଏବେ ପର୍ଯ୍ୟନ୍ତ ସେ ସେହି ଟଙ୍କାତକ ଖର୍ଚ୍ଚ କରି ପକାଉଥିଲେ । ଖର୍ଚ୍ଚ ହୋଇଗଲା ପରଠାରୁ ମାସଟି ଶେଷ ହେବା ପର୍ଯ୍ୟନ୍ତ ପ୍ରତି ଦିନ ନିଜ ସ୍ତ୍ରୀ ପାଖରେ ଟଙ୍କାଏ, ଦିଟଙ୍କା ପାଇଁ ତାଙ୍କୁ ହାତ ପାତିବାକୁ ପଡ଼ୁଥାଏ । ଏହା ତାଙ୍କର ଆତ୍ମ-ସମ୍ମାନରେ ଆଘାତ କରେ ସତ; କିନ୍ତୁ ଏଥିରୁ ରକ୍ଷା ପାଇବାର କୌଣସି ବାଟ ସେ ଦେଖିପାରନ୍ତି ନାହିଁ । ତାହାପରେ ହଠାତ୍ ତାଙ୍କ ମୁଣ୍ଡରେ ଗୋଟାଏ ବୁଦ୍ଧି ଖେଳିଗଲା । ଆଚ୍ଛା, ସେ ଯଦି ତାଙ୍କ ସ୍ତ୍ରୀଙ୍କୁ ବ୍ୟାଙ୍କରରୂପେ ବସାଇ ଗୋଟିଏ ଏକାଉଣ୍ଟ ଖୋଲନ୍ତି, ତେବେ କେମିତି ହୁଅନ୍ତା ? ସେ ଗୋଟାଏ ନକଲି ଚେକ୍ ବହି ତିଆରି କଲେ ଓ ପ୍ରତିଦିନ ତାଙ୍କର ବ୍ୟାଙ୍କରୁ ସେ ଦିନଟି ପାଇଁ ଯେତିକି ଦରକାର, ସେତିକି ଟଙ୍କା ଉଠାଇଲେ । ପରିକଳ୍ପନାଟି ଠିକ୍ କାମ କଲା ଓ ମାସ ଶେଷକୁ ସେ ଦେଖିଲେ ଯେ ତାଙ୍କର ଏକାଉଣ୍ଟରେ ୨୫ ସଞ୍ଚୟ ହୋଇ ସାରିଛି । ନିଜ ଆତ୍ମସମ୍ମାନ ତ ରକ୍ଷାପାଇଲା, ତା ସଙ୍ଗେ ସଙ୍ଗେ ଖୁବ୍ ମଜାଟାଏ ହେଲା ।

ଶ୍ରୀମତୀ ମହାନ୍ତିଙ୍କର ନିଜସ୍ୱ ପଦ୍ଧତି ରହିଛି । ଯଦି ଗୋଟାଏ ନଆ ଶାଢ଼ୀ କିଣିବା ପାଇଁ ଟ୩୦୦ରେ ବ୍ୟବସ୍ଥା ଅଛି, ତେବେ ସେ ମାତ୍ର ଟ୨୮୦ ଭିତରେ ଗୋଟାଏ ଶାଢ଼ୀ କିଣି ପକାଇବେ । ଅଧିକାଂଶ ସମୟରେ ବଜାର ହାଟକୁ ସେ ବୁଲି ବୁଲି ଯାଆନ୍ତି ଓ ରିକ୍ସା-ଭଡ଼ାକୁ ସଞ୍ଚୟ କରନ୍ତି । ଏହିପରି ଭାବରେ ପ୍ରତ୍ୟେକ ମାସ ସେ ପ୍ରାୟ ଟ୧୫୦ ସଞ୍ଚୟ କରନ୍ତି ଓ ସେଥିରେ ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ କିଣନ୍ତି ।

ଏ ଗୁଡ଼ିକ ହେଉଛି ନୂଆ ସଞ୍ଚୟ । ଛୋଟ ଛୋଟ ସୁଖସ୍ୱାଚ୍ଛନ୍ଦ୍ୟଗୁଡ଼ିକ ତ୍ୟାଗ କରି ନ ଥିଲେ, ଏହି ସଞ୍ଚୟ ସମ୍ଭବ ହୋଇ ନ ଥାନ୍ତା । ଏହି ଛୋଟ ଛୋଟ ସଞ୍ଚୟଗୁଡ଼ିକ ବଢ଼ି ବଢ଼ି ଅନେକ ଟଙ୍କାରେ ପରିଣତ ହୁଏ । ଆଉ ଏହି ଅନେକ ଟଙ୍କା ସରକାରିଙ୍କ ଯୋଜନାଗୁଡ଼ିକୁ ଅର୍ଥଯୋଗାଇବା ଦିଗରେ ସାହାଯ୍ୟ କରେ । ଜଣେ ବ୍ୟକ୍ତିବିଶେଷଙ୍କ ପାଖରେ ଯାହା ମଙ୍ଗଳକର, ତାହା ବିଭିନ୍ନ ଶ୍ରେଣୀର ଲୋକମାନଙ୍କ ପାଇଁ ମଧ୍ୟ ମଙ୍ଗଳକର । କିପରି ଭାବରେ ଲୋକମାନେ ମିଳିତ ଉଦ୍ୟମ ଦ୍ୱାରା ଜାତୀୟ ସଞ୍ଚୟ ଉଦ୍ଦେଶ୍ୟରେ ବହୁତ ଟଙ୍କା ଦେଉଛନ୍ତି, ସେ ବିଷୟରେ ଏଠାରେ କେତୋଟି ଦୃଷ୍ଟାନ୍ତ ଦିଆଗଲା ।

## ବିବିଧ ପ୍ରସଙ୍ଗ

ଗତ ୨ ବର୍ଷ ହେଲା ଆସାମ ଚ଼ା' ବଗିଚ଼ା ଗୁଡ଼ିକରେ କାମ କରୁଥିବା ଶ୍ରମିକମାନେ ସେମାନଙ୍କ ବାର୍ଷିକ ବୋନସ୍‌ରୁ ଗୋଟିଏ କ୍ଷୁଦ୍ର ଅଂଶ ଜାତୀୟ ସଞ୍ଚୟ ସାର୍ଟିଫିକେଟ୍‌ରେ ସଞ୍ଚୟ କରି ଆସୁଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ସଞ୍ଚୟଗୁଡ଼ିକର ପରିମାଣ କେତେ କୋଟି ଟଙ୍କା ହେବ ।

ଜାମ୍‌ସେଦ୍‌ପୁରରେ ଟାଟା ଲୁହା କମ୍ପାନୀର ୮୪୯ ଜଣ ଶ୍ରମିକ । ସେମାନେ ଅଳ୍ପ କେତେକ ମାସ ପୂର୍ବେ ପାଇଥିବା ବୋନସ୍‌ରୁ ଟ ୧୯,୪୩୬ ସଞ୍ଚୟ କରିବାକୁ ରାଜି ହୋଇଛନ୍ତି । କ୍ରମେ ବେଶୀ ବେଶୀ ଲୋକ ଆଗେଇ ଆସୁଛନ୍ତି ଓ ଜାତୀୟ ସଞ୍ଚୟ ସଂଗଠନର ସଙ୍ଗଠକଙ୍କ ନିକଟରେ ଚୁକ୍ତିବଦ୍ଧ ହେଉଛନ୍ତି ।

ବମ୍ବେ ରାଜ୍ୟରେ ଚାଷୀମାନେ ସେମାନଙ୍କ ହାତ-ଖର୍ଚ୍ଚକୁ ସଞ୍ଚୟ କରି ସଞ୍ଚୟ ସାର୍ଟିଫିକେଟ୍‌ରେ ଲଗାଉଛନ୍ତି । ଉତ୍ତରଗିରି ଜିଲ୍ଲାର ୨୫ଟି ଗାଁର ଲୋକ-ମାନେ ପ୍ରତି ୨୦ ମହଣ ଧାନରେ ମହଣେ ଧାନ ଆକାରରେ ବା ସେମାନେ ପ୍ରତିବର୍ଷ ଫସଲ ବିକ୍ରି କରି ଯେଉଁ ଟଙ୍କା ପାଆନ୍ତି, ତାହାର ପ୍ରତି ଟଙ୍କାପିଛା ୨ ନୂଆ ପଇସା ହିସାବରେ ସଞ୍ଚୟ-ପରିକଳ୍ପନା ପାଇଁ ଜମା ରଖିବାକୁ ରାଜି ହୋଇଛନ୍ତି ।

ଏଗୁଡ଼ିକ କେବଳ କେତେକ ଉଦାହରଣ । ଯେଉଁମାନଙ୍କ ବିଷୟରେ କୁହାଗଲା ସେମାନେ ଧନୀ-ନୁହନ୍ତି କିମ୍ବା ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀର ମଧ୍ୟ ନୁହନ୍ତି । ତଥାପି ହାତରେ ପ୍ରାୟ କିଛି ନ ଥାଇ ମଧ୍ୟ କିପରି ସଞ୍ଚୟ 'ସୃଷ୍ଟି' କରାଯାଇପାରେ, ତାହା ସେମାନେ ଦେଖାଇ ଦେଇଛନ୍ତି । ଆସାମର ଶ୍ରମିକକୁ ଯଦି ସଞ୍ଚୟ କରିବା ନିମନ୍ତେ ପ୍ରବର୍ତ୍ତା ନ ଯାଇଥାନ୍ତା ତେବେ ଜାତୀୟ ସଞ୍ଚୟ ସାର୍ଟିଫିକେଟ୍‌ରେ ଯେଉଁ ଅଳ୍ପ ପଇସା ସେ ସଞ୍ଚୁଥିଲା, ତାକୁ ସେ ଖର୍ଚ୍ଚ କରି ପକାଇଥାନ୍ତା । ଅବଶ୍ୟ ଚ଼ା' ବଗିଚ଼ାଗୁଡ଼ିକରେ ବୋନସ୍ ଦିଆଯାଉଥିବା ସମୟରେ ସ୍ଥାନୀୟ ବଜାର ହାଟମାନଙ୍କରେ ବହୁତ ପ୍ରକାର ସୌଖିନ ଜିନିଷ ବିକ୍ରି ହେବା ପାଇଁ ଆସେ ଓ ତାହା ଶ୍ରମିକମନକୁ ପ୍ରଲୋଭିତ କରେ । ଯଦି ଶ୍ରମିକଟି ସେଇଥିରେ ତାହାର ଟଙ୍କାତକ ଖର୍ଚ୍ଚ କରି ପକାଇଥାନ୍ତା, ତେବେ କେବଳ ଯେ ତାହାର କ୍ଷତି ହୋଇଥାନ୍ତା, ତାହା ନୁହେଁ; ଦେଶର ମଧ୍ୟ କ୍ଷତି ହୋଇଥାନ୍ତା । ଯଦି ଦେଶର ଶହ ଶହ କର୍ମକେନ୍ଦ୍ର-ମାନଙ୍କରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ଅନୁରୂପ ଭାବରେ ପ୍ରବର୍ତ୍ତାଯାଇ ପାରନ୍ତା, ତେବେ ମୋଟ ସଞ୍ଚୟର ପରିମାଣ ବହୁଗୁଣରେ ବଢ଼ିଯାନ୍ତା ।


ଏହାପରେ ଗାଁଗଣ୍ଡାଗୁଡ଼ିକର କଥା ମଧ୍ୟ ରହିଛି । ଏହି ଗାଁଗଣ୍ଡାଗୁଡ଼ିକରେ ଦେଶର ଶତକଡ଼ା ୮୦ ଭାଗ ଲୋକ ବାସ କରନ୍ତି । ନିକଟରେ ପଞ୍ଜାବ ରାଜ୍ୟର 'ସମର-ଗୋପାଳପୁର' ଗ୍ରାମରେ ବାସକରୁଥିବା ୪୦୦ଟି ପରିବାରଙ୍କ ମଧ୍ୟରୁ ୩୧୦ଟି ପରିବାର ଜାତୀୟ ଯୋଜନା ସାର୍ଟିଫିକେଟ୍‌ରେ ଟଙ୍କା ଖଟାଇଥିଲେ ଓ ଏହି ଟଙ୍କାର ପରିମାଣ ହେଉଛି ଟ ୭୬,୦୦୦ । ଅଳ୍ପ-ଦିନ ଭିତରେ ଗା ଲୋକମାନେ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଖଟାଇ ପାରିବେ ବୋଲି ଆଶା କରନ୍ତି । ବମ୍ବେ ରାଜ୍ୟର ଅମରାବତୀ ଜିଲ୍ଲାର 'ରାମ' ଗ୍ରାମରେ ୩୦ଟି ଘରର ପ୍ରତ୍ୟେକେ ଜାତୀୟ ଯୋଜନା ସଞ୍ଚୟ ସାର୍ଟିଫିକେଟ୍ କିଣି ସାରିଛନ୍ତି ।

କଳ୍ପନା କରନ୍ତୁ—ଦେଶର ଶହ ଶହ, ହଜାର ହଜାର ଲୋକେ ଠିକ୍ ସେଇଆ କରୁଛନ୍ତି ! ଜୀବନ ଧାରଣର ଏକ ଉନ୍ନତତର ମାନ ଓ ଆର୍ଥିକ ସମୃଦ୍ଧି ଏହାର ସୁଫଳରୂପେ ଦେଖାଦେବ । କିନ୍ତୁ ଏହାକୁ ଅର୍ଜନ କରିବାକୁ ହେଲେ ଆମ୍ଭମାନଙ୍କ ଭିତରୁ ପ୍ରାୟ ସମସ୍ତଙ୍କୁ ଅଧିକା ସଞ୍ଚୟ 'ସୃଷ୍ଟି' କରିବା ନିମନ୍ତେ ଟିକିଏ ବେଶୀ ଉଦ୍ୟମ କରିବାକୁ ହେବ । ଏପରିକି କେତେକ ମଉଜ ମଜଲିସ୍‌ରୁ ନିବୃତ୍ତ ହୋଇ ଏହା କରିବାକୁ ହେବ । ଯୋଜନା ଓ ବଡ଼ ବଡ଼ କଳ-କାରଖାନାମାନ ନିର୍ମାଣ କରିବା ପାଇଁ ଯେଉଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, ତାହା ଭାରତର ଭବିଷ୍ୟତର ଗଠନ କରିବା ଦିଗରେ ଖଟାଯାଉଛି ।

# ଅଟଳ ଯାହାଙ୍କ ବିଶ୍ୱାସ

"ଭୋର ହେବାରୁ ଅଧିକ ରାତି ପର୍ଯ୍ୟନ୍ତ ବମ୍ବେ ସ୍ଥିତ ଟାଟା ଅଫିସକୁ ଉତ୍ସାହିତ ଜନତାରେ ଭର୍ତ୍ତି ହୋଇ ରହିଥାଏ । ନ ବୃଦ୍ଧ ନ ଯୁବକ, ନ ଧନୀ ନ ଦରିଦ୍ର, ନ ସ୍ତ୍ରୀ ନ ପୁରୁଷ— ସମସ୍ତେ ନିଜ ନିଜ ସାମର୍ଥ୍ୟ ମୁତାବକ ସେୟାର କିଣିବାକୁ ଆସିଥାନ୍ତି ଏବଂ ପ୍ରାୟ ତିନି ସପ୍ତାହ ଭିତରେ ଆବଶ୍ୟକ କାର୍ଯ୍ୟରେ ଲଗାଇବାକୁ ଥିବା ୨ କୋଟି ଟଙ୍କା (୨,୩୧,୭୫,୦୦୦ ଟଙ୍କା) ମୂଳଧନ ସଂଗୃହୀତ ହୋଇଗଲା । ଏହା ପ୍ରାୟ ୮୦୦୦ ଭାରତୀୟଙ୍କ ଠାରୁ ସଂଗ୍ରହ ହୋଇଥିଲା ।"

—ଆକ୍‌ସେଲ ସାହ୍‌ଲିନ



ଏହିପରି ଭାବରେ ୧୯୦୭ ଅଗଷ୍ଟ ୨୬ ତାରିଖ ଦିନ ଭାରତୀୟ ଶିଳ୍ପ ପ୍ରତିଷ୍ଠାର ପ୍ରଥମ ପ୍ରଚେଷ୍ଟା ରୂପେ ଜନସାଧାରଣଙ୍କ ଅକୁଣ୍ଠ ସହାୟତାରେ ଟାଟା ଆଇରନ ଏଣ୍ଡ ଷ୍ଟିଲ କମ୍ପାନୀର ଆତ୍ମପ୍ରକାଶ ହେଲା । ଏହାକୁ ଦେଶର ବୃହତ୍ତମ ବେସରକାରୀ ପ୍ରଚେଷ୍ଟା ତଥା ସର୍ବପ୍ରଧାନ ଇସ୍ପାତ ଉତ୍ପାଦନକାରୀ ପ୍ରତିଷ୍ଠାନ ରୂପେ ଗଢ଼ି ତୋଳିବା ପଛରେ ସେମାନଙ୍କର ଯୋଗଦାନ କିଛି କମ୍ ନୁହେଁ । ୧୯୨୦ ସାଲ ପରେ କମ୍ପାନୀର ଅସ୍ତିତ୍ୱ ପର୍ଯ୍ୟନ୍ତ ଯେତେବେଳେ ସନ୍ଦେହ ହୋଇ ଉଠିଲା, ସେତେବେଳେ ଏହିଭଳି ଅଟଳ ଅଂଶୀଦାର ଥିଲେ ଯାହାଙ୍କର ସେମାନେ ହିଁ ଏହି ଅଗ୍ରଗାମୀ ପ୍ରଚେଷ୍ଟାର ସମସ୍ତ ବିପଦକୁ ସହିଷ୍ଣୁ ମନରେ ସ୍ୱୀକାର କରି ନେଇଥିଲେ ।

## ଟାଟା ଷ୍ଟିଲ

୧୩/ଡି, ଚୌରଙ୍ଗୀ ଷ୍ଟ୍ରୀଟ, କଲିକତା-୧ ର ୭୧ ବର୍ଷ ବୟସ୍କ ଶ୍ରୀ ... ସର୍ବପ୍ରଥମ ଅଂଶୀଦାରମାନଙ୍କ ମଧ୍ୟରେ ଅନ୍ୟତମ ଏବଂ ଏବେବି କମ୍ପାନୀର ଅଂଶୀଦାର ଅଛନ୍ତି ।

TN 3725

The Tata Iron and Steel Company Limited

# ଯୋଜନାର ଭାଗ

ଶ୍ରୀ ହରିବନ୍ଧୁ ଶତପଥୀ
ଜିଲ୍ଲା ଲୋକସମ୍ପର୍କ ଅଫିସର

**ଦେଶରେ** ଯୋଜନା କାମ ଚାଲିଛି, ପୁଣି ଚାଲିବ । ପ୍ରଥମ ପଞ୍ଚବାର୍ଷିକ ଯୋଜନା ପରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକ୍ରମ ଅନୁସୃତ ହେଉଛି । ଏହା ଶେଷ ହେବା ପୂର୍ବରୁ ତୃତୀୟ ଯୋଜନା ପାଇଁ କଥା ଆରମ୍ଭ ହେଲାଣି । ସୁତରାଂ ଏହାର ସମାପ୍ତି ଶୀଘ୍ର ହେଉନାହିଁ; ଏହା ସତ୍ୟ । ସମ୍ଭବ ବା କିପରି ?

## ଅଭାବ ଆମର ବହୁମୁଖୀ

ଦେଶ ସ୍ୱାଧୀନ ହେବା ପୂର୍ବରୁ ଏ ଦେଶର ମେରୁଦଣ୍ଡ ମାତ୍ର ଥିଲା । ଏହି ମେରୁଦଣ୍ଡ ଉପରେ ରକ୍ତ-ମାଂସ ସଞ୍ଚାର କରିବା କଥା । ସଂଖ୍ୟା କମ୍ ହେଲେ ଲୋକ ଗଣିପାରେ, ଗ୍ରହ ଗଣିହୁଏ; କିନ୍ତୁ ନକ୍ଷତ୍ର ଗଣିହୁଏ ନାହିଁ । ସେହିପରି ଦେଶର ଅଭାବ ଏତେ ଥିଲା ଯେ କହିହେବ ନାହିଁ । ଅଭାବ ପୂରଣ ପାଇଁ ଯୋଜନା ଲୋଡ଼ା—ସମୟ, ଉଦ୍ୟମ, ଅର୍ଥ ସବୁର ପ୍ରୟୋଜନ ।

## କିଏ ପୂରଣ କରିବ ?

ଅଭାବ ପୂରଣର ଦାୟିତ୍ୱ ଜଣକର ନୁହେଁ, ଏକଥା ସମସ୍ତେ ବୁଝିବା ଉଚିତ । ପୁଣି ଜଣେ ଚେଷ୍ଟାକଲେ ବି ଅଭାବଗୁଡ଼ିକ ମୋଚନ ହେବ ନାହିଁ । ଦେଶ ବିରାଟ, ସମସ୍ୟା ବହୁଳ; ସ୍ଥାନ, ଜଳବାୟୁ, ପାରିପାର୍ଶ୍ୱିକ ଅବସ୍ଥା ଭିନ୍ନ । ଏସବୁ ଏକ ନିୟମ, ଏକ ପ୍ରକ୍ରିୟା, ଏକ ବାତାବରଣ ମଧ୍ୟରେ କରାଯାଇ ପାରିବ ନାହିଁ । କେତେକ ପରାମର୍ଶ ଦେବେ, କେତେକ ଯୋଜନା କରିବେ— ? କେତେକଙ୍କ ଉପରେ କାର୍ଯ୍ୟକାରିତାର ଦାୟିତ୍ୱ ରହିବ ଓ ସମସ୍ତେ ପୂର୍ଣ୍ଣପ୍ରାଣରେ ସାହାଯ୍ୟ କରିବେ । ତେବେ ଅଭାବ ପୂରଣର ପନ୍ଥା ମିଳିବ ।

## ଦାୟିତ୍ୱବୋଧ

ଏଥିପାଇଁ ଲୋଡ଼ା ସକ୍ରିୟ ଦାୟିତ୍ୱବୋଧ । କେହି ଦାୟିତ୍ୱ ନେବେ ନାହିଁ, ବା ସମସ୍ତେ ଦାୟିତ୍ୱ ନେବେ—ଏହା କୁଥାପି ହୋଇ ନାହିଁ । କିନ୍ତୁ ସମସ୍ତଙ୍କର ଦାୟିତ୍ୱବୋଧ ଜାଗ୍ରତ ହେବା ଆବଶ୍ୟକ । ଏବେ ସୁଦ୍ଧା ଆମ୍ଭେମାନେ ସେ ସ୍ତରକୁ ଆସିଲୁଣି କି ନାହିଁ, ଏଥିରେ ଅନ୍ୟର ମତ ପ୍ରକାଶ କରିବା ପର୍ଯ୍ୟନ୍ତ ଅପେକ୍ଷା ନାହିଁକି ? ମୁଁ ପଛେ କରିବ ସେ କରୁ—ଏଭଳି ଟାଳମଟାଳର ଅବକାଶ ବା ନାହିଁ ? ଯାହାର ଦାୟିତ୍ୱବୋଧ ଜାଗ୍ରତ ହେବ, ସେ କାହାରିକୁ ଅପେକ୍ଷା କରିବ ନାହିଁ । ସେ ତାହାର ଶକ୍ତି, ଉଦ୍ୟମ ସବୁ ଖଟାଇ କାର୍ଯ୍ୟ କରିବ । ଏଥିରେ ପୁଣି ବ୍ୟକ୍ତି ଛଡ଼ା ସମଷ୍ଟିଗତ ଅନେକ କାର୍ଯ୍ୟ ଅଛି । କେତେକ କାର୍ଯ୍ୟରେ ବ୍ୟକ୍ତି କାର୍ଯ୍ୟ କଲେ ଚଳିବ । ଏଥିରେ ହୁଏତ ସମଷ୍ଟିଗତ ଉଦ୍ୟମର ଲୋଡ଼ା ନାହିଁ, ମାତ୍ର କେତେକ ସ୍ଥଳରେ ସମୂହ ଚେଷ୍ଟା ଆବଶ୍ୟକ ।

## ସମୂହବିକାଶ ଲକ୍ଷ୍ୟ

ସମୂହବିକାଶହିଁ ସବୁ ଯୋଜନାର ଲକ୍ଷ୍ୟ । ହୁଏତ ତାହା ବିରାଟ ଦେଶରେ ଏବଂ ବିଶାଳ ଅଭାବ ମଧ୍ୟରେ ଗତ କେତେ ବର୍ଷ ଭିତରେ ତୁରନ୍ତ ବିକାଶ ସାଧିତ ହୋଇ ନ ପାରେ । ପାଞ୍ଚବର୍ଷ କହୁଁ ; ଫଳ ଲାଭ ସମ୍ଭବ ହୁଏ ନାହିଁ—ଏଭଳି ଆଶା ମଧ୍ୟ ଅପ୍ରାସଙ୍ଗିକ ।

ସୁତରାଂ ତୁରନ୍ତ ଉପକାରିତା ଆଶା କରିବା ଅନୁଚିତ। ସମୂହବିକାଶ ଲାଗି ଆଜି ଯୋଜନା ପରିକଳ୍ପିତ। ଦେଶବାସୀଙ୍କର ଅର୍ଥନୈତିକ ଉନ୍ନତି ଘଟାଇବା ଯୋଜନାର ଲକ୍ଷ୍ୟ। କୃଷି ଓ ଶିଳ୍ପର ସମୁନ୍ନତି ନ ଘଟିଲେ ଅର୍ଥନୈତିକ ଉନ୍ନତି ସମ୍ଭବ ନୁହେଁ। ଆର୍ଥିକ ସମ୍ବଳ ବଳିଷ୍ଠ ନ ହେଲେ ଦେଶର ବିକାଶ ଘଟିବ ନାହିଁ।

## କୃଷି ଓ ଶିଳ୍ପର ସ୍ଥାନ

ଏହି ସବୁ ଦୃଷ୍ଟିରୁ କୃଷି ଓ ଶିଳ୍ପକୁ ଯୋଜନାରେ ଉଚ୍ଚ ସ୍ଥାନ ଦିଆଯାଇଛି। ଦେଶର ପ୍ରତ୍ୟେକେ କୃଷିଜୀବୀ। ସେମାନଙ୍କର ଏଦିଗରେ ଯଥେଷ୍ଟ ଭାଗ ଅଛି। ଜନସଂଖ୍ୟା ବୃଦ୍ଧି ହେଉଥିବାବେଳେ ଉତ୍ପାଦନ ପରିମାଣ ବୃଦ୍ଧି ନ କଲେ ଆଉ ଗତି ନାହିଁ। ଏହା ଏକ ଗମ୍ଭୀର ଚିନ୍ତାର ବିଷୟ। ନିଜର ଯେତିକି ଜମି ଥାଉ ନା କାହିଁକି, ସବୁ ଶକ୍ତି ଖଟାଇ ନିଜ ପାଇଁ ଓ ସମୂହକଲ୍ୟାଣ ଲାଗି ବିଭିନ୍ନ ସମୟରେ ବିଭିନ୍ନ ଉପାୟରେ ଉତ୍ପନ୍ନ ବଢ଼ାଇବାକୁ ହେବ। ଏହି ଚେତନା ଓ ଦାୟିତ୍ୱବୋଧ ଯେତେ ବୃଦ୍ଧି ପାଇବ, ଯୋଜନାର କାର୍ଯ୍ୟ ଓ ଦେଶର ଅର୍ଥନୈତିକ ପ୍ରଗତି ସେତେ ଅଗ୍ରଗାମୀ ହେବ। କୃଷି ପାଇଁ ନାନା ଉପାୟ ଖଞ୍ଜାଯାଇଛି। ସାହାଯ୍ୟ,ଋଣ ଆଦିର ସୁବ୍ୟବସ୍ଥା ଅଛି। ଅସଲ କଥା—କିଏ କରିବ ? ଜନତା ପାଇଁ ଏହା ଉଦ୍ଦିଷ୍ଟ ଏବଂ ଜନତାହିଁ ଏହାକୁ ଉପଯୋଗ କରିବ।

ବର୍ତ୍ତମାନ ସମବାୟ କୃଷି ବ୍ୟବସ୍ଥା ପାଇଁ ଆୟୋଜନ ହେଉଛି। ଏଥିରେ ମତଭେଦ ଥାଇପାରେ, ପ୍ରଣାଳୀ ଭିନ୍ନ ହୋଇପାରେ, ମାତ୍ର ଏହା ଏକ ପନ୍ଥା ବୋଲି ବିଚାର କରାଯାଉଛି।

ସେହିପରି ଯନ୍ତ୍ର ଓ କୁଟୀର ଶିଳ୍ପ ପାଇଁ ଆୟୋଜନ କରାଯାଇଛି। ଶିଳ୍ପୀ ଓ କାରିଗର ପାଇଁ କ୍ଷେତ୍ରର ଅଭାବ ନାହିଁ। ଆର୍ଥିକ ସମ୍ବଳ ଯଥାସମ୍ଭବ ଯୋଗାଇ ଦିଆଯାଉଛି, ତାଲିମ ପାଇଁ ଅନୁଷ୍ଠାନମାନ ଆରମ୍ଭ ହୋଇଛି। ଏସବୁ ଦେଖି ଦେଶବାସୀ ଉଦାସୀନ ରହିଲେ ଚଳିବ ନାହିଁ। ଅର୍ଥ, ଶକ୍ତି, ବୁଦ୍ଧି, ଅଭିଜ୍ଞତା ଯାହାର ଯେତିକି ଅଛି ତାହା ପୂର୍ଣ୍ଣଭାବରେ ଖଟାଇବାକୁ ପଡ଼ିବ।

## ଭାଗ ସମସ୍ତଙ୍କର ଅଛି

ସମୂହ-କଲ୍ୟାଣକର କାର୍ଯ୍ୟରେ ଭାଗ ସମସ୍ତଙ୍କର ଅଛି। ସମସ୍ତେ ଏକ ସଙ୍ଗରେ ସହଯୋଗ ନ କଲେ ବିରାଟ କାର୍ଯ୍ୟର ସମାଧାନ ହୋଇ ପାରିବ ନାହିଁ। ଏ କାର୍ଯ୍ୟ କରିବା ପାଇଁ ପଛଘୁଞ୍ଚା ଦେବାର ନୁହେଁ—କାହାରିକୁ ମଧ୍ୟ ଅପେକ୍ଷା କରିବାକୁ ହେବ ନାହିଁ। ସମସ୍ତେ ଆଗେଇ ଚାଲିଛନ୍ତି। ନିଜର ଭାଗ ପାଇଁ ନିଜକୁ ଯୋଗ୍ୟ କରିବାକୁ ହେବ, ଅଧିକ ଶ୍ରମ କରିବାକୁ ପଡ଼ିବ, ଅଧିକ ଦାୟିତ୍ୱ ତୁଲାଇବାକୁ ହେବ—ତେବେ ସିନା ଯୋଜନାର ସଫଳତା ହାସଲ କରିବା।




## ଓଡ଼ିଶାରେ ଲୁହାପଥର ଉତ୍ପାଦନ

ଭାରତୀୟ ଖଣି ବ୍ୟୁରୋର ହିସାବରୁ ଜଣାଯାଏ ଯେ ୧୯୫୯ ମସିହାର ଜୁନ ମାସରେ ଭାରତରେ ୫୭୫,୦୦୦ ମେଟ୍ରିକ୍ ଟନ୍ ଲୁହାପଥର ଉତ୍ପାଦନ ହୋଇଛି ।

୧୯୫୯ ମସିହାର ପ୍ରାରମ୍ଭରୁ ଜୁନ ମାସ ଶେଷ ସୁଦ୍ଧା ମୋଟ ଲୁହାପଥର ଉତ୍ପାଦନ ହୋଇଛି ୩,୭୭୧,୦୦୦ ମେଟ୍ରିକ୍ ଟନ୍ । ୧୯୫୮ ମସିହାର ଅନୁରୂପ ସମୟ ମଧ୍ୟରେ ୩,୦୭୮,୦୦୦ ମେଟ୍ରିକ୍ ଟନ୍ ଲୁହାପଥର ଉତ୍ପାଦନ ହୋଇଥିଲା ।

ବିହାର ଓ ଓଡ଼ିଶାରେ ସବୁଠାରୁ ଅଧିକ ଉତ୍ପାଦନ ସମ୍ଭବ ହୋଇଛି । ୧୯୫୯ ମସିହାରେ ବିହାରରେ ୨୭୩,୦୦୦ ମେଟ୍ରିକ୍ ଟନ୍ ଏବଂ ଓଡ଼ିଶାରେ ୧୮୭,୦୦୦ ମେଟ୍ରିକ୍ ଟନ୍ ଲୁହାପଥର ମିଳିଛି ।

ଅନ୍ୟାନ୍ୟ ରାଜ୍ୟ ମଧ୍ୟରେ ମହୀଶୂରରୁ ୫୯,୦୦୦ ମେଟ୍ରିକ୍ ଟନ୍ ଏବଂ ମଧ୍ୟପ୍ରଦେଶରୁ ୩୨,୦୦୦ ମେଟ୍ରିକ ଟନ୍ ଲୁହାପଥର ମିଳିଛି ।

୧୯୫୯ ମସିହାର ଜୁନ ମାସରେ ଲୁହା ଇସ୍ପାତ କାରଖାନାଗୁଡ଼ିକୁ ୪୪୦,୦୦୦ ମେଟ୍ରିକ୍ ଟନ୍ ଏବଂ ଉତ୍ପାଦୀ ବଜାରକୁ ୪୨୭,୦୦୦ ମେଟ୍ରିକ୍ ଟନ୍ ଲୁହା ପଥର ଯୋଗାଇ ଦିଆଯାଇଛି ।

---

## ଉଚ୍ଚ ବିଦ୍ୟା ଶିକ୍ଷା ପାଇଁ ଓଡ଼ିଶାକୁ ଦୁଇଟି ବୃତ୍ତି ମିଳିଛି

ଆଜି ଲୋକସଭାରେ ଶ୍ରୀ ବି. ସି. ମଲ୍ଲିକଙ୍କର ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡକ୍ଟର କେ. ଏଲ. ଶ୍ରୀମାଳୀ ଜଣାଇଲେ ଯେ ୧୯୫୮-୫୯ରେ ବିଦେଶରେ ଉଚ୍ଚଶିକ୍ଷା ଲାଭ ପାଇଁ ଅନୁନ୍ନତ ଶ୍ରେଣୀ ଛାତ୍ରମାନଙ୍କୁ ଭାରତ ସରକାରଙ୍କର ୧୧୦ଟି ବୃତ୍ତି ମିଳିଛି । ସେଥିମଧ୍ୟରୁ ଦୁଇଟି ବୃତ୍ତି ଓଡ଼ିଶାକୁ ମିଳିଛି ।

ଏହାଛଡ଼ା ଆନ୍ଧ୍ର ପ୍ରଦେଶକୁ ୨୯ଟି, ମାଡ୍ରାଜକୁ ୨୫ଟି, କେରଳକୁ ୨୦ଟି, ମହୀଶୂରକୁ ୧୭ଟି, ବମ୍ବେକୁ ୫ଟି, ଆସାମକୁ ୪ଟି, ପଞ୍ଜାବକୁ ୩ଟି ଏବଂ ପଶ୍ଚିମ-ବଙ୍ଗ ଓ ମଣିପୁରକୁ ଗୋଟିଏ ଲେଖାଏ ବୃତ୍ତି ମିଳିଛି ।

---

## ଓଡ଼ିଶାର ଶିକ୍ଷାନୁଷ୍ଠାନମାନଙ୍କ କେନ୍ଦ୍ରରୁ ସାହାଯ୍ୟ

ଓଡ଼ିଶାର ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ବିଭିନ୍ନ କାର୍ଯ୍ୟ ପାଇଁ କେନ୍ଦ୍ରରୁ ୧୯୫୭-୫୮ ଏବଂ ୧୯୫୮-୫୯ ମସିହାରେ ଆର୍ଥିକ ସାହାଯ୍ୟରୂପେ ଯଥାକ୍ରମେ ୮ ଲକ୍ଷ ୧୫ ହଜାର ୪ଶହ ୧ ଟଙ୍କା ଓ ୧୩ ଲକ୍ଷ ୯୮ ହଜାର ୪ ଶହ ୨୦ ଟଙ୍କା ପାଇଛନ୍ତି ।

୧୯୫୭-୫୮ ମସିହାରେ ଗବେଷଣା, ଗ୍ରନ୍ଥାଗାର, ପୁସ୍ତକ କ୍ରୟ, ବିଜ୍ଞାନ ଗବେଷଣାଗାର, ସଂସ୍କୃତ ଓ ଦର୍ଶନ ବିଭାଗ ପାଇଁ ଏବଂ ଇଂଜିନିଅରିଂ କଲେଜ

ଖୋଲିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରରୁ ସାହାଯ୍ୟ ମିଳିଛି । ଏହା ଛଡ଼ା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନକୁ ମଧ୍ୟ ସମାଜ-ସେବା ଶିବିର ସ୍ଥାପନ, ଶିକ୍ଷାଗତ ଭ୍ରମଣ ଏବଂ ସନ୍ତରଣ ପୁଷ୍କରିଣୀ ଓ ଅବସର-ବିନୋଦନ ଗୃହ ନିର୍ମାଣ ପାଇଁ ସାହାଯ୍ୟ ମିଳିଛି ।

୧୯୫୮-୫୯ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କ ଦରମାହାର ବୃଦ୍ଧି, ଶିକ୍ଷକମାନଙ୍କ ସମ୍ପ୍ରସାରଣ କାର୍ଯ୍ୟ, ଗବେଷଣାମୂଳକ କାର୍ଯ୍ୟ, ପୁସ୍ତକ ଓ ଅନ୍ୟାନ୍ୟ ସରଞ୍ଜାମ କ୍ରୟ, ଆନ୍ତର୍କଲେଜ ଯୁବ-ଉତ୍ସବ, ତିନିବର୍ଷିଆ ଡିଗ୍ରୀ ପାଠ୍ୟକ୍ରମ ପ୍ରବର୍ତ୍ତନ ଓ ବୁର୍ଲାରେ ନୂଆ ଇଂଜିନିୟରିଂ କଲେଜର ସମ୍ପ୍ରସାରଣ ପାଇଁ କେନ୍ଦ୍ରରୁ ସାହାଯ୍ୟ ପାଇଛନ୍ତି । ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନମାନେ ଶିକ୍ଷାମୂଳକ ଭ୍ରମଣ ଓ ଖେଳ ସରଞ୍ଜାମ କ୍ରୟ ପାଇଁ ସାହାଯ୍ୟ ପାଇଛନ୍ତି ।

## ୧୯୫୯-୬୦ରେ ହୀରାକୁଦ ପାଇଁ ୪ କୋଟି ୩୭ ଲକ୍ଷ ଟଙ୍କାର ବ୍ୟବସ୍ଥା ହୋଇଛି

ଦେଶର ବହୁମୁଖୀ ନଦୀ-ଉପତ୍ୟକା ଯୋଜନା ଗୁଡ଼ିକୁ ୧୯୫୯-୬୦ରେ କେନ୍ଦ୍ର ଋଣ ବାବଦରେ କେତେ ଟଙ୍କାର ବଜେଟ ବ୍ୟବସ୍ଥା ହୋଇଛି, ସେ ସଂପର୍କରେ ଆଜି ଲୋକସଭାରେ କେନ୍ଦ୍ର ଜଳସେଚନ ଓ ବିଦ୍ୟୁତ୍ ଉପମନ୍ତ୍ରୀ ଶ୍ରୀ ଜୟସୁଖଲାଲ ହାଥୀ ଏକ ତାଲିକା ଉପସ୍ଥାପନ କରିଥିଲେ ।

ଏହି ତାଲିକାରୁ ଜଣାଯାଏ ଯେ ଓଡ଼ିଶାର ହୀରାକୁଦ ବନ୍ଧ ଯୋଜନା ପାଇଁ ୪ କୋଟି ୩୭ ଲକ୍ଷ ଟଙ୍କାର ବ୍ୟବସ୍ଥା ହୋଇଛି ।

ଏହା ଛଡ଼ା ଭାକ୍ରାନାଙ୍ଗଲ ଯୋଜନା ପାଇଁ ପଞ୍ଜାବକୁ ୧୬ କୋଟି ୫ ଲକ୍ଷ, ରାଜସ୍ଥାନକୁ ୨ କୋଟି ୭୧ ଲକ୍ଷ, ଦାମୋଦର ଉପତ୍ୟକା କର୍ପୋରେସନ ପାଇଁ ପଶ୍ଚିମ-ବଙ୍ଗକୁ ୭ କୋଟି ୧୪ ଲକ୍ଷ ୧୩ ହଜାର ଓ ବିହାରକୁ ୨ କୋଟି ୭୭ ଲକ୍ଷ ୫୪ ହଜାର, ଚମ୍ବଲ ବନ୍ଧ ଯୋଜନା ପାଇଁ ମଧ୍ୟପ୍ରଦେଶକୁ ୭ କୋଟି ଓ ରାଜସ୍ଥାନକୁ ୩ କୋଟି ୫୦ ଲକ୍ଷ ଏବଂ କୋଶୀ ଯୋଜନା ପାଇଁ ବିହାରକୁ ୭ କୋଟି ୩୦ ଲକ୍ଷ ଟଙ୍କା ଋଣ ଦିଆଯିବାର ବ୍ୟବସ୍ଥା ୧୯୫୯-୬୦ ମସିହା ବଜେଟ୍‌ରେ ରହିଛି ।

### କେତେକ ଜାଣିବାର କଥା

ବର୍ତ୍ତମାନ ଦେଶରେ ବାର୍ଷିକ ଆଲୁମିନିୟମ ବ୍ୟବହାର ପରିମାଣ ହେଉଛି ୨୦ ହଜାର ଟନ୍; କିନ୍ତୁ ମାତ୍ର ସାତ ହଜାରରୁ ସାଢ଼େ ସାତ ହଜାର ଟନ୍ ପର୍ଯ୍ୟନ୍ତ ଆଲୁମିନିୟମ ଦେଶରେ ଉତ୍ପାଦିତ ହେଉଛି । ହୀରାକୁଦ ଆଲୁମିନିୟମ କାରଖାନାଟି ଖୋଲା ହୋଇଗଲେ ଉତ୍ପାଦନ ପରିମାଣ ୧୭ ହଜାରରୁ ୧୮ ହଜାର ଟନ୍ ପର୍ଯ୍ୟନ୍ତ ବଢ଼ିଯିବ ବୋଲି ଆଶା କରାଯାଏ ।

# ସମସ୍ତଙ୍କ ଜାଣିବାପାଇଁ

## ବାର୍ଷିକ ନିର୍ବାଚନ ତାଲିକା ସଂଶୋଧନ

ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ନିର୍ବାଚନ) ବିଭାଗର ମୁଖ୍ୟ ନିର୍ବାଚନ ଅଫିସର ଜଣାଇଛନ୍ତି:—

ଯେତେଦୂର ସମ୍ଭବ ବର୍ତ୍ତମାନ - ଉପଯୋଗୀ କରିବା ପାଇଁ ନିର୍ବାଚନ ତାଲିକାମାନ ପ୍ରତିବର୍ଷ ସଂଶୋଧନ କରାଯାଇଥାଏ । ଜାନୁଆରୀ ମାସର ପହିଲା ତାରିଖ ଦିନ ୨୧ ବର୍ଷ ବୟସରୁ କମ୍ ହୋଇ ନ ଥିବା ପ୍ରତ୍ୟେକ ନାଗରିକ ଜଣେ ଭୋଟଦାତା ହିସାବରେ ଗଣାଯିବା ପାଇଁ ହକଦାର ଅଟନ୍ତି । ଚଳିତ ବର୍ଷର ବାର୍ଷିକ ସଂଶୋଧନ ସମ୍ବନ୍ଧରେ "ଇଲେକ୍ସନ ରେଜିଷ୍ଟ୍ରେସନ ଅଫିସର, ସବ୍‌ଡ଼ିଭିଜନାଲ୍ ଅଫିସର, ତହସିଲଦାର, ଅଞ୍ଚଳ-ଅଧିକାରୀ, ଗ୍ରାମପଞ୍ଚାୟତ ଅଫିସମାନଙ୍କରେ, ଥାନା ଏବଂ ଗୁରୁତ୍ୱପୂର୍ଣ୍ଣ ଗ୍ରାମ କେନ୍ଦ୍ରମାନଙ୍କରେ ତା୨୬-୭-୫୯ରିଖଠାରୁ ୩୦ ଦିନ ପର୍ଯ୍ୟନ୍ତ ନିର୍ବାଚନ ଖଡ଼ାମାନ ପ୍ରକାଶ କରାଯିବ । ଭୋଟଦାତା ହେବା ପାଇଁ ହକ୍‌ଦାର ହୋଇଥିବା ପ୍ରତ୍ୟେକ ନାଗରିକଙ୍କୁ ତାଙ୍କର ନାମ ନିର୍ବାଚନ ତାଲିକାରେ ଅଛି କି ନାହିଁ, ଯାଞ୍ଚ କରି ନେବାକୁ ଅନୁରୋଧ କରାଯାଉଛି । ସେଥିରେ ଯଦି ତାଙ୍କର ନାମ ନ ଥାଏ, ତେବେ ତାହା ସେଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳର ସଂଶୋଧନକାରୀ କର୍ତ୍ତୃପକ୍ଷ ବା ସବ୍‌ଡ଼ିଭିଜନାଲ ଅଫିସରଙ୍କ ନିକଟକୁ ଗୋଟିଏ ଦରଖାସ୍ତ ପଠାଇବା ଉଚିତ । ଏହି ପ୍ରକାରର ଦରଖାସ୍ତ ପାଇଁ ଏକ ନିର୍ଦ୍ଧାରିତ ଫାରମ ଅଛି । ସବ୍‌ଡ଼ିଭିଜନାଲ ଅଫିସର ତହସିଲଦାର କିମ୍ବା ଅଞ୍ଚଳ-ଅଧିକାରୀଙ୍କର ଅଫିସମାନଙ୍କଠାରୁ ବା ଥାନାରୁ ଏହି ଫାରମର ନକଲମାନ ମିଳି ପାରିବ । ଏହି ଦରଖାସ୍ତମାନ ନିଜ ଉପସ୍ଥିତିରେ ଦାଖଲ କରାଯାଇପାରେ କିମ୍ବା ସେମାନଙ୍କ ନିକଟକୁ ରେଜିଷ୍ଟ୍ରି ଡାକରେ ପଠାଇ ଦିଆଯାଇପାରେ ।

ଯଦି କୌଣସି ବ୍ୟକ୍ତିଙ୍କର ନାମ ଭୁଲରେ ନିର୍ବାଚନ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥାଏ, ତାହାହେଲେ ସେହି ନାମକୁ ଉଠାଇଦେବା ପାଇଁ ନିର୍ଦ୍ଧାରିତ ଫରମରେ ଗୋଟିଏ ଅଭିଯୋଗ ଦରଖାସ୍ତ ଦିଆଯାଇ ପାରିବ । ଏହି ଧରଣର ଦରଖାସ୍ତ ପାଇବା ଓ ଦାଖଲ କରିବା ପାଇଁ ଉପରଲିଖିତ ପଦ୍ଧତି ମଧ୍ୟ ଅନୁସରଣ କରାଯିବ ।

---

## ଅତି ସରୁ ଚାଉଳ ଓ ଧାନର ଦରବୃଦ୍ଧି

ଓଡ଼ିଶା ସରକାରଙ୍କ ଯୋଗାଣ ବିଭାଗ ଜଣାଇଛନ୍ତି:—

ପୂର୍ବରୁ ପ୍ରକାଶିତ ହୋଇଥିବା ଗୋଟିଏ ପ୍ରେସ ନୋଟ ଦ୍ୱାରା ଜନସାଧାରଣଙ୍କୁ ଜଣାଇ ଦିଆ ଯାଇଥିଲା ଯେ, ୧୯୫୯ ମସିହା ଓଡ଼ିଶା ଖାଦ୍ୟଶସ୍ୟ ମୂଲ୍ୟ ନିର୍ଦ୍ଧାରଣ ଆଦେଶ ଅନୁଯାୟୀ ଉତ୍ପାଦନକାରୀ-ମାନଙ୍କୁ ଦେୟ ସର୍ବନିମ୍ନ ମୂଲ୍ୟ ଧାର୍ଯ୍ୟ କରାଯାଇଛି । ଏହି ଆଦେଶ ୧୯୫୯ ମାର୍ଚ୍ଚ ୧୫ ତାରିଖରୁ ବଳବତ୍ତର ହୋଇଥିଲା । ବର୍ତ୍ତମାନ ଅତି ସରୁ ଚାଉଳ ଓ ଅତି ସରୁ ଧାନ ନିମନ୍ତେ ଉତ୍ପାଦନକାରୀ-ମାନଙ୍କୁ ଯେଉଁ ମୂଲ୍ୟ ଦିଆଯାଉଛି, ତାହାର ମୂଲ୍ୟକୁ ଓଡ଼ିଶା ସରକାର ମହଣ ପିଛା ଯଥାକ୍ରମେ ଟଙ୍କାଏ

ଓ ଦଣ୍ଡପଣା ବଢ଼ାଇ ଦେଇଛନ୍ତି । ଏହା ୧୯୫୯ ଅଗଷ୍ଟ ପହିଲାଠାରୁ କାର୍ଯ୍ୟକାରୀ ହେଲା । ଉକ୍ତ ଅଞ୍ଚଳ ପାଇଁ ନିର୍ଦ୍ଧାରିତ ହୋଇଥିବା ମୂଲ୍ୟ ନିମ୍ନରେ ଦିଆଗଲା । ସାଧାରଣ ଓ ସରୁ କିସମର ଚାଉଳ ଓ ଧାନର ଦରଦାମରେ କୌଣସି ପରିବର୍ତ୍ତନ ହୋଇନାହିଁ :—

| | ନିକଟତମ ରେଳଷ୍ଟେସନଠାରୁ ୩୫ ମାଇଲ ମଧ୍ୟରେ ଥିବା ଗୋଦାମମାନଙ୍କରେ | ନିକଟତମ ରେଳଷ୍ଟେସନଠାରୁ ୩୫ ମାଇଲରୁ ୬୦ ମାଇଲ ଭିତରେ ଥିବା ଗୋଦାମମାନଙ୍କରେ | ନିକଟତମ ରେଳଷ୍ଟେସନଠାରୁ ୬୦ ମାଇଲରୁ ଅଧିକ ଦୂରରେ ଥିବା ଗୋଦାମାନଙ୍କରେ |
|---|---|---|---|
| ଅତି ସରୁ ଧାନ ... | ଟ୧୫।୮ | ଟ୧୫।୮ | ଟ୧୫।୮ |
| ଅତିସରୁ ଢିଙ୍କିକୁଟା ଚାଉଳ | ଟ୧୬।୪ | ଟ୧୬। | ଟ୧୬।୵ |

ଉତ୍ପାଦନକାରୀମାନେ ଖରିଦ୍ଦାରଙ୍କଠାରୁ ଏହି ନ୍ୟୂନତମ ମୂଲ୍ୟ ପାଇବା ଉଚିତ । ତେଣୁ ସେମାନଙ୍କୁ ଏହି ସୁବିଧା ଦିଆଯାଇଛି, ଯଦି ଖରିଦ୍ଦାରମାନେ ଉତ୍ପାଦନକାରୀଙ୍କୁ ଠକାଇଲାଭଳି ପରିସ୍ଥିତି ଉପୁଜେ, ତେବେ ସଂପୃକ୍ତ ସିଭିଲ ସପ୍ଲାଇ ଅଫିସରଙ୍କୁ ସେ ବିଷୟ ଜଣାଇଦେବା ଦରକାର ।

## ଓଡ଼ିଶାର ରେଲଯାତ୍ରୀମାନଙ୍କ ଅସୁବିଧା ଦୂର କରିବା ପାଇ ବ୍ୟବସ୍ଥା

ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଜଣାଇଛନ୍ତି :—

ଖୋର୍ଦ୍ଧା ରୋଡ଼ ଓ ଖଡ଼ଗପୁର ଭିତରେ ଚାଲୁଥିବା ୩୨୫ ଓ ୩୨୬ ନମ୍ବର ପାସେଞ୍ଜର ଗାଡ଼ିକୁ ବନ୍ଦ କରିଦେବା ଫଳରେ ଯାତାୟାତ କରୁଥିବା ଜନସାଧାରଣଙ୍କ ଯେଉଁସବୁ ଅସୁବିଧା ହେଉଛି, ସେ ବିଷୟରେ ଦକ୍ଷିଣ-ପୂର୍ବ ରେଳବାଇ ଚିଫ୍ ଅପରେଟିଙ୍ଗ୍ ସୁପରିନ୍‌ଟେଣ୍ଡେଣ୍ଟଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କର ୧-୮-୫୯ରେ ଭୁବନେଶ୍ୱରଠାରେ ଆଲୋଚନା ହୋଇଥିଲା । ରେଳବାଇ ପରିଚାଳନା ତରଫରୁ ଚିଫ୍ ଅପରେଟିଙ୍ଗ୍ ସୁପରିନ୍‌ଟେଣ୍ଡେଣ୍ଟ କି କି କାରଣରୁ ଉକ୍ତ ଦୁଇଟି ଷ୍ଟେସନ ମଧ୍ୟରେ ରେଳ ଚଳାଚଳ ବନ୍ଦ କରିବାକୁ ପଡ଼ିଲା, ତାହା ଦର୍ଶାଇଥିଲେ । ରେଳ ଲାଇନର ସଂଖ୍ୟା ବଢ଼ାଇବାପାଇଁ ଆବଶ୍ୟକ ହେଉଥିବା କେତେକ ଇଞ୍ଜିନିୟରିଂ କାର୍ଯ୍ୟ ଚାଲିଛି ଓ ଏହି ସେକ୍‌ସନରେ ମାଲ ନେବା ଆଣିବା କାର୍ଯ୍ୟ ବହୁଗୁଣରେ ବୃଦ୍ଧି ପାଇଥିବାରୁ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡୁଛି । ଏହାହିଁ ହେଉଛି ଗାଡ଼ି ଦୁଇଟି ବନ୍ଦ କରିଦେବାର ପ୍ରଧାନ କାରଣ । ଉକ୍ତ ଗାଡ଼ି ବନ୍ଦ କରିବା ଫଳରେ ଅନ୍ୟ ଗାଡ଼ିଗୁଡ଼ିକରେ ଭିଡ଼ ବଢ଼ିଯାଇଛି ଓ ରାସ୍ତାରେ ରହୁଥିବା ଯେଉଁ ଯାତ୍ରୀମାନେ ଇତିପୂର୍ବରୁ ଉକ୍ତ ଗାଡ଼ିଗୁଡ଼ିକର ସୁବିଧା ପାଉଥିଲେ, ସେମାନେ ସେ ସୁବିଧାରୁ ବଞ୍ଚିତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ । ଗାଡ଼ିଗୁଡ଼ିକ ବନ୍ଦ ହୋଇଯିବା ଫଳରେ ଯେଉଁ ଷ୍ଟେସନମାନଙ୍କରେ ଅତି ଅଧିକ ଭିଡ଼ ହେଉଛି, ସେଥିରୁ ରକ୍ଷାପାଇବା ନିମନ୍ତେ ବର୍ତ୍ତମାନ ଚାଲୁଥିବା ଗାଡ଼ିରେ ଅଧିକା କେତୋଟି ତୃତୀୟ ଶ୍ରେଣୀ ଡବା ଯୋଡ଼ ଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଚିଫ୍ ଅପରେଟିଙ୍ଗ୍ ସୁପରିନ୍‌ଟେଣ୍ଡେଣ୍ଟ ଦର୍ଶାଇଥିଲେ ଯେ ପୁରୀ-ହାଓଡ଼ା ଏକ୍‌ସପ୍ରେସରେ ଗୋଟିଏ ଡବା ଯୋଡ଼ ଦିଆଯିବା ସଙ୍ଗେ ସଙ୍ଗେ ଆସାନସୋଲ-ପୁରୀ ପାସେଞ୍ଜରରେ ଗୋଟିଏ ତୃତୀୟ ଶ୍ରେଣୀ ଡବା ଓ ହାଓଡ଼ା-ପୁରୀ ପାସେଞ୍ଜରରେ ଦୁଇଟି ତୃତୀୟ ଶ୍ରେଣୀ ଡବା ଯୋଡ଼ ଦିଆଯାଉଛି । ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧରେ ଯିବା ଓ ଆସିବା ବାଟରେ ଯେତେବେଳେ ସମ୍ଭବ ହେବ, ଆସାନସୋଲ-ପୁରୀ ପାସେଞ୍ଜରରେ ଗୋଟିଏ



ଭାରତର ସବୁ ରାଜ୍ୟର ଶିକ୍ଷାମନ୍ତ୍ରୀମାନଙ୍କ ଗୋଟିଏ ସମ୍ମିଳନୀ ଗତ ଅଗଷ୍ଟ ୯ ତାରିଖରେ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା । ଏ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଶ୍ରୀମାଳୀ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହୋଇଥିବା ଗୋଟିଏ ଭୋଜ-ସଭାରେ ଓଡ଼ିଶାର ଶିକ୍ଷାମନ୍ତ୍ରୀ ଡକ୍ଟର ମହତାବ ଓ ବମ୍ବେର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଦେଶାଇଙ୍କୁ ରାଷ୍ଟ୍ରପତିଙ୍କ ସହିତ ଅଳାପ ପରିଚୟ କରାଇଦେଉଛନ୍ତି



ଗତ ଅଗଷ୍ଟ ତା ୧୬ ରିଖରେ ଡକ୍ଟର ରାଜେନ୍ଦ୍ରପ୍ରସାଦଙ୍କୁ ହାଇଦ୍ରାବାଦଠାରେ ଅନ୍ଧ୍ର-ପ୍ରଦେଶର ସ୍କାଉଟ୍ ଓ ବୁଲ୍‌ବୁଲ୍‌ମାନେ ଅଭିନନ୍ଦନ ଜଣାଉଛନ୍ତି



ଉପରାଷ୍ଟ୍ରପତି ଡଃ ରାଧାକୃଷ୍ଣନଙ୍କର ଏସେନ ଗସ୍ତ କାଳରେ ଅଲଫ୍ରେଡ୍ କ୍ରୁପ୍ ଗୋଟିଏ ଭୋଜିରେ ତାଙ୍କୁ ଆପ୍ୟାୟିତ କରିଥିଲେ । ଭୋଜିଅବସରରେ ଭାରତର ରାଷ୍ଟ୍ରଦୂତ ଶ୍ରୀ ତ୍ୟାଗୀଙ୍କ ଓ କ୍ରୁପ୍‌ଙ୍କ ସହ ଉପରାଷ୍ଟ୍ରପତି ଆଲୋଚନାରେ ବ୍ୟସ୍ତ ଅଛନ୍ତି



କ୍ରୁପ ପରିବାରର ପ୍ରବର୍ତ୍ତକ ବାସଗୃହ ଏସେନଠାରେ ଅନୁଷ୍ଠିତ ହୋଇଥିବା "ପାଞ୍ଚହଜାର ବର୍ଷର ଭାରତୀୟ କଳା ପ୍ରଦର୍ଶନୀ"ରେ ଉପରାଷ୍ଟ୍ରପତି ଶ୍ରୀ ରାଧାକୃଷ୍ଣନ୍

ନୂତନ ଶ୍ରେଣୀ ଡବା ଖଞ୍ଜିବାପାଇଁ ଏବଂ ବସ୍ତା, ଖଣ୍ଡାପଡ଼ା ଓ ମାର୍କୋଣାଠାରେ ଜନତା ଏକ୍ସପ୍ରେସ ଅଟକିବା ପାଇଁ ଚିଫ୍ ଅପରେଟିଙ୍ଗ୍ ସୁପରିନ୍ଟେଣ୍ଡେଣ୍ଟ ସ୍ଥିର ହୋଇଛନ୍ତି । ଉକ୍ତ ସୁପରିନ୍ଟେଣ୍ଡେଣ୍ଟ କହିଲେ ଯେ, ପୁରୀ ଏକ୍ସପ୍ରେସ ଓ ୩୨୫ ଅପ୍ ଗାଡ଼ି ମଧ୍ୟରେ ଖୋର୍ଦ୍ଧା-ରୋଡ଼ଠାରେ ବର୍ତ୍ତମାନ ସଂଯୋଗ ସ୍ଥାପନ ବ୍ୟବସ୍ଥା ହୋଇଛି । ଏହା ଫଳରେ ଉତ୍ତର-ଓଡ଼ିଶାରୁ ଆସୁଥିବା ଯାତ୍ରୀମାନେ ଖୋର୍ଦ୍ଧା ରୋଡ଼ଠାରେ ଅପେକ୍ଷା ନ କରି ଦକ୍ଷିଣକୁ ଯାତ୍ରା କରି ପାରିବେ । ଚିଫ୍ ଅପରେଟିଙ୍ଗ୍ ସୁପରିନ୍ଟେଣ୍ଡେଣ୍ଟ ସୂଚାଇଛନ୍ତି ଯେ ଇଞ୍ଜିନିୟରିଂ କାମ ଜୋରସୋରରେ ଚାଲିଛି ଏବଂ ଆସନ୍ତା ବର୍ଷ ଅଧାଅଧି ବେଳକୁ ଖୋର୍ଦ୍ଧା ରୋଡ଼ ଓ ଖଡ଼ଗପୁର ମଧ୍ୟରେ ୩୨୫ ଓ ୩୨୭ ନମ୍ବର ଗାଡ଼ି ଯିବା ଆସିବା କରାଇପାରିବ । ଆଶା କରାଯାଉଛି ଯେ ରେଳବାଇ ବିଭାଗ ଯେଉଁସବୁ ବ୍ୟବସ୍ଥା କରୁଛନ୍ତି, ତାହା ଫଳରେ ଜନସାଧାରଣଙ୍କ ଅସୁବିଧା କେତେକ ପରିମାଣରେ ଦୂର ହୋଇ ପାରିବ ।

## ରାଜ୍ୟ ହୋମିଓ ଚିକିତ୍ସା ବୋର୍ଡ଼ ଗଠନ

ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଜଣାଇଛନ୍ତି :—

ସରକାରଙ୍କ ତା ୨୧-୧୧-୫୨ ରିଖର ୮୮୨୩ ନମ୍ବର ଓ ୨୨-୧୧-୫୨ ତାରିଖର ୮୯୨୩ ନମ୍ବର ବିଜ୍ଞପ୍ତିରେ 'ଓଡ଼ିଶା ରାଜ୍ୟ ହୋମିଓ ଚିକିତ୍ସା ବୋର୍ଡ଼' ଗଠନ କରାଯାଇଥିବା ବିଷୟ ପ୍ରକାଶ ପାଇଥିଲା । ଉକ୍ତ ବୋର୍ଡ଼ ଅନିୟମିତ ଭାବେ ଗଢ଼ାଯାଇ ଥିବାରୁ ସରକାର ନିମ୍ନଲିଖିତ ସଭାପତି ଓ ସଭ୍ୟଙ୍କୁ ନେଇ ତା ୫-୭-୫୪ ରିଖଠାରୁ ଗୋଟିଏ ନୂଆ ବୋର୍ଡ଼ ଗଠନ କରିଛନ୍ତି ।

ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର
ଡେପୁଟି ଡିରେକ୍ଟର ଏକ୍ସ-ଅଫିସିଓ — ସଭାପତି

| | | |
|---|---|---|
| ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ, ଏମ୍. ଏଲ୍. ଏ., | ପୁରୀ | ସଭ୍ୟ |
| ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ଏମ୍. ଏଲ୍. ଏ., | ବାଲେଶ୍ୱର | ,, |
| ଶ୍ରୀ ଓ୍ୱାଇ. ସାହୁ | ଗଞ୍ଜାମ | ,, |
| ଶ୍ରୀ ଦୀନବନ୍ଧୁ ଦାସ | ଗଞ୍ଜାମ | ,, |
| ଶ୍ରୀ କେ. ଚୌଧୁରୀ | ପୁରୀ | ,, |
| ଶ୍ରୀ ରଘୁନନ୍ଦନ ପରିଜା | ପୁରୀ | ,, |
| ଶ୍ରୀ ନଟବର ମହାନ୍ତି | କଟକ | ,, |
| ଶ୍ରୀ ପି. ସି. ନାୟକ | ବାଲେଶ୍ୱର | ,, |
| ଶ୍ରୀ ଚକ୍ରଧର ମିଶ୍ର | ଢେଙ୍କାନାଳ | ,, |
| ଶ୍ରୀ ଏସ୍. ଚୌଧୁରୀ | ସମ୍ବଲପୁର | ,, |
| ଶ୍ରୀ କୃଷ୍ଣ ମୂର୍ତ୍ତି | କୋରାପୁଟ | ,, |
| ଶ୍ରୀ ଦୀନବନ୍ଧୁ ରଥ | ପୁରୀ | ,, |

ଶ୍ରୀ ଅଭିନ୍ନଚନ୍ଦ୍ର ରାଓ ବୋର୍ଡ଼ର ସଭ୍ୟପଦରୁ ଇସ୍ତଫା ଦେବାରୁ ତାଙ୍କ ପରିବର୍ତ୍ତେ ଶ୍ରୀ ଦୀନବନ୍ଧୁ ରଥଙ୍କୁ ତା ୨୪-୭-୫୪ ରିଖରୁ ସଭ୍ୟ ଭାବରେ ଗ୍ରହଣ କରାଯାଇଛି ।

## ଓଡ଼ିଶାରେ ପଙ୍ଗପାଳ ଆକ୍ରମଣର ଆଶଙ୍କା

ଭାରତର ବିଭିନ୍ନ ସ୍ଥାନରୁ ମିଳିଥିବା ସମ୍ବାଦରୁ ଜଣାଯାଇଅଛି ଯେ, ଉତ୍ତର ପ୍ରଦେଶ ଓ ବିହାରର କେତେକାଂଶରେ ପଙ୍ଗପାଳମାନଙ୍କର ଉପଦ୍ରବ ଦେଖାଗଲାଣି । ଆଜଯାଏ ଏହି ପଙ୍ଗପାଳମାନଙ୍କର ଉପଦ୍ରବ ଓଡ଼ିଶାରେ ଦେଖାଯାଇ ନ ଥିଲେ ସୁଦ୍ଧା ଭବିଷ୍ୟତରେ ଏହାର ଆକ୍ରମଣର ବିଶେଷ ଆଶଙ୍କା କରାଯାଉଅଛି । ଏହି ପଙ୍ଗପାଳ ବର୍ତ୍ତମାନ ଧାନ ଓ ପନପରିବା ପ୍ରଭୃତିର ବିଶେଷ କ୍ଷତି ଘଟାଇ ପାରନ୍ତି ।

ଏଣୁ ପଙ୍ଗପାଳର ସଂକ୍ଷିପ୍ତ ବିବରଣୀ ସହ ନିବାରଣର ଉପାୟ ସର୍ବସାଧାରଣଙ୍କର ଗୋଚରାର୍ଥେ ଜଣାଇ ଦିଆଗଲା ।

ପଙ୍ଗପାଳ ଏକ ପ୍ରକାର ବଡ଼ ଫିଙ୍ଗିକା । ଏମାନେ ଦଳ ଦଳ ହୋଇ ଉଡ଼ନ୍ତି । ଏମାନଙ୍କର ରଙ୍ଗ ଈଷତ୍ ଗୋଲାପି (Pink) । ଡିମ୍ବ ଦେବା ସମୟ ହେଲେ ଏମାନେ ଈଷତ୍ ହଳଦିଆ ଦେଖାଯାନ୍ତି । ପଙ୍ଗପାଳ ଦଳ ବସିବା ସ୍ଥାନରେ ମାଟି ଭିତରେ ଡିମ୍ବ ଦେବାର ଆଶଙ୍କା ଥାଏ । ତେଣୁ ଜନସାଧାରଣଙ୍କୁ ଅନୁରୋଧ, ପଙ୍ଗପାଳଙ୍କ ବସିଥିବା ସ୍ଥାନ ପ୍ରତି ଲକ୍ଷ୍ୟ ରଖି ନିକଟସ୍ଥ ଥାନା କିମ୍ବା କୃଷି ବିଭାଗୀୟ କର୍ମଚାରୀଙ୍କୁ ଖବର ଦେଲେ ଏହାର ଉପଯୁକ୍ତ ପ୍ରତିକାର କରାଯିବ ।

## ପଙ୍ଗପାଳ ନଷ୍ଟ କରିବା ଉପାୟ

(୧) ପଙ୍ଗପାଳ ଦଳ ଫସଲ ଉପରେ ଓହ୍ଲାଇବା ଦେଖାଗଲେ ଗ୍ରାମବାସୀମାନେ ମିଶି ଡାଲଡବ ବଜାଇ ନଚେତ୍ କୌଣସି ପ୍ରକାର ଶବ୍ଦ କରି ଏହି ସେମାନଙ୍କୁ ଘଉଡ଼ାଇବା ଉପାୟ କରିବେ ।

(୨) ଯଦି ପଙ୍ଗପାଳ ଦଳ ଫସଲ ଉପରେ ଓହ୍ଲାଇ ଆସନ୍ତି, ସେମାନଙ୍କୁ ଗଛଡାଳ ସାହାଯ୍ୟରେ ବା ଅନ୍ୟ କୌଣସି ଉପାୟରେ ବାଡ଼େଇ ଛେଚି ମାରିଦେବା ଉଚିତ ।

(୩) ଯଦି ପଙ୍ଗପାଳ ଦଳ ପଡ଼ିଆ ଜମି କିମ୍ବା ଲଟାବୁଦା ପ୍ରଭୃତିରେ ବସିଥାନ୍ତି, ତେବେ ସେମାନଙ୍କୁ ପୋଡ଼ି ନଷ୍ଟ କରିଦେବାକୁ ଚେଷ୍ଟା କରିବେ ।

(୪) ପଙ୍ଗପାଳ ନଷ୍ଟ କରିବା ଉତ୍କୃଷ୍ଟ ଉପାୟ ହେଉଛି, ସେମାନଙ୍କ ଉପରେ ଡି. ଡି. ଟି. କିମ୍ବା ଗାମାକ୍ସିନ୍ ଗୁଣ୍ଡ ପକାଇବା । ଅଧିକାଂଶ କୃଷି ବିଭାଗୀୟ କର୍ମଚାରୀ, ବ୍ଲକ ଓ ପଞ୍ଚାୟତ କେନ୍ଦ୍ରମାନଙ୍କରେ ଏହି ଔଷଧ ଓ ଆଧୁନିକ ଯନ୍ତ୍ରପାତି ଗୁଡିକ ରଖାଯାଇଅଛି । ସୁବିଧା ଥିଲେ ଏହି ଔଷଧ ନେଇ ବ୍ୟବହାର କରିବେ । ପଙ୍ଗପାଳ ସାଧାରଣତଃ ଅପରାହ୍ଣରେ ତଳକୁ ଓହ୍ଲାନ୍ତି । ପୂର୍ବାହ୍ଣରେ ଏମାନେ ଧୀରସ୍ଥିର ହୋଇ ଫସଲ କିମ୍ବା ଗଛଡାଳରେ ବସିଥାଆନ୍ତି । ଏହି ସମୟରେ ଏମାନଙ୍କୁ ମାରିବା ବିଶେଷ ସହଜ ଓ ସୁବିଧାଜନକ । ପ୍ରତ୍ୟେକ ବିଭାଗର ସରକାରୀ କର୍ମଚାରୀ ଓ ଜନସାଧାରଣ ଏହି ପଙ୍ଗପାଳ ଦଳଙ୍କୁ କୌଣସି ସ୍ଥାନରେ ଦେଖିଲେ ତୁରନ୍ତ ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା କୃଷିବିଭାଗୀୟ ଅଫିସର, ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍, ଥାନା ଅଫିସର, ବ୍ଲକ ଡେଭଲପ୍‌ମେଣ୍ଟ ଅଫିସରଙ୍କୁ ଖବର ଦେବେ । ସର୍ବସାଧାରଣଙ୍କୁ ଏ ଦିଗରେ ସଜାଗ ରହିବାକୁ ଅନୁରୋଧ ।

---

## ଯୁଦ୍ଧଫେରନ୍ତା ବ୍ୟକ୍ତି ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଶିକ୍ଷାଦାନ ପାଇଁ ଆର୍ଥିକ ସାହାଯ୍ୟ

ପୂର୍ବବର୍ଷ ପରି ଚଳିତ ବର୍ଷ ମଧ୍ୟ ରାଜ୍ୟ ସରକାର ତଥା ଯୁଦ୍ଧୋତ୍ତର ପୁନର୍ଗଠନ ପାଣ୍ଠି ତରଫରୁ ଯୁଦ୍ଧଫେରନ୍ତା ବ୍ୟକ୍ତି ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଶିକ୍ଷାଦାନ ସକାଶେ ଯଥାଶକ୍ତି ଆର୍ଥିକ ସାହାଯ୍ୟ ଦିଆଯିବ । ଏ ସମ୍ପର୍କରେ ବିଶଦ ବିବରଣୀ ଏବଂ ଦରଖାସ୍ତ ଫର୍ମ ଜିଲ୍ଲା ସୈନିକ ଓ ନାବିକ ଓ ବୈମାନିକ ପରିଷଦ କିମ୍ବା ଯେଉଁଠାରେ ସେପରି ସଂସ୍ଥା ନାହିଁ, ସଂପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଫିସରୁ ମିଳିପାରିବ । ପ୍ରାର୍ଥୀମାନେ ସାହାଯ୍ୟ ପାଇଁ ଯଥାଶୀଘ୍ର ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷଙ୍କ ଜରିଆରେ ଆବେଦନ କରନ୍ତୁ । ହାଇସ୍କୁଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନେ ରାଜ୍ୟ ସରକାରଙ୍କ ଦ୍ୱାରା ଉଦ୍ଦିଷ୍ଟ ସାହାଯ୍ୟ ପାଇବାପରେ ଯଦି ସେମାନଙ୍କର ଆର୍ଥିକ ପରିସ୍ଥିତି ଦୃଷ୍ଟିରୁ ଅଧିକ ସାହାଯ୍ୟ ପାଇବା ଉଚିତ ବୋଲି ବିବେଚିତ ହେବେ, କେବଳ ସେହିମାନଙ୍କର ଅଧିକା ଖର୍ଚ୍ଚର ଯୁଦ୍ଧୋତ୍ତର ପୁନର୍ଗଠନ ପାଣ୍ଠିରୁ ବହନ କରିବା ପାଇଁ ବିଚାର କରାଯିବ ।

# ନୂତନର ଆହ୍ୱାନ-



ଏକ ସ୍ୱାଧୀନ ଦେଶର ନୂତନର ଆହ୍ୱାନ — ନବଜାତ ଶିଶୁର ରୋଦନ

ନବଯୁବକର ନୂତନର ବାର୍ତ୍ତା — ନୂତନ ଜୀବନର ମନ୍ତ୍ର ଜାଣିବାର

ଲକ୍ଷ ଲକ୍ଷ ପ୍ରାଣୀମାନଙ୍କର, ପ୍ରାଣରେ ଜାଗେ ସନ୍ଧିତ ସ୍ପନ୍ଦନ...

ମହାନ ଜାତିର ପ୍ରତ୍ୟେକଙ୍କର ଗଢ଼ି ଉଠିବ ସମୃଦ୍ଧି ଶାଳୀ

ନୂତନ ଉଦ୍ୟୋଗ-ସୁଯୋଗମୟ, ଶାନ୍ତିମୟ। ଦୂର ହେବ ଦୈନ୍ୟ ଅଭାବର ମାଳା ଦୁଃଖ କଷ୍ଟ —

ଅତୀତର ଜଡ଼ତା ଭୁଲିଯାଇ ଆଜି ଜାଗିଉଠିଛି ସ୍ୱାଧୀନ ଦେଶ

ଶୁଣୁଛି ନୂତନ ଅଗ୍ରଗତିର ପଥେ —

ଶୁଣି ପାରିଛି ସେ ନୂତନର ଆହ୍ୱାନ।

ଆଜି ଆମର ଦ୍ରବ୍ୟ ଲୋକମାନଙ୍କୁ ପରିଷ୍କାର, ପରିଚ୍ଛନ୍ନ ସ୍ୱାସ୍ଥ୍ୟବାନ୍ ଏବଂ ସୁଖୀ କରୁଛି —
ଠିକ ପୂର୍ବପରି। ତଥାପି ଜୀବନକୁ ଅଧିକରୁ ଅଧିକତର ସୁଖମୟ
କରିବାର ଚେଷ୍ଟାରୁ ଆମେ ବିରତ ହୋଇନୁ।
ଭବିଷ୍ୟତରେ ଜୀବନକୁ ସୁଖମୟ କରିବାର ଚେଷ୍ଟା ସଙ୍ଗେ ସଙ୍ଗେ ଏହି ଦାବୀ ବଢ଼ିବ —
ତାହା ମେଣ୍ଟାଇବୁ ଆମେ ନୂତନ ନୂତନ ଉପାୟରେ ଏବଂ ନୂତନ ନୂତନ ଦ୍ରବ୍ୟ ଦେଇ —

**ଆଜି ଏବଂ ଭବିଷ୍ୟତରେ ... ହିନ୍ଦୁସ୍ଥାନ ଲିଭର ଗୃହର ସେବାରେ।**

PR.2-X52 BY

# ଉତ୍କଳ ପ୍ରସଙ୍ଗ ନିୟମିତଭାବେ ପଢ଼ନ୍ତୁ

ଗତ ୧୫ ବର୍ଷ ହେଲା "ଉତ୍କଳ ପ୍ରସଙ୍ଗ" ନିୟମିତ ଭାବେ ଓଡ଼ିଶା ସରକାରଙ୍କ ମୁଖପତ୍ର ରୂପେ ବାହାରି ଆସୁଛି । ଏ ରାଜ୍ୟରେ ଏପରି କୌଣସି ଦୈନିକ, ସାପ୍ତାହିକ, ମାସିକ ବା ତ୍ରୈମାସିକ ପତ୍ରିକା ନାହିଁ, ଯାହାର କି ଗ୍ରାହକସଂଖ୍ୟା "ଉତ୍କଳ ପ୍ରସଙ୍ଗ"ଠାରୁ ବେଶୀ । ଏହାର କାରଣ, ପତ୍ରିକାଟି ସରକାରୀ ଖର୍ଚ୍ଚରେ ବାହାରୁଥିବାରୁ ଏହାର ଉତ୍କୃଷ୍ଟ ବିଷୟବସ୍ତୁ ତୁଳନାରେ ମୂଲ୍ୟ ଅତି କମ୍ ନିର୍ଦ୍ଧାରିତ ହୋଇଛି । ପୁଣି ଛାତ୍ର ଓ ବୁଦ୍ଧିଜୀବୀମାନେ ଏହାକୁ ବିଶେଷ ଆଦର କରନ୍ତି; କାରଣ ରାଜ୍ୟ ସରକାରଙ୍କ ନୀତି, ନୂଆ ଆଇନ, ଲୋକଙ୍କ ପାଇଁ ନୂଆ ସୁବିଧାସୁଯୋଗ ଏ ସବୁ ଏଥିରେ ପ୍ରକାଶିତ ହୁଏ । ପତ୍ରିକାଟି ନିୟମିତଭାବେ ପ୍ରତି ମାସର ୧୫ ତାରିଖରେ ପ୍ରକାଶିତ ହୁଏ ।

## ଆପଣ "ଉତ୍କଳ ପ୍ରସଙ୍ଗ" କିପରି ପାଇବେ

ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ପ୍ରଚାର କର୍ମୀମାନେ ଅଛନ୍ତି । "ଉତ୍କଳ ପ୍ରସଙ୍ଗ" ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ତାହା ସେମାନଙ୍କ ପାଖକୁ ପଠାଇ ଦିଆଯାଏ । ସେମାନେ ସେମାନଙ୍କର ଗସ୍ତକାଳ ମଧ୍ୟରେ "ଉତ୍କଳ ପ୍ରସଙ୍ଗ" ସମସ୍ତଙ୍କୁ ଯୋଗାଇ ଦେଇଥାନ୍ତି । ତାହା ଛଡ଼ା ପ୍ରତି ଜିଲାର ସଦର ଓ ସବ୍‌ଡିଭିଜନ ମହକୁମାମାନଙ୍କରେ ଜିଲା ଲୋକସମ୍ପର୍କ ଅଫିସ ଓ ସହକାରୀ ଜିଲା ଲୋକସମ୍ପର୍କ ଅଫିସମାନ ଅଛି । ଏଠାରେ ଆପଣ ଅତି ସୁବିଧାରେ "ଉତ୍କଳ ପ୍ରସଙ୍ଗ" ପାଇ ପାରିବେ । ଏସବୁ ଛଡ଼ା ଯଦି କୌଣସି ଉପାୟରେ ଆପଣ "ଉତ୍କଳ ପ୍ରସଙ୍ଗ" ପାଇ ନ ପାରନ୍ତି, ତେବେ ଆପଣଙ୍କ ଜିଲା ଲୋକସମ୍ପର୍କ ଅଫିସକୁ ବା ଭୁବନେଶ୍ୱର ଲୋକସମ୍ପର୍କ ଅଫିସକୁ ମାତ୍ର ଦୁଇଟଙ୍କା ମନିଅର୍ଡ଼ର ଯୋଗେ ପଠାନ୍ତୁ । ତାହାହେଲେ ଘରେ ବସି ଅତି ସୁବିଧାରେ ବର୍ଷସାରା "ଉତ୍କଳ ପ୍ରସଙ୍ଗ" ପାଇ ପାରିବେ ।

## ଟଙ୍କା ପଠାଇବା ଠିକଣା

ନିଜ ନିଜ ଜିଲାର
ଜିଲା ଲୋକସମ୍ପର୍କ ଅଫିସର

ଲୋକସମ୍ପର୍କ ଅଫିସର
ପୋ:ଅ: ନ୍ୟୁକାପିଟେଲ, ଭୁବନେଶ୍ୱର

# ମାଡ୍ରାଜ ସ୍କୁଲରେ ମଧ୍ୟାହ୍ନ-ଭୋଜନ କାର୍ଯ୍ୟକ୍ରମ

ଶ୍ରୀ ଆନନ୍ଦଗୋପାଳ ଭଟ୍ଟାଚାର୍ଯ୍ୟ

"ଶିଶୁ ହିଁ ଜାତିର ଭବିଷ୍ୟତ"—ଏହା ବିଭିନ୍ନ ଦେଶରେ ବିଭିନ୍ନ ଯୁଗରେ ସ୍ୱୀକୃତ ହୋଇ ଆସିଛି । ମାନବ-ସମାଜର ପ୍ରତ୍ୟେକ କ୍ରିୟାକଳାପରେ ଶିଶୁ ଓ ସ୍ତ୍ରୀମାନଙ୍କ ଉପରେ ସର୍ବାଧିକ ଦୃଷ୍ଟିଦେବା ଆବଶ୍ୟକ । ମାତ୍ର ଆମ ଦେଶର ଆର୍ଥିକ ଅବସ୍ଥା ଏପରି ଯେ ସ୍ତ୍ରୀ ଓ ଶିଶୁମାନଙ୍କ ଉନ୍ନତି ପାଇଁ ଯେଉଁସବୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କରାଯାଉଛି, ତାହା ଅନେକ କ୍ଷେତ୍ରରେ ସଫଳତାର ସହିତ କାର୍ଯ୍ୟକାରୀ ହୋଇପାରୁ ନାହିଁ ।

ଭାରତୀୟ ପରମ୍ପରା ଶିଶୁକୁ ଖୁବ ଉଚ୍ଚ ସ୍ଥାନ ଦେଇ ଆସିଛି । ସ୍କୁଲରେହିଁ ଶିଶୁର ଜୀବନର ମୂଳଭିତ୍ତି ପ୍ରତିଷ୍ଠିତ ହୁଏ । ତାହାର ଶାରୀରିକ ଓ ମାନସିକ ବିକାଶ ଉପରେ ନିର୍ଭର କରେ ଜାତିର ଭବିଷ୍ୟତ୍ । ବିଦ୍ୟାଳୟ ହେଉଛି ଏକମାତ୍ର ସ୍ଥାନ, ଯେଉଁଠି ଶିଶୁର ଶରୀର ଓ ମନର ଉପଯୁକ୍ତ ବିକାଶ ହୋଇପାରେ । ଭାରତ ବର୍ତ୍ତମାନ ସୁଦ୍ଧା ଶିକ୍ଷା ଦିଗରେ ବିଶେଷ ଆଗେଇ ପାରିନାହିଁ । ଏଠାରେ ସାକ୍ଷରତା ସଂଖ୍ୟା ବର୍ତ୍ତମାନ ଶତକଡ଼ା କେବଳ ୧୬.୬ । ଏହି ଅବସ୍ଥାକୁ ସୁଧାରିବା ପାଇଁ ବର୍ତ୍ତମାନ ଭାରତ ସରକାର ପ୍ରତି ରାଜ୍ୟରେ ଶିକ୍ଷା ବିସ୍ତାର କରିବା ପାଇଁ ଓ ସ୍କୁଲପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଯତ୍ନବାନ ହେବା ପାଇଁ ସ୍ଥିର କରିଛନ୍ତି । ପ୍ରତି ରାଜ୍ୟରେ ଦେଖାଯାଉଛି ଯେ, ସମାଜର ଅଧିକାଂଶ ଲୋକ ହେଉଛନ୍ତି ଗରିବ ଏବଂ ସେମାନଙ୍କ ପୁଅଝିଅମାନେ ସ୍କୁଲକୁ ଯିବା ପାଇଁ ଅନିଚ୍ଛୁକ । ଗାଁରେ ସ୍କୁଲ ଖୋଲିଲେ କେବଳ ପ୍ରାଇମେରୀ ସ୍ତର ପର୍ଯ୍ୟନ୍ତ ଯାଆନ୍ତି; ସେକେଣ୍ଡେରୀ ସ୍ତର ପର୍ଯ୍ୟନ୍ତ ଯାଆନ୍ତି ନାହିଁ । ଶିକ୍ଷା ପ୍ରତି ତାର ଅଭିଭାବକର ଅନିଚ୍ଛା ଏହାର କାରଣ ନୁହେଁ; ତାର ଆର୍ଥିକ ଅବସ୍ଥା ହିଁ ଏଥିପାଇଁ ଦାୟୀ । ବିଭିନ୍ନ ରାଜ୍ୟର ଶିକ୍ଷାବିତ୍‌ମାନେ ଏ ବିଷୟରେ ଅନୁସନ୍ଧାନ କରି ଦେଖିଛନ୍ତି ଯେ, ଯେଉଁ ଗାଁ ବା ସହରରେ ପିଲାମାନଙ୍କ ପାଇଁ ଯଥେଷ୍ଟ ଦିବା-ଭୋଜନର ବ୍ୟବସ୍ଥା କରାଯାଇଛି; କେବଳ ସେଠାରେ ହିଁ ଶିକ୍ଷା ବିସ୍ତାର ଲାଭ କରିପାରିଛି । ଏହି ଦିଗରେ ବର୍ତ୍ତମାନ ଦେଖାଯାଉଛି—ମାଡ୍ରାଜ ଅଗ୍ରଣୀ ହୋଇଛି ।

ମାଡ୍ରାଜ ରାଜ୍ୟର ଚୁଙ୍ଗେଟି ଜିଲ୍ଲାରେ ଓ ମାଡ୍ରାଜ ସହରରେ ବୁଲି ସ୍କୁଲପିଲାଙ୍କୁ ଦିବା-ଭୋଜନ ଦେବା କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ମୁଁ ପାଇଥିଲି । ସେଠାରେ ଲୋକମାନେ ନିଜ ନିଜ ସନ୍ତାନମାନଙ୍କୁ ଶିକ୍ଷାଦାନ କରି ଶାରୀରିକ ଓ ମାନସିକ ଉଭୟ ଦିଗରେ ସେମାନଙ୍କୁ ସୁସ୍ଥ ସବଳ କରି ଗଢ଼ିବା ପାଇଁ କିପରି ମନପ୍ରାଣ ଦେଇ ଲାଗିପଡ଼ିଛନ୍ତି, ସେ ବିଷୟରେ କିଛି କହିବାକୁ ଯାଉଛି । ମାଡ୍ରାଜ ସରକାର ୧୯୫୬-୫୭ ମସିହାରୁ ପିଲାଙ୍କୁ ଅବୈତନିକ ଓ ବାଧ୍ୟତାମୂଳକ ଶିକ୍ଷା ଦେବା ପାଇଁ ସ୍ଥିର କଲେ । ସେତେବେଳେ ଗରିବ ଛାତ୍ରମାନଙ୍କୁ କେବଳ ସରକାରୀ ଖର୍ଚ୍ଚରେ ଖାଇବାକୁ ଦିଆଯାଉଥିଲା । ସେତେବେଳେ ସରକାରଙ୍କଠାରୁ ପଇସା ଆଣି ବିଭିନ୍ନ ସ୍କୁଲରେ ଠିକାଦାରମାନଙ୍କ ଜରିଆରେ ପିଲାଙ୍କ ପାଇଁ ଖାଇବା ବ୍ୟବସ୍ଥା କରାଯାଉଥିଲା । ମାତ୍ର ଠିକାଦାରମାନେ ସେଥିରୁ ଅଧିକ ଲାଭ ଉଠାଇବା ଉଦ୍ଦେଶ୍ୟ ରଖିବାରୁ ଏ କାର୍ଯ୍ୟକ୍ରମ ବିଫଳ ହେଲା । ଏହି କାର୍ଯ୍ୟକ୍ରମ ପ୍ରତି ଜନସାଧାରଣଙ୍କ ସହଯୋଗ ବା ଉତ୍ସାହ ନ ଥିବା ଫଳରେ ଏହା ଅଧିକ ଦିନ ସ୍ଥାୟୀ ହୋଇପାରିଲା ନାହିଁ; ଅଳ୍ପଦିନ ଭିତରେ ବନ୍ଦ ହୋଇଗଲା । ଏହା ପୁଣି ଶିକ୍ଷା ବିଭାଗଦ୍ୱାରା ୧୯୫୫ ମସିହାରେ ସଂଶୋଧିତ ହୋଇ ବର୍ତ୍ତମାନ

# ଉତ୍କଳ ପ୍ରସଙ୍ଗ

ବେଶ ସଫଳତାର ସହିତ କାର୍ଯ୍ୟକାରୀ ହୋଇଛି ଏବଂ ଏହି ସଫଳତା ମୂଳରେ ରହିଛି ମାନ୍ଦ୍ରାଜରେ ବର୍ତ୍ତମାନ ଥିବା ଶିକ୍ଷା ବିଭାଗୀୟ ଡିରେକ୍ଟର ଶ୍ରୀ ଏନ୍. ଡି. ସୁନ୍ଦର ବଡ଼ିଭେଲୁଙ୍କ ଉଦ୍ୟମ ଓ ଗାଁ'ର ଲୋକପ୍ରିୟ ନେତାମାନଙ୍କ ସହଯୋଗ ।

ମାନ୍ଦ୍ରାଜରେ ଗରିବ ଓ ଅଳ୍ପବୟସ୍କ ଛାତ୍ରମାନଙ୍କୁ ଚାରି ପ୍ରକାରରେ ଦିବା-ଭୋଜନ ଦିଆଯାଏ ।

୧ । ମାନ୍ଦ୍ରାଜ ସହରରେ ମାନ୍ଦ୍ରାଜ କର୍ପୋରେସନ ଜରିଆରେ ଏଲିମେଣ୍ଟାରି ସ୍କୁଲର ଛାତ୍ରମାନଙ୍କୁ ଦିବା-ଭୋଜନ ଦିଆଯାଏ । ଏହାର ସବୁ ଖର୍ଚ୍ଚ ଉକ୍ତ କର୍ପୋରେସନ ନିଜ ରାଜସ୍ୱରୁ ବହନ କରନ୍ତି । ପ୍ରତି ଛାତ୍ର ପାଇଁ ଦୈନିକ ଖର୍ଚ୍ଚ ପଡ଼େ ପ୍ରାୟ ୨୩ ନୂଆ ପଇସା ।

୨ । ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଭିନ୍ନ ପ୍ରାଇମେରୀ ସ୍କୁଲରେ ସରକାର ଓ ଗାଁ' ଲୋକଙ୍କ ସହଯୋଗରେ ଦିବା-ଭୋଜନ ଦିଆଯାଏ । ପ୍ରତ୍ୟେକ ଛାତ୍ରର ଦୈନିକ ଖାଇବା ବାବଦ ଖର୍ଚ୍ଚ ସରକାର ଦିଅନ୍ତି ୬ ନୂଆ ପଇସା ଓ ଜନସାଧାରଣ ଦିଅନ୍ତି ୪ ନୂଆ ପଇସା ।

୩ । ହରିଜନ ଛାତ୍ରମାନଙ୍କୁ ରାଜ୍ୟର ଜନମଙ୍ଗଳ ବିଭାଗ ଖାଇବାକୁ ଦିଅନ୍ତି । ପ୍ରତି ଛାତ୍ର ପାଇଁ ଦୈନିକ ୧୬ ନୂଆ ପଇସା ଖର୍ଚ୍ଚ ପଡ଼େ । ଏହି ଖର୍ଚ୍ଚର ବ୍ୟବସ୍ଥା ରାଜ୍ୟର ଜନମଙ୍ଗଳ ବଜେଟ୍‌ରୁ କରାଯାଏ । ଏଥିରେ ଗାଁ' ଲୋକଙ୍କଠାରୁ କୌଣସି ସାହାଯ୍ୟ ନିଆଯାଏ ନାହିଁ ।

୪ । କନ୍ୟାକୁମାରିକା ଜିଲ୍ଲା ପୂର୍ବେ ତ୍ରିବାଙ୍କୁର-କୋଚିନ ଅଧୀନରେ ଥିଲା । ସେଠାରେ ମଧ୍ୟାହ୍ନ-ଭୋଜନ ପାଇଁ ସେଇଁ ରୀତି ଥିଲା, ବର୍ତ୍ତମାନ ସେହି ରୀତି ପ୍ରଚଳିତ ଅଛି । ଏଥିରେ ଛାତ୍ରମାନଙ୍କୁ ଖାଇବାକୁ ଦେବା ବାବଦ ଖର୍ଚ୍ଚ ଏକାକୀ ରାଜ୍ୟ ସରକାର ବହନ କରନ୍ତି ।

ଲୋକଙ୍କ ଉଦ୍ୟମରେ ମାନ୍ଦ୍ରାଜ ରାଜ୍ୟର ସୁଚିନ୍ତିତ ଦିବା-ଭୋଜନ କାର୍ଯ୍ୟକ୍ରମଟି ବେଶ ସୁସଂଗଠିତ ଭାବେ ଚାଲିଛି । ଏହି କାର୍ଯ୍ୟକ୍ରମ ନିମ୍ନଲିଖିତ କେତେକ ବିଶେଷ ନୀତି ଉପରେ ପ୍ରତିଷ୍ଠିତ ।

ମାନ୍ଦ୍ରାଜର ଏଲିମେଣ୍ଟାରୀ ସ୍କୁଲମାନ ସକାଳ ଘ ୯-୩୦ରେ ଖୋଲାହୁଏ ଓ ମଧ୍ୟାହ୍ନ ଘ ୧୨-୩୦ରେ ବନ୍ଦ ହୁଏ; ପୁଣି ୨ଟାରେ ଖୋଲା ହୁଏ ଓ ସଂଧ୍ୟା ୫ଟାରେ ବନ୍ଦ ହୁଏ । ଏତେ ସମୟ ଧରି ନ ଖାଇ ନ ପିଇ ରହିବା ପିଲାମାନଙ୍କ ପକ୍ଷରେ ହାନିକାରକ । ତେଣୁ ସ୍କୁଲର ପ୍ରତ୍ୟେକ ଛାତ୍ରକୁ ଦିବା-ଭୋଜନ ଦେବା ଆବଶ୍ୟକ ବୋଲି ମନେ ହେଲା ।

ଧନୀଘରର ପିଲାମାନେ ସ୍କୁଲକୁ ଆସିବା ପୂର୍ବରୁ କିଛି ନା କିଛି ପୁଷ୍ଟିକର ଖାଦ୍ୟ ଖାଇ ଆସିବାକୁ ସମର୍ଥ; ମାତ୍ର ଗରିବ ଘରର ପିଲାମାନଙ୍କୁ ସ୍କୁଲକୁ ଆସିବା ପୂର୍ବରୁ ପଖାଳତୋରାଣି ମଢଏ ମାତ୍ର ମିଳିଥାଏ । ଧନୀଘରର ପିଲାଏ ମଧ୍ୟାହ୍ନରେ ଖାଇବା ପାଇଁ ଘରୁ ଭଲ ଖାଦ୍ୟ ଆଣିଥାନ୍ତି ଅଥବା ଘରକୁ ଯାଇ ନିଜ ବାପମା'ଙ୍କ ସହିତ ଭଲ ଖାଦ୍ୟ ଖାଇଥାନ୍ତି । କିନ୍ତୁ ଯେଉଁମାନଙ୍କ ଘର ସ୍କୁଲଠୁ ଟିକିଏ ଦୂର ଓ ଯାହାର ବାପମା'ଙ୍କ ଆର୍ଥିକ ଅବସ୍ଥା ଭଲ ନୁହେଁ, ସେମାନଙ୍କ ପକ୍ଷରେ ଘରକୁ ଯାଇ ଖାଇ ଆସିବା ଅଥବା ମଧ୍ୟାହ୍ନରେ ଖାଇବା ପାଇଁ ଘରୁ କୌଣସି ଭଲ ଖାଦ୍ୟ ଆଣିବା ମଧ୍ୟ ସମ୍ଭବ ନୁହେଁ । ଫଳରେ ଗରିବ ପିଲାମାନେ ଦିନ ଦିନ ଭଲ ଖାଇବାକୁ ନ ପାଇବାଦ୍ୱାରା ସୁସ୍ଥସବଳ ରହିପାରନ୍ତି ନାହିଁ । ତେଣୁ ପିଲାଙ୍କୁ ଶିକ୍ଷା ଦେବା ଯଦି ସରକାରଙ୍କ ଉଦ୍ଦେଶ୍ୟ, ତା' ହେଲେ ଗରିବ ପିଲାଙ୍କୁ ଦିବା-ଭୋଜନ ଦେବା ନିତାନ୍ତ ଆବଶ୍ୟକ ବୋଲି ମନେହେଲା ।

ଗରିବ ପିଲାଙ୍କ ବାପ-ମା'ମାନେ ସେମାନଙ୍କୁ ପଢ଼ାଇବା ପାଇଁ ଏତେ ଆଗ୍ରହୀ ନୁହନ୍ତି, କାରଣ

ସେମାନେ ନିଜ ନିଜର ପୁଅ-ଝିଅମାନଙ୍କ ଜରିଆରେ କିଛି ଉପାର୍ଜନ କରିବାକୁ ଚାହାନ୍ତି । ସେମାନେ ସାଧାରଣତଃ ପିଲମାନଙ୍କୁ ବିଲରେ କାମ କରନ୍ତି ବା ମୂଲିଆରୂପେ ଲଗାଇ ଦିଅନ୍ତି; ଯାହାଦ୍ୱାରା ପିଲମାନେ ପରିବାର ପାଇଁ କିଛି ଉପାର୍ଜନ କରିବେ ଓ ନିଜେ ଖାଇବା ଖାଦ୍ୟ ପାଇଁ ମଧ୍ୟ ପଇସା ଦେଇ ପାରିବେ । ଯେତେବେଳେ ଏଭଳି ପିତାମାତାମାନଙ୍କୁ ସେମାନଙ୍କ ପିଲଙ୍କୁ ସ୍କୁଲକୁ ପଠାଇବା ପାଇଁ କୁହାଯାଏ, ସେତେବେଳେ ସେମାନେ ମନା କରନ୍ତି; କାରଣ ସେଥିରେ ପିଲମାନେ ଘର ପାଇଁ କିଛି ଅର୍ଜନ କରି ପାରିବେ ନାହିଁ, ଏପରିକି ନିଜର ଖାଇବା ଗଣ୍ଡାକ ପାଇଁ ମଧ୍ୟ ନୁହେଁ । ବାସ୍ତବ ଅଭିଜ୍ଞତାରୁ ଜଣାପଡ଼ିଲା ଯେ ଗରିବ ପିଲଙ୍କୁ ସ୍କୁଲରେ ଦିବାଭୋଜନ ଦିଆଯିବାଦ୍ୱାରା ପିଲମାନଙ୍କ ବାପମା'ମାନେ ଏହାକୁ ଏକ ସ୍ତମେତ ଆମଦାନୀ ବୋଲି ଧରି ନିଜ ନିଜ ପିଲଙ୍କୁ ସ୍କୁଲକୁ ପଠାଇବା ପାଇଁ ଆଉ ମନା କଲେ ନାହିଁ ।

ଏଥିରେ ଆଉ ଗୋଟିଏ କଥା ରହିଛି । ଏହାଦ୍ୱାରା ଭଲ ଖାଦ୍ୟ ଖାଇବାକୁ ପାଉ ନ ଥିବା ଘରର ପିଲମାନେ ପ୍ରତ୍ୟହ ଦ୍ୱିପ୍ରହରରେ ଯଥେଷ୍ଟ ପୁଷ୍ଟିକର ଖାଦ୍ୟ ଖାଇବାକୁ ପାଆନ୍ତି । ଏହା ଫଳରେ ସେମାନେ ବେଶ୍ ସୁସ୍ଥସବଳ ହୋଇ ପଡ଼ିପାରିବେ ।

ଏହାଦ୍ୱାରା ଜାତିଭେଦ ରହିପାରେ ନାହିଁ । ସ୍କୁଲମାନଙ୍କରେ ଛାତ୍ରମାନେ ବ୍ରାହ୍ମଣ, କ୍ଷତ୍ରିୟ, ଉଚ୍ଚ ଜାତି ବା ହରିଜନ ଯେକୌଣସି ଜାତିର ହୁଅନ୍ତୁ ନା କାହିଁକି, ସେମାନେ ପ୍ରତିଦିନ ଏକ ସଙ୍ଗେ ଗୋଟିଏ ଧାଡ଼ିରେ ବସି ଖାଇବେ । ଏହା ଫଳରେ ଭିନ୍ନ ଜାତି ବା ଧର୍ମର ପିଲମାନଙ୍କ ମଧ୍ୟରେ ଗଭୀର ଭ୍ରାତୃଭାବ ଜନ୍ମେ ଏବଂ ସମାଜରେ ପରସ୍ପର ପ୍ରତି ସ୍ନେହସହାନୁଭୂତି ଜନ୍ମିବାରେ ଏହା ସାହାଯ୍ୟ କରେ ।

ଏହି କାର୍ଯ୍ୟକ୍ରମର ଅନ୍ୟ ଏକ ଲାଭ ହେଉଛି, କାର୍ଯ୍ୟକ୍ରମ ସହିତ ଜନସାଧାରଣଙ୍କୁ ସଂଶ୍ଲିଷ୍ଟ କରି ରଖିବା । ଏହାଦ୍ୱାରା ସରକାରଙ୍କ ଶିକ୍ଷା ସମ୍ପର୍କୀୟ ନୀତି ପ୍ରତି ଜନସାଧାରଣଙ୍କ ସଦିଚ୍ଛା ଓ ସହଯୋଗ ରହିବ ଏବଂ କେବଳ ଏଭଳି ବାତାବରଣ ଓ ପରିସ୍ଥିତି ସୃଷ୍ଟି କରିପାରିଲେ ଯାଇ ରାଜ୍ୟରେ ଅବୈତନିକ ଓ ବାଧ୍ୟତାମୂଳକ ଶିକ୍ଷା ସମ୍ଭବ ହେବ ।

ଏହା ଏକ ବ୍ୟାପକ ଓ ବିରାଟ ବିଷୟ । ଏହି କାର୍ଯ୍ୟକ୍ରମର ପ୍ରତ୍ୟେକ ବିଭାଗର କାର୍ଯ୍ୟାବଳୀ ଗୋଟିଏ ପ୍ରବନ୍ଧରେ ବୁଝାଇବା ସହଜ ନୁହେଁ । ଏହାର ବିଭିନ୍ନ କାର୍ଯ୍ୟକ୍ରମ ଓଡ଼ିଶାରେ ଆରମ୍ଭ କରିବା ବିଶେଷ ଆବଶ୍ୟକ । ଏହି ବିଷୟରେ କାର୍ଯ୍ୟ ଆରମ୍ଭ କରିବାକୁ ସରକାରୀ ଏବଂ ବେସରକାରୀ କର୍ମୀମାନଙ୍କୁ ବିଶେଷ ଭାବରେ ଅନୁରୋଧ କରୁଯାଉଛି ।

## କର୍ପୋରେସନ ବହିର୍ଭୂତ ଅଞ୍ଚଳରେ ସ୍କୁଲଗୁଡ଼ିକର ପରିଚାଳନା

ମାଦ୍ରାଜରେ ପ୍ରାୟ ସବୁ ପ୍ରକାର ସ୍କୁଲରେ ମଧ୍ୟାହ୍ନ-ଭୋଜନ କାର୍ଯ୍ୟକ୍ରମ ଚାଲୁଅଛି । ପ୍ରାଥମିକ (Elementary) ଓ ଉଚ୍ଚ ପ୍ରାଥମିକ ( Higher Elementary) ସ୍କୁଲରେ ଏହି କାର୍ଯ୍ୟକ୍ରମ ସରକାରୀ ସାହାଯ୍ୟ ଓ ଗାଁଲୋକଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଛି । କେପ୍ କାମୋରିନ୍ ଜିଲାରେ ଏହା କେବଳ ସରକାରୀ ସାହାଯ୍ୟରେ ଚାଲୁଛି । କାରଣ ପୂର୍ବେ ଏହା ତ୍ରିବାଙ୍କୁର ଅଧୀନରେ ଥିଲା । ସେଠାରେ ଏହି ଭୋଜନର ସମ୍ପୂର୍ଣ୍ଣ ଭାର ସରକାର ବହନ କରନ୍ତି । ମାଦ୍ରାଜର ହରିଜନମଙ୍ଗଳ ବିଭାଗ କେବଳ ସରକାରୀ ସାହାଯ୍ୟରେ ହରିଜନ ସ୍କୁଲର ସମସ୍ତ ପିଲଙ୍କୁ ମଧ୍ୟାହ୍ନ-ଭୋଜନ ଦିଅନ୍ତି । ଯେଉଁଠି ଜନସାଧାରଣଙ୍କ ସହଯୋଗ ମିଳୁଛି, ସେଠାରେ ହାଇସ୍କୁଲମାନଙ୍କରେ ପିଲଙ୍କୁ ଦିବା-ଭୋଜନ ଦିଆଯାଉଛି । କର୍ପୋରେସନ ନିଜ ଅଧୀନରେ ଥିବା ସମସ୍ତ ସ୍କୁଲରେ ଦିବା-ଭୋଜନ କାର୍ଯ୍ୟକ୍ରମ

କାର୍ଯ୍ୟକାରୀ କରୁଛନ୍ତି ଓ ମ୍ୟୁନିସିପାଲିଟିମାନେ ନିଜର ଅନୁଷ୍ଠାନଗୁଡ଼ିକୁ ଆଂଶିକ ସାହାଯ୍ୟ ଦେଉଛନ୍ତି ।

ଯେଉଁ ସ୍କୁଲ ସରକାରୀ ସାହାଯ୍ୟରେ ଚାଲୁଛି, ସେଠାରେ ସ୍କୁଲର ଡେପୁଟି ଇନସପେକ୍ଟର ସ୍ଥାନୀୟ କେତେକ ବିଶିଷ୍ଟ ଭଦ୍ରଲୋକଙ୍କୁ ନେଇ ଗୋଟିଏ କମିଟି ଗଠନ କରନ୍ତି ।

ମଧ୍ୟାହ୍ନ-ଭୋଜନ ପାଇଁ ଥିବା ଏହି କମିଟିରେ ସାଧାରଣତଃ ସ୍କୁଲର ହେଡ୍‌ମାଷ୍ଟର (ସେକ୍ରେଟେରୀ) ସମ୍ପାଦକରୂପେ ରହନ୍ତି ଓ ଜଣେ ବେ-ସରକାରୀ ଲୋକ ଚାନ୍ଦା ସଂଗ୍ରହ କରନ୍ତି । ଏହି ଚାନ୍ଦା ପଇସା ସ୍କୁଲରେ ବା ତାଙ୍କ ନିକଟରେ ରହେ । ସ୍କୁଲ କମିଟି ପ୍ରଥମେ ମଧ୍ୟାହ୍ନ-ଭୋଜନ କେନ୍ଦ୍ରରେ ଖାଇବା ପାଇଁ ଉପଯୁକ୍ତ ଥିବା ଛାତ୍ରୀ ବା ଛାତ୍ରମାନଙ୍କୁ ବାଛନ୍ତି । ଛାତ୍ରମାନଙ୍କୁ ଯେଉଁ ଢଙ୍ଗରେ ବଛାଯିବ, ତହିଁର କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ; କିନ୍ତୁ ଏଥିରେ ଛାତ୍ରର ପରିବାରର ଆର୍ଥିକ ଅବସ୍ଥା ପ୍ରତି ବିଶେଷଭାବେ ଦୃଷ୍ଟି ଦିଆଯାଏ । ସାଧାରଣତଃ ନିମ୍ନଲିଖିତ ବିଷୟମାନ ଏହି କମିଟି ବିଚାର କରନ୍ତି:—

୧ । ଛାତ୍ରର ପିତାଙ୍କ ମାସିକ ଆୟ ଟ ୫୦ରୁ କମ କି ?

୨ । ପିଲାର ବୟସ ସେ ପଢୁଥିବା ଶ୍ରେଣୀ ପାଇଁ ଅତ୍ୟନ୍ତ ଅଧିକ ହୋଇନାହିଁ ତ ? ସେ (ବାଳକ ବା ବାଳିକା) ପରିଶ୍ରମୀ କି ?

୩ । ଛାତ୍ରର ଘର ସ୍କୁଲରୁ ବହୁଦୂରରେ ଅଛି କି ?

୪ । କମିଟି ସମସ୍ତ ଉପଯୁକ୍ତ ଛାତ୍ରଙ୍କୁ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରି ପାରିବ କି ? କେତେକ କ୍ଷେତ୍ରରେ କେତେକ ଉପଯୁକ୍ତ ଛାତ୍ରଙ୍କୁ ମଧ୍ୟ ଏଥିରୁ ବାଦ ଦେବା ଦରକାର ହୋଇପାରେ ।

ପିଲାଙ୍କୁ ବାଛି ସାରିବା ପରେ ଓ ଗାଁଲୋକେ ଦେଇ ସାରିବା ପରେ ସେକ୍ରେଟେରୀ ବା ପ୍ରଧାନ ଶିକ୍ଷକ ସ୍କୁଲର ଡେପୁଟି ଇନସପେକ୍ଟରଙ୍କ ନିକଟକୁ ଅନୁମୋଦନ ପାଇଁ ଦରଖାସ୍ତ କରନ୍ତି । ଯଦି ସ୍କୁଲ ବ୍ଲକ ଅଞ୍ଚଳରେ ଥାଏ, ତା ହେଲେ ଏହି ତାଲିକାକୁ ଡେପୁଟି ଇନସପେକ୍ଟର ଅନୁମୋଦନ କରନ୍ତି ଓ ସ୍କୁଲ ମଧ୍ୟାହ୍ନ-ଭୋଜନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ସ୍ୱୀକୃତ ଦିଅନ୍ତି । ବ୍ଲକ ଅନ୍ତର୍ଭୁକ୍ତ ହୋଇଥିବା ଅଞ୍ଚଳରେ ସେ ସବୁ ଦରଖାସ୍ତକୁ ଜିଲ୍ଲା ଶିକ୍ଷା ଅଫିସରଙ୍କ ନିକଟକୁ ସୁପାରିଶ କରି ପଠାଇ ଦିଅନ୍ତି । ମଧ୍ୟାହ୍ନ-ଭୋଜନ ପାଇଁ ସ୍କୁଲକୁ ସ୍ୱୀକୃତ ଦେବାପାଇଁ ଶିକ୍ଷା ବିଭାଗ ଡିରେକ୍ଟରଙ୍କ ଅନୁମୋଦନ ଆଣିବାକୁ ହେବ । ଶିକ୍ଷା ବିଭାଗ ଡିରେକ୍ଟରଙ୍କ ଅନୁମୋଦନ ପାଇ ସାରିବା ପରେ ସ୍କୁଲଗୁଡ଼ିକ ସ୍କୁଲ-ଡେପୁଟି ଇନସପେକ୍ଟରମାନଙ୍କ ଜରିଆରେ ଜିଲ୍ଲା ଶିକ୍ଷା ଅଫିସରଙ୍କଠାରୁ ତୈମାସିକ ଗ୍ରାଣ୍ଟ ପାଇଁ ଆବେଦନ କରନ୍ତି ଏବଂ ଜିଲ୍ଲା ଶିକ୍ଷା ଅଫିସରଙ୍କଠାରୁ ସିଧାସଳଖ ବିଲ୍ ପାଆନ୍ତି । ହରିଜନ ସ୍କୁଲମାନଙ୍କରେ ଶିକ୍ଷକମାନେ ସେମାନଙ୍କ ମାସିକ ହିସାବ ଜିଲ୍ଲାମଙ୍ଗଳ ଅଫିସରଙ୍କ ନିକଟକୁ ପଠାଇ ଦିଅନ୍ତି ।

ସ୍କୁଲମାନଙ୍କରେ ଯେଉଁ ପିଲାମାନେ ମଧ୍ୟାହ୍ନ-ଭୋଜନ କରନ୍ତି, ପ୍ରଧାନ ଶିକ୍ଷକ ସେମାନଙ୍କର ଗୋଟିଏ ତାଲିକା ମଧ୍ୟ ତିଆରି କରନ୍ତି । ତାହାକୁ 'ରେଜର୍ଭ ଛାତ୍ର ତାଲିକା' ବୋଲି କୁହାଯାଏ । ପ୍ରତିଦିନ ବସ୍ତି ବସ୍ତି ଛାତ୍ରଙ୍କୁ ଘ ୧୨-୩୦ରୁ ଘ ୧-୩୦ ମଧ୍ୟରେ ଭାତ, ସମ୍ବର (ଏକପ୍ରକାର ଡାଲି) ଓ ଝୋଲ ଏଥିମଧ୍ୟରୁ ଯେ କୌଣସି ଦୁଇଟି ଓ କିଛି ଆଚାର ଦିଆଯାଏ । ରାନ୍ଧିବା ଓ ଖାଇବା ପାଇଁ ଆବଶ୍ୟକ ହେଉଥିବା ବାସନ ଗାଁ-ଲୋକେ ଦେଇଥିବା ଚାନ୍ଦାରୁ କିଣାଯାଏ ବା ଲୋକଙ୍କ-ଠାରୁ ଦାନ ସ୍ୱରୂପ ସଂଗ୍ରହ କରାଯାଏ । ନିମ୍ନଲିଖିତ ଜିନିଷଗୁଡ଼ିକ ସାହାଯ୍ୟରେ ରନ୍ଧାବଢ଼ା କରାଯାଏ:—

(୧) ଭାତ, ସମ୍ବର ବା ଉପମ ରାନ୍ଧିବା ପାଇଁ ଦୁଇଟି ବା ତିନୋଟି ପିତ୍ତଳ ବା ମାଟି ହାଣ୍ଡି ।



ମାନ୍ଦ୍ରାଜ ପ୍ରଦେଶର ତିରୁନେଲଭେଲି ଜିଲାର ଗୋଟିଏ ଏଲିମେଣ୍ଟାରି ସ୍କୁଲରେ ଶିକ୍ଷୟିତ୍ରୀଗଣ ଓ ସ୍ଥାନୀୟ ଗ୍ରାମବାସୀମାନେ ମଧ୍ୟାହ୍ନ-ଭୋଜନ ପଦ୍ଧତିରେ ଖାଦ୍ୟ ଜଳ ବଣ୍ଟନ କରୁଅଛନ୍ତି

ତିରୁନେଲଭେଲି ଜିଲ୍ଲାରେ ଗୋଟିଏ ବାଳିକା ବିଦ୍ୟାଳୟର ଛାତ୍ରୀଗଣ ମଧ୍ୟାହ୍ନ-ଭୋଜନର ବ୍ୟବସ୍ଥା ପ୍ରବର୍ତ୍ତନ କରୁଅଛନ୍ତି





'ଛଟ' ଜେନ୍ତ ଦାସ୍ ମାନ୍ଦ୍ରାଜର ମଦୁରାଇ ଜିଲାର ଜଣେ ଧୋବା । ସେ ତାହାର ନୂତନ ରେଡ଼ିଓର କର୍ମିଙ୍କ ସ୍କୁଲର ପିଲାମାନଙ୍କର ମଧ୍ୟାହ୍ନ-ଭୋଜନ ପାଇଁ ଦାନ କରଛନ୍ତି



ବର୍ଲିନଠାରେ ଅନୁଷ୍ଠିତ ହୋଇଥିବା ନବମ ଅନ୍ତର୍ଜାତିକ ଚଳଚ୍ଚିତ୍ର ପ୍ରଦର୍ଶନ ଉତ୍ସବରେ
ଭାରତ ଯୋଗ ଦେଇଥିଲା । ଭାରତର ରାଷ୍ଟ୍ରଦୂତ ଶ୍ରୀଯୁକ୍ତ ସେଠି ଏହି ଉପଲକ୍ଷେ
ଗୋଟିଏ ଭୋଜନ-ସଭାର ଆୟୋଜନ କରିଥିଲେ



ବୁର୍ଲା ଇଂଜିନିୟରିଂ କଲେଜ ଉଦ୍ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଭାଷଣ ଦେଉଛନ୍ତି

(ଚ) ପାଣି ରଖିବା ପାଇଁ ଗୋଟିଏ ହାଣ୍ଡି ।
(ଛ) ଖାଦ୍ୟ ପରଷିବା ପାଇଁ ଦୁଇ ବା ତିନୋଟି ବାଲ୍ଟି ବା ଅନ୍ୟ କୌଣସି ଆଲୁମିନିୟମ ବାସନ । କେତେକ ସ୍କୁଲରେ ଡାଲପାଇଁ ପାତ୍ରୁଆରେ ମଧ୍ୟ ଭାତ ନେଇ ପରଷାଯାଏ ।
(ଜ) ଖାଦ୍ୟ ପରଷିବା ପାଇଁ ବଡ଼ ଚାମଚ ବା ଲୁହା ଖଣ୍ଡିକା ।

ଖାଦ୍ୟ ଖାଇବା ପାଇଁ ସ୍କୁଲର ପ୍ରତ୍ୟେକ ପିଲାକୁ ଗୋଟିଏ ଥାଳିଆ ଓ ଗୋଟିଏ ଗ୍ଲାସ ଯୋଗାଇ ଦିଆଯାଇଛି । କେତେକ ସ୍କୁଲରେ ଏ ଭଳି ବାସନ କିଣିବା ପାଇଁ ମେଣ୍ଟେନେନ୍ସ ଗ୍ରାଣ୍ଟ ମଧ୍ୟ ଖର୍ଚ୍ଚ କରାଯାଇଛି ।

ପ୍ରତିଦିନ ସକାଳ ୯ଟାରୁ ୧୧ଟା ମଧ୍ୟରେ ଅନୁମୋଦିତ ହୋଇଥିବା ଛାତ୍ରମାନଙ୍କ ପାଇଁ ଖାଦ୍ୟ ରଖାଯାଏ । ପିଲାଙ୍କ ହାଜର ନେବା ପୂର୍ବରୁ ଚାଉଳ ଡାଲି ପ୍ରଭୃତି ବାହାର କରାଯାଇଥାଏ । ହାଜର ନେବା ପରେ ସାଧାରଣତଃ ଦେଖାଯାଏ ଯେ ଭୋଜନ କାର୍ଯ୍ୟକ୍ରମ ପାଇଁ ଥିବା ତାଲିକାରୁ କେତେକ ପିଲା ଅନୁପସ୍ଥିତ ଅଛନ୍ତି । ଏ ଭଳି କ୍ଷେତ୍ରରେ ରଜିଷ୍ଟର ତାଲିକାରେ ଥିବା କେତେକ ପିଲାଙ୍କୁ ଖାଇବାକୁ ଦିଆଯାଏ । ପ୍ରତିଦିନ ଯେ କେବଳ ସେହି ପିଲାଙ୍କୁ ଖାଇବାକୁ ଦିଆହେବ, ଏପରି କିଛି କଥା ନାହିଁ । ତେଣୁ ଅନୁପସ୍ଥିତ ଥିବା ଛାତ୍ରମାନଙ୍କ ପରିବର୍ତ୍ତେ ରଜିଷ୍ଟର ତାଲିକାରେ ଥିବା ପିଲାମାନଙ୍କୁ ଖାଇବାକୁ ଦିଆହୁଏ । ସ୍କୁଲ କମିଟୀ ଛାତ୍ରମାନଙ୍କ ତାଲିକାରେ ନୂଆ ନାମ ମଧ୍ୟ ଯୋଗ କରିପାରନ୍ତି । ମାତ୍ର ଦେଖିବାକୁ ହେବ, ଯେପରି ଯେତିକି ସଂଖ୍ୟକ ପିଲାଙ୍କୁ ଖାଇବାକୁ ଦେବାପାଇଁ ଅନୁମୋଦିତ ହୋଇଥାଏ, ସେଥିରୁ ଅଧିକ ସଂଖ୍ୟା ବେଶୀ ନ ହୁଏ । ଏହି ପ୍ରଣାଳୀ ମୟୂରଭଞ୍ଜ, ଢେଙ୍କାନାଳରେ ଓ କେତେକ ସ୍କୁଲରେ ଦେଖିବାକୁ ପାଇଛୁ ଯେ ପଦ କୌଣସି ଛାତ୍ର ଅନୁପସ୍ଥିତ ରହିବା ହେତୁ ଖାଦ୍ୟ ବଳିପଡ଼େ, ତା'ହେଲେ ସେହି ତାଲିକାଭୁକ୍ତ ଅନ୍ୟାନ୍ୟ ପିଲା ସେହି ବଳକା ଖାଦ୍ୟ ମଧ୍ୟ ଖାଇ ଦିଅନ୍ତି ।

ମୟୂରଭଞ୍ଜ ଜିଲ୍ଲାର ତିନୋଟି ସ୍କୁଲରେ ଦେଖିଲି, ଜିନିଷର ଷ୍ଟକ ନାହିଁ । ସେଠାରେ ପ୍ରଧାନ ଶିକ୍ଷକ ଠିକାଦାରମାନଙ୍କ ଦ୍ୱାରା ଖାଦ୍ୟ-ଯୋଗାଣର ବ୍ୟବସ୍ଥା କରିଛନ୍ତି ଓ ମୁଣ୍ଡପିଛା ହିସାବ କରି ଠିକାଦାରଙ୍କୁ ପଇସା ଦେଉଛନ୍ତି । ଏ କ୍ଷେତ୍ରରେ ସ୍କୁଲ ପରିଚାଳନା ସମିତିର ମେନେଜର ଠିକାଦାର ବାଛନ୍ତି । ଅଧିକାଂଶ ସ୍କୁଲରେ ଚାଉଳ ଡାଲି ପ୍ରଭୃତି କିଣାଯାଇ ସ୍କୁଲର ପ୍ରଧାନ ଶିକ୍ଷକ ବା ମଧ୍ୟାହ୍ନ-ଭୋଜନ କମିଟୀର ମେନେଜରଙ୍କ ନିକଟରେ ରଖାଯାଏ । କେତେକ କ୍ଷେତ୍ରରେ ଭୋଜନ ସହିତ ସ୍କୁଲ ବଗିଚାରେ ହେଉଥିବା ମୂଳା, କଦଳୀ ପ୍ରଭୃତି ଉପଯୋଗ କରାଯାଏ । ଏ ଭଳି କ୍ଷେତ୍ରରେ ଅତିରିକ୍ତ ଲବ୍ଧ ଧନର ହିସାବ ସ୍ୱତନ୍ତ୍ର ରଖାଯାଏ । ଏହି ହିସାବ ଶିକ୍ଷା ବିଭାଗର ଅଫିସରମାନେ ଯାଞ୍ଚ କରନ୍ତି ।

କେତେକ ସ୍କୁଲରେ ଖାଦ୍ୟ ରାନ୍ଧିବା ପାଇଁ ଜଣେ ଲେଖାଏଁ ଲୋକ ନିଯୁକ୍ତ କରାଯାଇଛି । ଅଧିକାଂଶ କ୍ଷେତ୍ରରେ ସେ ସାମୟିକ କର୍ମଚାରୀରୂପେ କାମ କରେ । ସେ ମାସିକ ଟ ୫୦ରୁ ଟ ୭୫ ପାଏ ପାଏ ଓ ପିଲାମାନେ ଖାଇ ସାରିବା ପରେ ଖାଦ୍ୟ ବଳିଗଲେ ସେ କିଛି ଖାଏ । କେତେକ ସ୍କୁଲରେ ପାଳି କରି ଶିକ୍ଷୟିତ୍ରୀମାନେ ସେବେଇ କରନ୍ତି । ଏଥିପାଇଁ ପ୍ରଧାନ ଶିକ୍ଷକ ସେମାନଙ୍କୁ ଘଣ୍ଟାଏ ପର୍ଯ୍ୟନ୍ତ ଛୁଟି ସମୟ ଦିଅନ୍ତି ଓ ଛାତ୍ର ଘଣ୍ଟାଏ ପଢ଼ାଇବା ପାଇଁ ଅନ୍ୟ ବ୍ୟବସ୍ଥା କରନ୍ତି । ଦୁଇ ତିନୋଟି ମାତ୍ର ସ୍କୁଲରେ ଆଉ ଏକପ୍ରକାର ବ୍ୟବସ୍ଥା ହେଉଥିବା କଥାସୁ ଶୁଣିବାକୁ ପାଇଲି । ଗାଁର ଜଣେ ଦୁଇଜଣ ଲୋକ ବା ପରିବାରର କେତେକ ପିଲାଙ୍କ ଘର ନେଇ ସେମାନଙ୍କ-ପାଇଁ ସନ୍ତୁ ସେବେଇ କରି ଖାଦ୍ୟ ପଠାଇ ଦିଅନ୍ତି ।

ମୟୂରଭଞ୍ଜର ଗୋଟିଏ ହାଇସ୍କୁଲରେ ଏହିପରି ପ୍ରଣାଳୀରେ ଗତ ପ୍ରାୟ ୪୦ ବର୍ଷ ଧରି ମଧ୍ୟାହ୍ନ-ଭୋଜନ କାର୍ଯ୍ୟ ଚାଲୁଛି ।

ପୂର୍ବରୁ କୁହାଯାଇଛି ଯେ ନିମ୍ନଲିଖିତ ଜିନିଷଗୁଡ଼ିକ ମଧ୍ୟରୁ ଯେକୌଣସି ଦୁଇଟି ଜିନିଷ ଖାଇବାକୁ ଦିଆଯାଏ ।

(୧) ଭାତ, (୨) ଖେଚେଡ଼ି, (୩) ଉପମା, (୪) ଯୋଳ, (୫) ଆବୁର ଓ (୬) ସମ୍ବର ।

ପ୍ରତି ସ୍କୁଲରେ ଭାତ ଓ ସମ୍ବର ପ୍ରସ୍ତୁତ କରିବା ପାଇଁ ଗୋଟିଏ ଲେଖାଏଁ ମାପ ରହିଛି । ଏଥିରେ ପୂରା ଗୋଟିଏ ମିଲ ଦିଆ ହୋଇ ନ ଥିଲେ ମଧ୍ୟ ଅନ୍ତତଃ ତହିଁର ତିନିଭାଗ ଖାଇବାକୁ ଦିଆଯାଏ । ଭିନ୍ନ ସ୍କୁଲରେ ପ୍ରତି ପିଲାଙ୍କୁ ଖାଇବାକୁ ଦେବାରେ ୧୦ରୁ ୧୩ ନୂ:ପ: ଯାଏ ଖର୍ଚ୍ଚ ହୋଇଥାଏ ।

କନ୍ୟାକୁମାରୀ ଜିଲ୍ଲାରେ ଏକ ଭିନ୍ନ ପ୍ରଣାଳୀ ଅବଲମ୍ବନ କରାଯାଏ । ଏଠାରେ ମୁଣ୍ଡପିଛା ଖର୍ଚ୍ଚ ହେଉଥିବା ୧୫ନୂ:ପ: ସରକାର ବହନ କରନ୍ତି । ଏହି ଜିଲ୍ଲା ତ୍ରିବାଙ୍କୁର-କୋଚିନ ଅଧୀନରେ ଥିବା ସମୟରୁ ସ୍କୁଲମାନଙ୍କରେ କେତେ ଲେଖାଏଁ ପିଲାଙ୍କୁ ମଧ୍ୟାହ୍ନ-ଭୋଜନ ଦିଆହେବ, ତାହା ସ୍ଥିର କରି ଦିଆଯାଇଛି । ତହିଁରେ ଆଜି ପର୍ଯ୍ୟନ୍ତ ପରିବର୍ତ୍ତନ କରାଯାଇ ନାହିଁ । କିନ୍ତୁ ସ୍କୁଲରେ ଛାତ୍ରସଂଖ୍ୟା ବଢ଼ୁଥିବା ହେତୁ ମଧ୍ୟାହ୍ନ-ଭୋଜନ ଦେବାପାଇଁ ଥିବା ତାଲିକା ବଢ଼ିବାର ସମ୍ଭାବନା ଅଛି । ତେଣୁ ଅଧିକ ପିଲାଙ୍କୁ ମଧ୍ୟାହ୍ନ-ଭୋଜନ ଯୋଗାଇବା ପାଇଁ ଶିକ୍ଷା କର୍ତ୍ତୃପକ୍ଷ ସ୍ଥାନୀୟ ଉଦ୍ୟମ ଦ୍ୱାରା ପାଣ୍ଠି ସଂଗ୍ରହ କରୁଛନ୍ତି । ଏହା ବେସରକାରୀ ଭାବେ କରାଯାଉଛି । ଏହି ଜିଲ୍ଲାରେ ସ୍କୁଲ ଡେପୁଟୀ ଇନ୍‌ସପେକ୍ଟର ଚାଉଳ ଯୋଗାଇବା ପାଇଁ ଟେଣ୍ଡର ମାଗନ୍ତି । ସାଧାରଣତଃ ନିମ୍ନତମ ଟେଣ୍ଡର ଗୃହୀତ ହୁଏ । ତା ପରେ ସ୍କୁଲ ଡେପୁଟୀ-ଇନ୍‌ସପେକ୍ଟର ବିଭିନ୍ନ କେନ୍ଦ୍ରକୁ ଚାଉଳ ଯୋଗାଇବାକୁ ନିର୍ଦ୍ଦେଶ ଦିଅନ୍ତି । ଏହି କେନ୍ଦ୍ରମାନଙ୍କରେ ନିଜ ନିଜ ସମସ୍ୟା ବିଷୟରେ ଆଲୋଚନା କରିବା ପାଇଁ ପ୍ରଧାନ ଶିକ୍ଷକମାନଙ୍କର ମାସିକ ଥରେ ବୈଠକ ବସେ । ସାଧାରଣତଃ ୨୦।୩୦ ଜଣ ପ୍ରଧାନ ଶିକ୍ଷକ ଏହି କେନ୍ଦ୍ରକୁ ଆସନ୍ତି । ପ୍ରଧାନ ଶିକ୍ଷକ ଠିକାଦାରଠାରୁ ସ୍କୁଲକୁ ଚାଉଳ ଆଣନ୍ତି । ଚାଉଳ ଛଡ଼ା ସେମାନେ ମୁଣ୍ଡପିଛା କିଛି ପଇସା ଆବୁର ପାଇଁ ପାଆନ୍ତି । କିନ୍ତୁ ମୁଣ୍ଡପିଛା ଖର୍ଚ୍ଚ ୧୫ ନୂ: ପ:ରୁ ବେଶି ହୁଏ ନାହିଁ । ସମୟ ସମୟରେ ଆବୁର ପଇସାରୁ କିଛି ଅଂଶ ଚାଉଳ ପରିବହନ ବାବଦରେ ଖର୍ଚ୍ଚ କରନ୍ତି, କିନ୍ତୁ ଏହାକୁ ହିସାବରେ ଦେଖାନ୍ତି ନାହିଁ । ଏହାକୁ କେବଳ ଆବୁର ପଇସା ବୋଲି ହିସାବରେ ଦେଖାଇ ଦିଆଯାଏ । ସ୍କୁଲ ସ୍ତରର ହିସାବନିକାଶ ସ୍କୁଲ ଅଡିଟରମାନେ ଯାଞ୍ଚ କରନ୍ତି । ଏହି ଜିଲ୍ଲାରେ ସାଧାରଣତଃ ପ୍ରତି ସ୍କୁଲରେ ଖାଦ୍ୟ ପ୍ରେଷେଇ କରି ପରଷିବା ପାଇଁ ମାସିକ ଟ୧୦୨ ବେତନରେ ଜଣେ ଲେଖାଏଁ ରୂଜଣୀ ନିଯୁକ୍ତ ହୁଅନ୍ତି ।

# ଓଡ଼ିଶାର ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଯୋଗାଣ

ଗ୍ରାମାଞ୍ଚଳ ବୈଦ୍ୟୁତୀକରଣ ପରିକଳ୍ପନାଗୁଡ଼ିକ ପାଇଁ ଓଡ଼ିଶା ସରକାର ୧୯୬୪-୬୫ରେ କେନ୍ଦ୍ର ସାହାଯ୍ୟ ଲୋଡ଼ିଛନ୍ତି । ସେଗୁଡ଼ିକରେ ୧୭୨ଟି ଛୋଟ ସହର ଓ ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯିବାର ପ୍ରସ୍ତାବ ହୋଇଛି ଏବଂ ସେହି ପରିକଳ୍ପନାଗୁଡ଼ିକରେ ୧କୋଟି ୮୭ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି ।

ସେହି ସହର ଓ ଗ୍ରାମଗୁଡ଼ିକର ନାମ ନିମ୍ନରେ ପ୍ରଦତ୍ତ ହେଲା—

**ପୁରୀ**

ଇଟାମଟି, ବଲଙ୍ଗା, ଶାସନ ଦାମୋଦରପୁର, ଗୋପ, ନୌଗଡ଼ ସେଡ଼, ଦେଗୁରିଆ, କୋଲଗଡ଼, ବରଗଡ଼, ଡେଲଙ୍ଗ, କଣାସ, ବାସମାଳ, ଓଶପଲ୍ଲୀ ଓ ସାତପାଟଣା, ଖଣ୍ଡପଡ଼ା, କଣ୍ଟିଲୋ, ସଜ-ସୁନାଖଳା, ରଣପୁର, ବୃନ୍ଦପୁର ।

**ଗଞ୍ଜାମ**

ଧରାକୋଟ ଓ ସୋଡ଼ାମାଳ, ଗୁଡ଼ିଆଳି, ପାଣ୍ଡିଆ, ପୁରୁଷୋତ୍ତମପୁର ଓ ପଟ୍ଟନାୟକପୁର, ବଡ଼ଗଡ଼ିଣ୍ଡି, ପାଟପୁର, ପଦ୍ମପୁର, ବଡ଼କୋଦଣ୍ଡା, ବୁଗୁଡ଼ା ।

**ଫୁଲବାଣୀ**

ଜି. ଉଦୟଗିରି, ସୁଇକିଆ, ଟିକାବାଲି, ଯୋର-ଯୋଗ, ମାନମୁଣ୍ଡା, କାଂଶୁଲ, ବାଲିଗୁଡ଼ା, କନ୍ଧ ।

**ମୟୂରଭଞ୍ଜ**

ବେତନଟୀ, ବୈଶିଙ୍ଗା, ଜଦଲା ଓ କପ୍ତିପଦା, ମହୁଲଡିହା, ଦାଣ୍ଡବୋସ, ଗନ୍ଧରପିଆ, ବଇଶିଙ୍ଗି, ଇଡଣ୍ଡା, ପାଖନା, ନିରଞ୍ଜନ, ବଡ଼ସାହି, ମୁଣ୍ଡୁଳ, ମଣ୍ଡ, ପୂର୍ଣ୍ଣପାଣି, ପାଡ଼ିଆ, ଖେରନା, ବୋଡ଼ା, କରଞ୍ଜିଆ ।

**ସମ୍ବଲପୁର**

ଶାସନ, ଅତାବିରା, ବରପାଲି, କୁଚିଣ୍ଡା ଓ ଆଖପାଖର ଆଠଟି ଗ୍ରାମ, ଗୋବିନ୍ଦପୁର, ବାମରା, ଦାସେଇମୁଣ୍ଡା, ରାଢ଼ପୋଶ ଓ ଆଖପାଖର ତିନୋଟି ଗ୍ରାମ ।

**କେନ୍ଦୁଝର**

ଚମ୍ପୁଆ, ଆନନ୍ଦପୁର, ରାମଚନ୍ଦ୍ରପୁର, ଘଟଗାଁପୁର, ଚଣ୍ଡପାଲ, କେସଦୁରପାଲ, ଉଦୟପୁର ।

**ବଲାଙ୍ଗୀର**

ଗୁଲୁର, ଖଜୁରିପାଲି, ମାଲମୁଣ୍ଡା, ବେହେରାପାଲି, ଟାଲପାଲି, ଖୋଣ୍ଡାପାଲି, ଦୁଡ଼ାପାଲି, ବନ୍ଧମୁଣ୍ଡା, ସଇରଡଲା, ଲୋଇସିଙ୍ଗା, ସାକମା, ସାଲେଭଟା, ଲୁସରା, ତରଭା, ପୁଇଁତଳା, ପଞ୍ଚୁଗଡ଼, ସଇନତଳା ।

**କଟକ**

ବନ୍ଧାରପୁର, ବଡ଼ଚଣା, ସୁକିନ୍ଦା, ତିରିଆ, ବଡ଼ାମ୍ବା, ନରସିଂହପୁର, ବାଙ୍କି ଓ ଭଦପଡ଼ା ।

**ସୁନ୍ଦରଗଡ଼**

ବନ୍ଧଗାଁଓ, ଲହୁ, ଲଦନନଗର, ବଣାଇଗଡ଼, ଭାଲୁଙ୍ଗା, ଖରମୁଣ୍ଡା, ଗୁଇବୋଗା, ହାଣ୍ଡିବାଡ଼, ବଡ଼ସ, ଜାଗିକେଲା ।

**ଢେଙ୍କାନାଳ**

ପାଲଲହଡ଼ା, କାମାକ୍ଷାନଗର, ଜଗପଡ଼ା, ମେସମଣ୍ଡଳୀ, ବାରଡ଼ିଆ, ଭୁବନ, ଆଠମଲ୍ଲିକ, ହିନ୍ଦୋଳ ।

**ବାଲେଶ୍ୱର**

ଖେରସାଇ, ସୋର, ରେମୁଣା, ନୀଳଗିରି, ବସ୍ତା, କମପୁର, ଖନଡାପଡ଼ା ।

**କଳାହାଣ୍ଡି**

କେଶିଙ୍ଗା, ଜୁନାଗଡ଼, ନଉପଡ଼ା, ଜୟପାଟଣା, ଧର୍ମଗଡ଼, ଓଲିଆହାମର, ରୂପଆଗଡ଼, ଶଠେଲପଡ଼ା, ବଡ଼କୁଟିଆ, କରବାହାଲ, ଛିଲଟେଲପ, ତଲରଙ୍ଗ, କଣକେଇ, ଖାନାର ।

# କୃଷକଙ୍କ ଜାଣିବା ପାଇଁ



## ମୂଷାମରା ଔଷଧ

( ଇଲେକଟ୍ରିକ୍ ରେଟ୍-ସ୍କଟ୍ ପେଷ୍ଟ ଓ
ଜିଙ୍କ୍ ଫସ୍ ଫାଇଡ୍ )

ମୂଷା ଆମର ଖାଦ୍ୟଶସ୍ୟ ବହୁ ପରିମାଣରେ ନଷ୍ଟ କରେ । ଏଣୁ ମୂଷାଙ୍କୁ ମାରି ଖାଦ୍ୟ ପଦାର୍ଥ ସେମାନଙ୍କ ହାତରୁ ରକ୍ଷାକରିବା ଏକାନ୍ତ ଅବଶ୍ୟକ । ଇଲେକ୍ଟ୍ରିକ୍ ରେଟ୍-ସ୍କଟ ପେଷ୍ଟ ଓ ଜିଙ୍କ୍ ଫସ୍‌ଫାଇଡ୍ ଦୁଇ ପ୍ରକାର ବିଷ, ଖାଦ୍ୟ ପଦାର୍ଥ ଭିତରେ ମିଶାଇ ମୂଷାଙ୍କୁ ଖାଇବାକୁ ଦେଲେ ମୂଷା ମରିଯାନ୍ତି ।

ବିଷମିଶା ଖାଦ୍ୟ ଦେବା ଆଗରୁ ପ୍ରଥମ ୨।୩ ଦିନ ମୂଷାଙ୍କୁ ଯେଉଁ ଖାଦ୍ୟ ଜିନିଷ ସହିତ ବିଷମିଶାଇ ଦିଆଯିବ, ସେହି ଖାଦ୍ୟ ପଦାର୍ଥ ବିନା ବିଷ ପ୍ରଲୋଭନରେ ଖାଇବାକୁ ଦେଇ ଆଗ୍ରହ ବଢ଼ାଇବ ।

ଶୁଖୁଆ, ରୁଟି, ଅଣ୍ଡା, ପିଠା ଓ ପନିପରିବାରେ ଏହି ବିଷ ଅଳ୍ପ ମିଶାଇ ଛୋଟ ଛୋଟ ଖଣ୍ଡ କରି ମୂଷା-ମାନଙ୍କ ଯିବା ଆସିବା ରାସ୍ତାରେ ସନ୍ଧ୍ୟାବେଳେ ରଖି ଦେବ ଓ ନିକଟରେ ଅଳ୍ପ ପାଣି ମଧ୍ୟ ରଖିବ ।

## ସତର୍କତା

ଖାଇବା ଜିନିଷରେ ବିଷ ମିଶାଇବା ବେଳେ ଦେହ ହାତରେ ଏ ବିଷ ଯେପରି ନ ଲାଗେ, ସେଥିପ୍ରତି ସତର୍କ ରହିବ । ଯଦି ଦୈବାତ୍ ଦେହ ହାତରେ ଲାଗିଯାଏ ତାହାହେଲେ ସାବୁନରେ ଭଲଭାବରେ ଧୁଆଧୋଇ ହୋଇ ପଡ଼ିବ ।

ସନ୍ଧ୍ୟାବେଳେ ବିଷମିଶା ଖାଦ୍ୟ ଦେବାପରେ ତା ପରଦିନ ସକାଳେ ମୂଷା ନ ଖାଇଥିବା ବିଷଖାଦ୍ୟ ସଂଗ୍ରହ କରି ଗାତ କରି ପୋତି ପକାଇବ ।

ବିଷ ଖାଇ ମରିଥିବା ମୂଷାଙ୍କୁ ବିଲେଇ, କୁଆ ଯେପରି ନ ଖାନ୍ତି, ସେଥିପାଇଁ ଗାତକରି ପୋତିଦେବ ।

ଏହି ବିଷଖାଦ୍ୟ ମୂଷାଙ୍କୁ ଦେବାବେଳେ ଘରର ସମସ୍ତ ଖାଦ୍ୟ ପଦାର୍ଥ ଘୋଡ଼ାଇ ରଖିବ ।

ଛୁଆପିଲାମାନେ ଯେପରି ଏ ବିଷ ପଦାର୍ଥରେ ନ ଲାଗନ୍ତି, ସେଥିପ୍ରତି ସାବଧାନ ରହିବ ।

# ଆକାଶ-ବାଣୀ, କଟକ

ଅକ୍ଟୋବର ତା୪-୧୦-୫୯ ରିଖଠାରୁ
ତା ୩୧-୧୦-୫୯ ରିଖ ଯାଏ
ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ସୂଚୀ:—

**ସକାଳ:— (ପ୍ରଥମ ଅଧିବେଶନ)**

ଘ ୭-୦୦ ମିନଟ ... ମାଙ୍ଗଳିକ
ଘ ୭-୧୦ ,, ... କାର୍ଯ୍ୟକ୍ରମ ପରିଚୟ
ଘ ୭-୧୫ ,, ... ଓଡ଼ିଆ ସମ୍ବାଦ
ଘ ୭-୩୦ ,, ... ହିନ୍ଦୀ ଶିକ୍ଷା (ଶୁକ୍ରବାର ଓ ରବିବାର ବ୍ୟତୀତ)
ଘ ୮-୦୦ ,, ... ଇଂରାଜୀ ସମ୍ବାଦ
ଘ ୮-୧୫ ,, ... ହିନ୍ଦୀ ସମ୍ବାଦ

**ମଧ୍ୟାହ୍ନ:—(ଦ୍ୱିତୀୟ ଅଧିବେଶନ)**

ଘ ୧-୧୦ ମିନଟ ... ଓଡ଼ିଆ ସମ୍ବାଦ

**ସନ୍ଧ୍ୟା:—(ତୃତୀୟ ଅଧିବେଶନ)**

ଘ ୬-୦୦ ମିନଟ ... ସ୍ଥାନୀୟ ଘୋଷଣାବଳୀ
ଘ ୬-୫ ,, ... ହିନ୍ଦୀ ସମ୍ବାଦ
ଘ ୬-୨୦ ,, ... ଆଞ୍ଚଳିକ ସମ୍ବାଦ
ଘ ୭-୧୫ ,, ... ଓଡ଼ିଆ ସମ୍ବାଦ
ଘ ୭-୩୦ ,, ... ଗାଁଗହଳି ପାଇଁ
ଘ ୯-୦୦ ,, ... ଇଂରାଜୀ ସମ୍ବାଦ

ଶ୍ରୋତାମାନଙ୍କ ଅନୁରୋଧରେ ଗୀତ (ରବିବାର ଓ ଗୁରୁବାର ରାତ୍ର ଘ ୭-୪୫ ମିନଟଠାରୁ ଘ ୮-୧୫ ମିନଟ। ଗାନ୍ଧୀ ପ୍ରାର୍ଥନା ଓ ଚର୍ଚ୍ଚା ଶୁକ୍ରବାର ସକାଳ ୭-୩୦ ମିନଟ। ନାରୀ ମହଲ ମଙ୍ଗଳବାର ଦିନ ଘ୧-୩୦ ମିନଟ ଓ ଶନିବାର ସନ୍ଧ୍ୟା ଘ୫-୩୦ ମିନଟ। ଶିଶୁ ସଂସାର (କୁନିପିଲାମାନଙ୍କ ପାଇଁ) ରବିବାର ସକାଳ ଘ ୮-୩୦ ମିନଟ। କିଶୋର ଚକ୍ର (ବଡ଼-ପିଲାମାନଙ୍କ ପାଇଁ) ଶନିବାର ମଧ୍ୟାହ୍ନ ଘ ୧-୩୦ ମିନଟ। ସଙ୍ଗୀତ ଶିକ୍ଷା (ଶାସ୍ତ୍ରୀୟ) ସୋମବାର, ବୁଧବାର, ଶୁକ୍ରବାର ସନ୍ଧ୍ୟା ଘ ୫-୪୫ ମିନଟ। ସଙ୍ଗୀତ (ସୁଗମ) ମଙ୍ଗଳବାର, ଗୁରୁବାର ସନ୍ଧ୍ୟା ଘ ୫-୪୫ ମିନଟ।

ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ସୂଚୀ :—

କଥାଭିତ୍ତି ଗୀତ (ରବିବାର ଦିନ ଘ ୧-୨୦ ଓ ଗୁରୁବାର ଘ ୧-୪୫ ମିନଟ) ଶ୍ରୋତାଙ୍କ ଚିଠିପତ୍ରର ଉତ୍ତର (ମଙ୍ଗଳବାର ରାତ୍ର ଘ ୮-୦୦ ମିନଟ) ସମାଜର ଦର୍ପଣ ( ସୋମବାର ରାତ୍ର ଘ୯-୧୫ ମିନଟ) ଦୈନନ୍ଦିନ ପାଣିପାଗ ଖବର (ଦିନ ଘ ୨-୧୫ ମିନଟ) ନାଟକ (ପ୍ରତି ସୋମବାର ରାତ୍ର ଘ ୭-୪୫ ମିନଟ ଓ ପ୍ରତି ଶନିବାର ଗାଁଗହଳି ପାଇଁ କାର୍ଯ୍ୟକ୍ରମ ମଧ୍ୟରେ।

## ତା ୧-୧୦-୫୯ ରିଖ ଗୁରୁବାର

ରାତ୍ର ଘ ୮-୦୦ ମିନଟ ସ୍ନେହଲତା ଦାସ (ଭୂପେନ୍ଦ୍ର ଭଞ୍ଜଙ୍କ ଲେଖାରୁ)। ରାତ୍ର ଘ ୮-୪୦ ମିନଟ ଡ଼ଃ ସାର୍ବାସ୍ୱମଙ୍କ ଇଂରାଜୀ ରୂପକ (ଆନିବେସାନ୍ତଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ) (ଦିଲ୍ଲୀ ରିଲେ)। ରାତ୍ର ଘ୯-୩୦ ମିନଟ ତଥ୍ୟସମ୍ବଳିତ ଓଡ଼ିଆ ରୂପକ (ସେବାସଦନ, ପୁନା)।

## ତା ୨-୧୦-୫୯ ରିଖ ଶୁକ୍ରବାର

ସନ୍ଧ୍ୟା ଘ ୫-୩୦ ମିନଟ ବାଳକୃଷ୍ଣ ଦାସ (ବାପୁଜୀଙ୍କ ପ୍ରିୟଭଜନ)। ରାତ୍ର ଘ ୮-୦୦ ମିନଟ ବାଳକୃଷ୍ଣ ଦାସ (ଭଜନ କୀର୍ତ୍ତନ)। ରାତ୍ର ଘ ୯-୧୫ ମିନଟ ଗାନ୍ଧୀଜୀ ଓ ସମାଜସେବା (ଓଡ଼ିଆ କାର୍ଯ୍ୟକ୍ରମ),

ସନ୍ଧ୍ୟା ୯-୩୦ ମିନିଟ 'ହେ ମହାନ୍ ଯୋଗୀ' (ମହାତ୍ମା ଗାନ୍ଧୀଙ୍କ ଜୀବନୀରୁ ମୂଳ ହିନ୍ଦୀ ଲେଖାର ଓଡ଼ିଆ ଅନୁବାଦ)

**ତା ୩-୧୦-୫୯ ରିଖ ଶନିବାର**

ସନ୍ଧ୍ୟା ୮-୦୦ ମିନିଟ ସୁମଣି ଦେବୀ (କାଳିଚରଣ ପଟ୍ଟନାୟକଙ୍କ ରଚନାରୁ)। ସନ୍ଧ୍ୟା ୯-୧୫ ମିନିଟ ବ୍ରଜେନ୍ଦ୍ର କୁମାର ଗିରି ( ଗୀତ ଓ ଭଜନ)।

**୪-୧୦-୫୯ ରିଖ ରବିବାର**

ସନ୍ଧ୍ୟା ଘ ୬-୧୦ ମିନିଟ କଲ୍ୟାଣୀ ମୁଖର୍ଜୀ (ଆଧୁନିକ ଓ ପଲ୍ଲୀସ୍ୱର ଗୀତ)। ସନ୍ଧ୍ୟା ୭-୪୫ ମିନିଟ ଶ୍ରୋତାଙ୍କ ଅନୁରୋଧ (ରେକର୍ଡ଼)। ସନ୍ଧ୍ୟା ଘ୯-୧୫ମିନିଟ କଲ୍ୟାଣୀ ମୁଖର୍ଜୀ (ଆଧୁନିକ ଭଜନ ଓ ପଲ୍ଲୀସ୍ୱର ଗୀତ)।

**ତା ୫-୧୦-୫୯ ରିଖ ସୋମବାର**

ମଧ୍ୟାହ୍ନ ଘ୧-୪୫ ମିନିଟ କାଶୀନାଥ ପୂଜାପଣ୍ଡା (ଓଡ଼ିଶୀ, ଛାନ୍ଦ ଓ ଭଜନ)। ସନ୍ଧ୍ୟା ଘ ୬-୧୦ ମିନିଟ ରଘୁନାଥ ପାଣିଗ୍ରାହୀ ( ଗୀତଗୋବିନ୍ଦ—ରେକର୍ଡ଼ )। ସନ୍ଧ୍ୟା ଘ ୭-୪୫ ମିନିଟ 'ଷଣିକା' (ସ୍ୱଳ୍ପ ସମୟ ଓଡ଼ିଆ ନାଟକ କାର୍ଯ୍ୟକ୍ରମର ୭ମ ଅବଦାନ)।

**ତା ୬-୧୦-୫୯ ରିଖ ମଙ୍ଗଳବାର**

ସନ୍ଧ୍ୟା ଘ ୬-୧୦ ମିନିଟ ଶ୍ୟାମାମଣି ପଟ୍ଟନାୟକ (ଓଡ଼ିଶୀ ଓ ଭଜନ)। ସନ୍ଧ୍ୟା ଘ ୭-୪୫ ମିନିଟ ଧରଣୀଧର ନନ୍ଦ (ଆଧୁନିକ, ଭଜନ ଓ ପଲ୍ଲୀସ୍ୱର ଗୀତ)।

**ତା ୭-୧୦-୫୯ ରିଖ ବୁଧବାର**

ସକାଳ ଘ ୭-୪୫ ମିନିଟ, ସନ୍ଧ୍ୟା ୬-୧୦ ମିନିଟ ଓ ସନ୍ଧ୍ୟା ୭-୪୫ ମିନିଟ ପ୍ରଣବକିଶୋର ପଟ୍ଟନାୟକ (ଆଧୁନିକ, ଭଜନ, ଗୀତ ଓ ସଚ୍ଚିଦାନନ୍ଦ ରାଉତଙ୍କ କବିତା)। ମଧ୍ୟାହ୍ନ ଘ ୧-୪୫ ମିନିଟ ମିତ୍ର ମହାନ୍ତି (ଓଡ଼ିଶୀ ଓ ଭଜନ)।

**ତା ୮-୧୦-୫୯ ରିଖ ଗୁରୁବାର**

ସକାଳ ଘ ୫-୦୦ ମିନିଟ 'ଦୁର୍ଗା' (ଦୁର୍ଗାପୂଜା ସଙ୍ଗୀତ ରୂପକ)। ସନ୍ଧ୍ୟା ଘ ୯-୩୦ ମିନିଟ ମାଛକୁଣ୍ଡ ହାଇଡ୍ରୋଇଲେକଟ୍ରିକ ଯୋଜନା ସମ୍ବନ୍ଧୀୟ ଅଖିଳ ଭାରତୀୟ ଓଡ଼ିଆ ରୂପକ କାର୍ଯ୍ୟକ୍ରମ।

**ତା ୯-୧୦-୫୯ ରିଖ ଶୁକ୍ରବାର**

ସନ୍ଧ୍ୟା ୭-୫୪ ମିନିଟ ବସ୍ତ୍ରପ୍ରିୟା ଦାସ (ଓଡ଼ିଶୀ ଓ ଭଜନ)। ଘ ୮-୦୦ ମିନିଟ ଯୁବକ ପ୍ରୋଗ୍ରାମ (ବିଶ୍ୱ-ବିଦ୍ୟାଳୟ ଛାତ୍ରଙ୍କ ପାଇଁ)। ସନ୍ଧ୍ୟା ଘ ୯-୧୫ ମିନିଟ ବସ୍ତ୍ରପ୍ରିୟା ଦାସ (ଆଧୁନିକ, ଭଜନ, ପଲ୍ଲୀସ୍ୱର ଗୀତ)।

**ତା ୧୦-୧୦-୫୯ ରିଖ ଶନିବାର**

ସନ୍ଧ୍ୟା ଘ ୭-୪୫ ମିନିଟ ଲୋକନାଥ ରଥ (ଓଡ଼ିଶୀ ଓ ଭଜନ)। ସନ୍ଧ୍ୟା ଘ ୯-୧୫ ମିନିଟ ଶାନ୍ତିଲତା ସାହୁ (ଜାନକୀବଲ୍ଲଭ ମହାନ୍ତିଙ୍କ ରଚନାରୁ)।

**ତା ୧୧-୧୦-୫୯ ରିଖ ରବିବାର**

ସକାଳ ଘ ୯-୧୫ ମିନିଟ ସୁନନ୍ଦା ପଟ୍ଟନାୟକ (ଖେୟାଲ)। ସକାଳ ଘ ୯-୪୫ ମିନିଟ ରାଧାଗୋବିନ୍ଦ ପଟ୍ଟନାୟକ (ଆଧୁନିକ, ଭଜନ, ପଲ୍ଲୀସ୍ୱର ଗୀତ)। ସନ୍ଧ୍ୟା ଘ ୬-୧୦ ମିନିଟ ରାଧାଗୋବିନ୍ଦ ପଟ୍ଟନାୟକ (ଗୀତ)। ସନ୍ଧ୍ୟା ଘ ୭-୪୫ ମିନିଟ ଶ୍ରୋତାଙ୍କ ଅନୁରୋଧ (ରେକର୍ଡ଼)। ସନ୍ଧ୍ୟା ଘ ୮-୪୫ ମିନିଟ ସୁନନ୍ଦା ପଟ୍ଟନାୟକ (ଖେୟାଲ)।

**ତା ୧୨-୧୦-୫୯ ରିଖ ସୋମବାର**

ସନ୍ଧ୍ୟା ଘ ୬-୧୦ ମିନିଟ ମାନବେନ୍ଦ୍ର ମୁଖାର୍ଜୀ (ଆଧୁନିକ) ( ରେକର୍ଡ଼ )। ସନ୍ଧ୍ୟା ୭-୪୫ ମିନିଟ 'କ୍ଷଣିକା' (ସ୍ୱଳ୍ପ ସମୟ ଓଡ଼ିଆ ନାଟକ କାର୍ଯ୍ୟକ୍ରମ ପର୍ଯ୍ୟାୟର ୭ମ କାର୍ଯ୍ୟକ୍ରମ)। ରାତି ଘ ୯-୧୫ ମିନିଟ ଆଞ୍ଚଳିକ ଓଡ଼ିଆ ରେକର୍ଡ଼ 'ସମାଚାର-ଦର୍ପଣ'।

**ତା ୧୩-୧୦-୫୯ ରିଖ ମଙ୍ଗଳବାର**

ରାତ୍ର ଘ ୬-୧୦ ମିନିଟ ନନ୍ଦାରାଣୀ ସାହୁ (ଆଧୁନିକ ଓ ପଲ୍ଲୀସ୍ୱର ଗୀତ) ।

**ତା ୧୪-୧୦-୫୯ ରିଖ ବୁଧବାର**

ରାତ୍ର ଘ ୬-୧୦ ମିନିଟ ଓ ଘ ୮-୧୫ ମିନିଟ ସୁଧାକୃଷ୍ଣ ରଞ୍ଜ (ଗୀତ, ଭଜନ, ଆଧୁନିକ ଓ ପଲ୍ଲୀସ୍ୱର ଗୀତ) ।

**ତା ୧୫-୧୦-୫୯ ରିଖ ଗୁରୁବାର**

ସନ୍ଧ୍ୟା ଘ ୫-୩୦ ମିନିଟରେ ନୃସିଂହନାଥ ଖୁଣ୍ଟିଆ (ଓଡ଼ିଶୀ, ଭଜନ ଓ ଜଣାଣ) । ରାତ୍ର ଘ ୭-୪୫ ମିନିଟରେ ଶ୍ରୋତାଙ୍କ ଅନୁରୋଧରୁ (ରେକର୍ଡ଼) । ରାତ୍ର ଘ ୯-୩୦ ମିନିଟରେ ଅଖିଳ ଭାରତୀୟ ଓଡ଼ିଆ ସଙ୍ଗୀତ କାର୍ଯ୍ୟକ୍ରମ (କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ କାବ୍ୟ) ।

**ତା ୧୬-୧୦-୫୯ ରିଖ ଶୁକ୍ରବାର**

ସକାଳ ଘ ୭-୩୦ ମିନିଟରେ ଗାନ୍ଧୀ ପ୍ରାର୍ଥନା ଓ ଚର୍ଚ୍ଚା । ରାତ୍ର ଘ ୬-୧୦ ମିନିଟରେ ଅକ୍ଷୟ କୁମାର ମହାନ୍ତି (ଗୀତ) । ରାତ୍ର ୭-୩୦ ମିନିଟରେ କୁମାର ଉତ୍ସବ (ସ୍ୱତନ୍ତ୍ର କାର୍ଯ୍ୟକ୍ରମ) ।

**ତା ୧୭-୧୦-୫୯ ରିଖ ଶନିବାର**

ରାତ୍ର ଘ ୭-୪୫ ମିନିଟରେ ଇନ୍ଦିରା ସାହୁ (ଆଧୁନିକ ଓ ଭଜନ) । ରାତ୍ର ଘ ୯-୧୫ ମିନିଟରେ ଶମ୍ଭୁନାଥ ରାଉ (ଆଧୁନିକ, ଭଜନ ଓ ପଲ୍ଲୀସ୍ୱର ଗୀତ) ।

**ତା ୧୮-୧୦-୫୯ ରିଖ ରବିବାର**

ସକାଳ ଘ ୯-୧୫ ମିନିଟରେ କେ. ଇ. ଏସ୍. ରାଓ (ଖେୟାଲ) । ରାତ୍ର ଘ ୭-୪୫ ମିନିଟରେ ଶ୍ରୋତାଙ୍କ ଅନୁରୋଧରୁ । ରାତ୍ର ଘ ୮-୧୫ ମିନିଟରେ ପ୍ରଫୁଲ୍ଲ କୁମାର ସିଂହଦେଓ (ଆଧୁନିକ ଓ ଭଜନ) । ରାତ୍ର ଘ ୯-୧୫ ମିନିଟରେ ବୀଣାଦେବୀ (ଆଧୁନିକ ଓ ପଲ୍ଲୀସ୍ୱର ଗୀତ) ।

**ତା ୧୯-୧୦-୫୯ ରିଖ ସୋମବାର**

ସକାଳ ଘ ୭-୪୫ ମିନିଟରେ କମଳିଚରଣ ହରିଚନ୍ଦନ (ଓଡ଼ିଶୀ ଓ ଜଣାଣ) । ରାତ୍ର ଘ ୭-୪୫ ମିନିଟରେ ଗୋପାଳ ଛୋଟରାୟଙ୍କ 'ପୃଥ୍ୱୀର ପାରିବାରିକ' (ହାସ୍ୟ-ରସାତ୍ମକ ଓଡ଼ିଆ ପାରିବାରିକ ନାଟକ ପର୍ଯ୍ୟାୟର ଷଷ୍ଠାଂଶ ଅବଦାନ) । ରାତ୍ର ଘ ୮-୧୫ ମିନିଟରେ କମଳିଚରଣ ହରିଚନ୍ଦନ (ନନ୍ଦକିଶୋର ଦାସଙ୍କ ରଚନାରୁ) । ଘ ୯-୧୫ ମିନିଟରେ ଆଞ୍ଚଳିକ ଓଡ଼ିଆ ରେଡ଼ିଓ 'ସମାଜ-ଦର୍ପଣ' ।

**ତା ୨୦-୧୦-୫୯ ରିଖ ମଙ୍ଗଳବାର**

ରାତ୍ର ଘ ୭-୪୫ ମିନିଟରେ ଗ୍ଲୋରିଆ ସଙ୍ଗୀତ (ବୀଣାଦେବୀଙ୍କ ରଚନାରୁ) । ରାତ୍ର ଘ ୮ ଟାରେ ଶ୍ରୋତାଙ୍କ ପତ୍ରର ଉତ୍ତର । ରାତ୍ର ୮-୩୦ ମିନିଟରେ ହରିପ୍ରସାଦ ଚୌରସିଆ 'ଫ୍ଲୁଟ' (ଦରବାରୀ, କାନଡ଼ା ଓ ଧୂନ୍) ।

**ତା ୨୧-୧୦-୫୯ ରିଖ ବୁଧବାର**

ସକାଳ ଘ ୭-୪୫ ମିନିଟରେ ନନ୍ଦକିଶୋର ମିଶ୍ର (ଓଡ଼ିଶୀ ଓ ଭଜନ) । ରାତ୍ର ଘ ୮-୧୫ ମିନିଟରେ ନନ୍ଦକିଶୋର ମିଶ୍ର (ଆଧୁନିକ ଓ ଭଜନ) ।

**ତା ୨୨-୧୦-୫୯ ରିଖ ଗୁରୁବାର**

ସକାଳ ଘ ୭-୪୫ ମିନିଟରେ ସୁଧାମଣି ମହାପାତ୍ର (ଓଡ଼ିଶୀ ଓ ଭଜନ) । ରାତ୍ର ଘ ୭-୪୫ ମିନିଟରେ ଶ୍ରୋତାଙ୍କ ଅନୁରୋଧରୁ (ରେକର୍ଡ଼) । ରାତ୍ର ଘ ୮-୧୫ ମିନିଟରେ ସୁଧାମଣି ମହାପାତ୍ର (ଗୋପାଳକୃଷ୍ଣଙ୍କ ରଚନାରୁ) । ରାତ୍ର ଘ ୯-୩୦ ମିନିଟରେ ଅଖିଳ ଭାରତୀୟ ନାଟକ କାର୍ଯ୍ୟକ୍ରମ 'ଦବାଖାଟୁନ୍' (ପ୍ରଫେସର ଜମଦ୍‌ଙ୍କ ଉର୍ଦ୍ଦୁ ନାଟକର ଓଡ଼ିଆ ଅନୁବାଦ) ।

**ତା ୨୩-୧୦-୫୯ ରିଖ ଶୁକ୍ରବାର**

ରାତ୍ର ଘ ୭-୪୫ ମିନିଟରେ ମହମ୍ମଦ ସିକନ୍ଦର ଆଲ୍ଲମ (ପାର୍ଥସାରଥି ମହାପାତ୍ରଙ୍କ ରଚନାରୁ) । ରାତ୍ର

ଘ ୯-୧୫ ମିନିଟରେ ମହମ୍ମଦ ସିକନ୍ଦର ଆଲମ (ଗୀତ ଓ ଗଜଲ୍) ।

**ତା ୨୪-୧୦-୫୯ ରିଖ ଶନିବାର**

ସକାଳ ଘ ୭-୪୫ ମିନିଟରେ ଅଙ୍ଗୁରବାଲା ଦେବୀ (ଆଧୁନିକ ଓ ଭଜନ) । ସନ୍ଧ୍ୟା ଘ ୬-୧୦ ମିନିଟରେ 'ଝଙ୍କୃତି' (ହରପ୍ରସାଦ ଚୌରସିଆଙ୍କ ରଚିତ ଓ ପି. ଭି. କୃଷ୍ଣମୂର୍ତ୍ତିଙ୍କଦ୍ୱାରା ପରିଚାଳିତ ସମବେତ ବାଦ୍ୟ ସଂଗୀତ) । ରାତ୍ର ଘ ୮ ଟାରେ ୟୁ. ଏନ୍. ଡେ । ରାତ୍ର ଘ ୮-୧୫ ମିନିଟରେ ଅଙ୍ଗୁରବାଲା ଦେବୀ (ଆଧୁନିକ ଓ ଭଜନ) । ରାତ୍ର ଘ ୯-୧୫ ମିନିଟରେ ଅଙ୍ଗୁରବାଲା ଦେବୀ (ଓଡ଼ଶୀ ଓ ଭଜନ) ।

**ତା ୨୫-୧୦-୫୯ ରିଖ ରବିବାର**

ସକାଳ ଘ ୭-୩୦ ମିନିଟ, ସନ୍ଧ୍ୟା ଘ ୫-୩୦ ମିନିଟ ଓ ରାତ୍ର ଘ ୯-୧୫ ମିନିଟରେ ସିଂହାରି-ଶ୍ୟାମସୁନ୍ଦର କର (କଣ୍ଠ ସଂଗୀତ) । ରାତ୍ର ଘ ୯-୩୦ ମିନିଟରେ 'ଭାରତ-ଦର୍ଶନ' (ଓଡ଼ିଆ ରୂପକ) ।

**ତା ୨୬-୧୦-୫୯ ରିଖ ସୋମବାର**

ସକାଳ ଘ ୭-୪୫ ମିନିଟ, ସନ୍ଧ୍ୟା ଘ ୫-୩୦ ମିନିଟ ଓ ରାତ୍ର ଘ ୮-୧୫ ମିନିଟରେ ରଘୁନାଥ ପାଣିଗ୍ରାହୀ (କଣ୍ଠ ସଙ୍ଗୀତ) । ରାତ୍ର ଘ ୯-୧୫ ମିନିଟରେ 'କ୍ଷଣିକା' (ସ୍ୱଳ୍ପ ସମୟ ଓଡ଼ିଆ ନାଟକ ପର୍ଯ୍ୟାୟରେ) ।

**ତା ୨୭-୧୦-୫୯ ରିଖ ମଙ୍ଗଳବାର**

ସକାଳ ଘ ୭-୪୫ ମିନିଟ, ମଧ୍ୟାହ୍ନ ଘ ୧-୩୦ ସନ୍ଧ୍ୟା ଓ ଘ ୬-୧୦ ମିନିଟରେ ସରଳା ପଣ୍ଡା (କଣ୍ଠ-ସଂଗୀତ) । ସନ୍ଧ୍ୟା ଘ ୫-୩୦ ମିନିଟ, ରାତ୍ର ଘ ୭-୪୫ ମିନିଟ ଓ ରାତ୍ର ଘ ୮-୧୫ ମିନିଟରେ ବାଞ୍ଛାନିଧି ପଣ୍ଡା (କଣ୍ଠ ସଂଗୀତ) ।

**ତା ୨୮-୧୦-୫୯ ରିଖ ବୁଧବାର**

ସକାଳ ଘ ୭-୪୫ ମିନିଟ, ସନ୍ଧ୍ୟା ଘ ୫-୩୦ ମିନିଟ ଓ ରାତ୍ର ଘ ୭-୪୫ ମିନିଟରେ ନାରାୟଣ ବେହେରା (କଣ୍ଠ ସଂଗୀତ) ।

**ତା ୨୯-୧୦-୫୯ ରିଖ ଗୁରୁବାର**

ସକାଳ ୭-୪୫ ମିନିଟ, ସନ୍ଧ୍ୟା ଘ ୫-୩୦ ମିନିଟ ଓ ରାତ୍ର ଘ ୭-୩୦ ମିନିଟରେ ସୁଲକ୍ଷଣା ପଟ୍ଟନାୟକ (କଣ୍ଠ ସଂଗୀତ) । ରାତ୍ର ଘ ୯-୩୦ ମିନିଟରେ ଅଖିଳ ଭାରତୀୟ 'ଅପେରା' କାର୍ଯ୍ୟକ୍ରମ ।

**ତା ୩୦-୧୦-୫୯ ରିଖ ଶୁକ୍ରବାର**

ସନ୍ଧ୍ୟା ଘ ୫-୩୦ ମିନିଟ, ରାତ୍ର ଘ ୭-୪୫ ମିନିଟ ଓ ରାତ୍ର ଘ ୯-୧୫ ମିନିଟରେ ମାର୍କଣ୍ଡେୟ ମହାପାତ୍ର (କଣ୍ଠ ସଂଗୀତ) । ରାତ୍ର ଘ ୮ ଟାରେ ସାହିତ୍ୟ-ସଂସଦ । ସକାଳ ଘ ୭-୪୫ ମିନିଟ, ମଧ୍ୟାହ୍ନ ଘ୧-୩୦ ମିନିଟ ଓ ରାତ୍ର ଘ ୮-୩୦ ମିନିଟରେ ଭୁବନେଶ୍ୱର ମିଶ୍ର (ବେହେଲା ବାଦନ) ଓ ରମାନନ୍ଦ କାନୁନ୍‌ଗୋ (ତବଲା ସହଯୋଗିତା) ।

**ତା ୩୧-୧୦-୫୯ ରିଖ ଶନିବାର**

ସକାଳ ଘ ୭-୪୫ ମିନିଟ, ସନ୍ଧ୍ୟା ଘ ୬-୧୦ ମିନିଟ ଓ ରାତ୍ର ଘ ୯-୧୫ ମିନିଟରେ ଅରୁଣ କୁମାର ମଜୁମଦାର (କଣ୍ଠ ସଂଗୀତ) । ରାତ୍ର ଘ ୭-୩୦ ମିନିଟରେ 'ପାରିଜାତ-ହରଣ' (ଓଡ଼ିଆ ନାଟକ କାର୍ଯ୍ୟକ୍ରମ) ।

# ମେଟ୍ରିକ ପ୍ରଣାଳୀ ଓଜନ ଓ ମାପ

୧୯୫୬ ମସିହା ଓଜନ ଓ ମାପ ଆଇନର ୧ (୩) ଧାରା ଅନୁଯାୟୀ ଭାରତ ସରକାର ଭାରତର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଚଳିତ ବର୍ଷ ଅକ୍ଟୋବର ମାସଠାରୁ ମେଟ୍ରିକ ମାପ ଓ ଓଜନ ପ୍ରଣାଳୀ ଚାଲୁ କରୁଅଛନ୍ତି । ଗତ ବର୍ଷ ଠିକ୍ ଏହି ଅକ୍ଟୋବର ପହିଲାରୁ ଭାରତର କେତେ ଗୋଟି ମାତ୍ର ସହରରେ ଏହି ନୂଆ ଓଜନ ଓ ମାପ ପ୍ରବର୍ତ୍ତିତ ହୋଇଥିଲା । ଓଡ଼ିଶାରେ କେବଳ ବ୍ରହ୍ମପୁର, କଟକ ଓ ସମ୍ବଲପୁର ମ୍ୟୁନିସିପାଲିଟି ଅଞ୍ଚଳମାନଙ୍କରେ ପ୍ରଥମେ ମେଟ୍ରିକ ମାପ ଓ ଓଜନ ପ୍ରଣାଳୀ ପ୍ରଚଳିତ ହୋଇଅଛି । ମେଟ୍ରିକ ପଦ୍ଧତିରେ ମାପ ଓ ଓଜନ ପ୍ରଚଳନ କରିବା ଦିଗରେ ଏହା ହେଉଛି ପ୍ରଥମ ସୋପାନ । ଉକ୍ତ ଆଇନର ୧୪ (୧) ଧାରା ଅନୁଯାୟୀ ବର୍ତ୍ତମାନ ପ୍ରଚଳିତ ମାପ ଓ ଓଜନ ପଦ୍ଧତି ମେଟ୍ରିକ ପଦ୍ଧତି ସହ କୌଣସି ଅଞ୍ଚଳରେ ମେଟ୍ରିକ ପଦ୍ଧତି ଚାଲୁହେବା ଦିନଠାରୁ ୩ବର୍ଷ ପର୍ଯ୍ୟନ୍ତ ଚଳିବ; ୧୦ ବର୍ଷ ମଧ୍ୟରେ ଉକ୍ତ ମେଟ୍ରିକ ପଦ୍ଧତି ସମଗ୍ର ଦେଶରେ ପ୍ରଚଳିତ ହେବ ।

ଆମ ଦେଶରେ ପ୍ରାୟ ୧୪୩ ପ୍ରକାର ଓଜନ ବର୍ତ୍ତମାନ ଚାଲିଛି । ଓଡ଼ିଶାରେ କଟକୀ ଓ ବାଲେଶ୍ୱରୀ ମହଣ ପରି ସମଗ୍ର ଦେଶରେ ୧୦୦ ପ୍ରକାର ମହଣ ଓଜନ ଅଛି । ସେରକୁ ୮୦ ତୋଳା ବୋଲି ଠିକ୍ ହୋଇଥିଲେ ମଧ୍ୟ ଆଠ ତୋଳାଠାରୁ ୧୬୦ ତୋଳା ପର୍ଯ୍ୟନ୍ତ ସେରର ପ୍ରଚଳନ ହେଉଛି । ଆମ ଏଠାରେ ବିଭିନ୍ନ ଜିଲ୍ଲାରେ ବିଭିନ୍ନ ପ୍ରକାର ଓଜନ; ଯଥା:—ବାଲେଶ୍ୱରୀ (ସେ ୧ =ତୋ ୮୦ ଲା), କଟକୀ (ସେ ୧ = ୧୦୫ ତୋଳା), ବିଶା, ପୁଲି, ପଡ଼ା, ବୋଡ଼ା, ଚାମ୍ଭି, ନଉତି ପ୍ରଭୃତି ଚାଲିଛି । ମାପ ମଧ୍ୟ ସେହିପରି । ଜମିର ମାପର ମାନ ଏକର, ଡେସିମିଲ ହୋଇଥିଲେ ମଧ୍ୟ ଅଧିକାଂଶ ଅଞ୍ଚଳରେ ଜମିମାପ ୨୪ ଦସ୍ତି, ୧୪ ଦସ୍ତି ଓ ୧୨ ଦସ୍ତି ପଦିକା, ବାଟି, ମାଣ, ଗୁଣ୍ଠ ଆଦି ସାହାଯ୍ୟରେ ଚାଲିଛି ।


ଏତେପ୍ରକାର ଓଜନ ଓ ମାପ ଚଳିବାଦ୍ୱାରା ନିତିଦିନିଆ କାରବାର, ବାଣିଜ୍ୟ-ବ୍ୟବସାୟରେ ନାନା ଅସୁବିଧା ଜାତ ହେଉଛି ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ବ୍ୟବସାୟ-ବାଣିଜ୍ୟରେ ମଧ୍ୟ ନାନା ସମସ୍ୟା ଉପସ୍ଥିତ ହେଉଛି; କାରଣ ଆମ ଦେଶର ବାଣିଜ୍ୟ-ବ୍ୟବସାୟ ପୃଥିବୀର ବିଭିନ୍ନ ଦେଶବିଦେଶ ସଙ୍ଗେ ଚାଲୁଛି । ତେଣୁ ଏତେପ୍ରକାର ଓଜନ ଓ ମାପ ଚାଲିବା ଅପେକ୍ଷା ଗୋଟିଏ ପ୍ରକାର ଚଳାଇବା ନିହାତି ଆବଶ୍ୟକ ବୋଲି ସରକାର ସ୍ଥିର କରିଛନ୍ତି ।


ହିସାବକିତାବ ପାଇଁ ମେଟ୍ରିକ ପ୍ରଣାଳୀ ନିତାନ୍ତ ସହଜ ଓ ସରଳ ହୋଇଥିବା ହେତୁ ଏହା ପୃଥିବୀର ଅଧିକାଂଶ ଦେଶରେ ପ୍ରଚଳିତ ହେଉଛି । ଆମର ଦୈନନ୍ଦିନ କାରବାର ପାଇଁ ମେଟ୍ରିକ ଓଜନ ଓ

ମାପକୁ ୫ ଭାଗରେ ବିଭକ୍ତ କରାଯାଇଛି; ଯଥା :—ଲମ୍ବ ମାପିବା ପାଇଁ "ମିଟର"; କ୍ଷେତ୍ରଫଳ ମାପପାଇଁ ବର୍ଗମିଟର; ଭୂଷା ଓ ତେଜସ୍ୱତ ମାପିବାପାଇଁ କିଲୋ ଗ୍ରାମ୍, ଘନମାଣ (Volume) ପାଇଁ "ଘନମିଟର" ଏବଂ ଧାରଣ ଶକ୍ତି (Capacity) ପାଇଁ "ଲିଟର" ବ୍ୟବହାର କରାଯାଇଛି । ମିଟର, ଲିଟର, ଗ୍ରାମ୍ ପ୍ରଭୃତି ପ୍ରତ୍ୟେକ ଶବ୍ଦକୁ ଏକକ ବୋଲି ଧରାଯାଇଅଛି । ଉକ୍ତ ଏକକ ସଂଖ୍ୟାର ଦଶଗୁଣକୁ 'ଡେକା', ୧୦୦ ଗୁଣକୁ 'ହେକ୍ଟୋ' ଏବଂ ୧୦୦୦ ଗୁଣକୁ 'କିଲୋ' ବୁଝାଯାଏ । ଆଉ ମଧ୍ୟ ଏହାର ଦଶଭାଗକୁ 'ଡେସି', ୧୦୦ ଭାଗକୁ 'ସେଣ୍ଟି' ଏବଂ ୧୦୦୦ ଭାଗକୁ 'ମିଲି' ବୋଲି ଧରାଯାଇଛି । ମୋଟ ଉପରେ ନୂତନ ଓଜନ ଓ ମାପ ୫ ପ୍ରକାର ଓ ତାହା ୭ ଭାଗରେ ବିଭକ୍ତ ।


କେନ୍ଦ୍ର ସରକାର ଯେତେବେଳେ ନୂଆ ପଇସା ଚଳୁ କରିବାପାଇଁ ସ୍ଥିର କଲେ, ସେତେବେଳେ ମଧ୍ୟ ନାନାପ୍ରକାର ମତ ପ୍ରକାଶ ପାଇଥିଲା ଓ ଲୋକେ ମହାଅସୁବିଧାର ସମ୍ମୁଖୀନ ହେବେ ବୋଲି ଆଶଙ୍କା କରୁଥିଲେ । ନୂଆ ପଇସା ବଜାରରେ ଚଳୁହେବା ପରେ ପ୍ରଥମେ ପ୍ରଥମେ ଅଡୁଆ ଲାଗିଲେ ମଧ୍ୟ ଲୋକେ ନୂଆ ପଇସା କାରବାରରେ ଅଭ୍ୟସ୍ତ ହୋଇଗଲେ । ବର୍ତ୍ତମାନ ନୂଆ ଓଜନ ଓ ମାପ ବସୁଛି ସେକ୍ଷେତ୍ରରେ ଆମର ପ୍ରଚଳିତ ମହଣ, ସେର, ଛଟାକି, ଗଜ, ଫୁଟ ହିସାବରେ କେତେ କେତେ ହେବ, ଏକଥା ପ୍ରଥମେ ବୁଝିଗଲେ ତାହାକୁ ଅସୁବିଧାରେ ପଡ଼ିବାକୁ ହେବ ନାହିଁ । ବର୍ତ୍ତମାନ ନୂଆ ପଇସାର ହିସାବରେ ଦେଣନେଣ ତାଲିକା ପ୍ରତ୍ୟେକେ ଯେପରି ନିଜ ନିଜ ପାଖରେ ରଖି କାରବାର କରୁଛନ୍ତି, ଠିକ୍ ସେହିପରି ଓଜନର ଗୋଟିଏ ତାଲିକା ପାଖରେ ରଖିଲେ ଭଲ ହେବ ଓ କାରବାର କରିଗଲେ ତାହା ଧୀରେ ଧୀରେ ମନେ ରହିଯିବ । ନୂତନ ମାପ ଅନୁସାରେ ଜିନିଷପତ୍ରରେ ଦରଦାମ ବୃଦ୍ଧି କିମ୍ବା ହ୍ରାସ ଘଟିବାର କୌଣସି ଆଶଙ୍କା ନାହିଁ । ଉଭୟ ପ୍ରଣାଳୀର ଓଜନ ମଧ୍ୟରେ ଥିବା ସମ୍ପର୍କ ଜନସାଧାରଣ ଜାଣିବା ଆବଶ୍ୟକ । ବର୍ତ୍ତମାନ ଚଳୁଥିବା ମାପ ଓ ଓଜନ ଏବଂ ମେଟ୍ରିକ ପ୍ରଣାଳୀର ସମ୍ବନ୍ଧ ତାଲିକା ଆଗ ପର ପୃଷ୍ଠାରେ ଦିଆଗଲା ।

## ମେଟ୍ରିକ୍ ଓଜନ ଓ ମାପ ପ୍ରଣାଳୀ





ମେଟ୍ରିକ୍ ଓଜନ ପାଇଁ ଭିନ୍ନ ଭିନ୍ନ ବଟକରା



ବେପାର-ବଣିଜ ପାଇଁ ପିତଳ ବଟକରା

# ଉତ୍କଳ ପ୍ରସଙ୍ଗ

୧ । ଓଜନ:—

୧୦ ଗ୍ରାମ୍ = ୧ ଡେକା ଗ୍ରାମ୍
୧୦ ଡେକା ଗ୍ରାମ୍ = ୧ ହେକ୍ଟୋ ଗ୍ରାମ୍
୧୦ ହେକ୍ଟୋ ଗ୍ରାମ୍ = ୧ କିଲୋ ଗ୍ରାମ୍ (=୧୦୦୦ ଗ୍ରାମ୍)
୧୦ କିଲୋ ଗ୍ରାମ୍ = ୧ ମେଇରୋ ଗ୍ରାମ୍
୧୦ ମେଇରୋ ଗ୍ରାମ୍ = ୧ କ୍ୱିଣ୍ଟାଲ୍ (=୧୦୦ କିଲୋ ଗ୍ରାମ୍)
୧୦ କ୍ୱିଣ୍ଟାଲ୍ = ୧ ମେଟ୍ରିକ୍ ଟନ୍ (=୧୦୦୦ କିଲୋ ଗ୍ରାମ୍)

୨ । ମାପ (ଲମ୍ବ) :—

୧୦ ମିଲି ମିଟର୍ = ୧ ସେଣ୍ଟି ମିଟର୍
୧୦ ସେଣ୍ଟି ମିଟର୍ = ୧ ଡେସି ମିଟର୍
୧୦ ଡେସି ମିଟର୍ = ୧ ମିଟର୍ (=୧୦୦ ସେଣ୍ଟି ମିଟର୍)
୧୦ ମିଟର୍ = ୧ ଡେକା ମିଟର୍
୧୦ ଡେକା ମିଟର୍ = ୧ ହେକ୍ଟୋ ମିଟର୍
୧୦ ହେକ୍ଟୋ ମିଟର୍ = ୧ କିଲୋ ମିଟର୍ ( =୧୦୦୦ ମିଟର୍ )

୩ । କ୍ଷେତ୍ରଫଳ :—

୧୦୦ ବର୍ଗ ମିଲି ମିଟର୍ = ୧ ବର୍ଗ ସେଣ୍ଟି ମିଟର୍
୧୦୦ ବର୍ଗ ସେଣ୍ଟି ମିଟର୍ = ୧ ବର୍ଗ ଡେସି ମିଟର୍
୧୦୦ ବର୍ଗ ଡେସି ମିଟର୍ = ୧ ବର୍ଗ ମିଟର୍
( =୧୦,୦୦୦ ବର୍ଗ ସେଣ୍ଟି ମିଟର୍ )
୧୦୦ ବର୍ଗ ମିଟର୍ = ୧ ଏର୍ ବା ୧ ବର୍ଗ ଡେକା ମିଟର୍
୧୦୦ ଏର୍ = ୧ ହେକ୍ଟୋ ଏର୍ ବା ୧ ବର୍ଗ ହେକ୍ଟୋ ମିଟର୍
(=୧୦,୦୦୦ ବର୍ଗ ମିଟର୍)
୧୦୦ ହେକ୍ଟୋ ଏର୍ = ୧ ବର୍ଗ କିଲୋ ମିଟର୍

୪ । ପରିମାଣ :—

୧୦ ମିଲି ମିଟର୍ = ୧ ସେଣ୍ଟି ଲିଟର୍
୧୦ ସେଣ୍ଟି ଲିଟର୍ = ୧ ଡେସି ଲିଟର୍
୧୦ ଡେସି ଲିଟର୍ = ୧ ଲିଟର୍ (=୧୦୦୦ ମିଲି ଲିଟର୍)
୧୦ ଲିଟର୍ = ୧ ଡେକା ଲିଟର୍
୧୦ ଡେକା ଲିଟର୍ = ୧ ହେକ୍ଟୋ ଲିଟର୍
୧୦ ହେକ୍ଟୋ ଲିଟର୍ = ୧ କିଲୋ ଲିଟର୍ (=୧୦୦୦ ଲିଟର୍)

**୫ । ମେଟ୍ରିକ୍ ଓଜନ ସେଟ୍ :—**

( ଲୁହା ବଟକରା ସେଟ୍ )

| | |
|---|---|
| ୫୦ | କଲୋ ଗ୍ରାମ୍ |
| ୨୦ | ,, |
| ୧୦ | ,, |
| ୫ | ,, |
| ୨ | ,, |
| ୧ | ,, |
| ୫୦୦ | ଗ୍ରାମ୍ |
| ୨୦୦ | ,, |
| ୧୦୦ | ,, |

( ପିତଳ ଏବଂ ବ୍ରଞ୍ଜ ବଟକରା ସେଟ୍ )

| | |
|---|---|
| ୨୦ | କଲୋ ଗ୍ରାମ୍ |
| ୧୦ | ,, |
| ୫ | ,, |
| ୨ | ,, |
| ୧ | ,, |
| ୫୦୦ | ଗ୍ରାମ୍ |
| ୨୦୦ | ,, |
| ୧୦୦ | ,, |
| ୫୦ | ,, |
| ୨୦ | ,, |
| ୧୦ | ,, |
| ୫ | ,, |
| ୨ | ,, |
| ୧ | |

**ମିଲି ଗ୍ରାମ୍ ସେଟ୍** ( Sheet Metal Weights )

୫୦୦
୨୦୦
୧୦୦
୫୦
୨୦
୧୦
୫
୨
୧

# ବିନିମୟ ତାଲିକା

## ଭୁଷାମାଲ ଓ ତେଜରତି ପାଇଁ

| (ମେଟ୍ରିକ ଓଜନ) | (ବାଲେଶ୍ୱରୀ ଓଜନ) | (ପାଉଣ୍ଡ ଓଜନ) |
|---|---|---|
| ୫୦ କଲେ ଗ୍ରାମ୍ | ସେ ୫୩।୫୭ ତୋଲା | ୧୧୦ ପାଉଣ୍ଡ ୪ ଆଉନ୍ସ |
| ୨୦ କଲେ ଗ୍ରାମ୍ | ସେ ୨୧।୩୫ ତୋଲା | ୪୪ ,, ୧ ,, |
| ୧୦ କଲେ ଗ୍ରାମ୍ | ସେ ୧୦।୫୭ ତୋଲା | ୨୨ ,, ୧ ,, |
| ୫ କଲେ ଗ୍ରାମ୍ | ସେ ୫।୨୯ ତୋଲା | ୧୧ ,, — ,, |
| ୨ କଲେ ଗ୍ରାମ୍ | ସେ ୨।୧୧ ତୋଲା | ୪ ,, ୭ ,, |
| ୧ କଲେ ଗ୍ରାମ୍ ବା ୧୦୦୦ ଗ୍ରାମ୍ | ସେ ୧।୭ ତୋଲା | ୨ ,, ୩ ,, |
| ୫୦୦ ଗ୍ରାମ୍ | ସେ ୦।୪୩ ତୋଲା | ୧ ,, ୧½ ,, |
| ୨୦୦ ଗ୍ରାମ୍ | ସେ ୦।୧୭ ତୋଲା | — ୭ ,, |
| ୧୦୦ ଗ୍ରାମ୍ | ସେ ୦।୮½ ତୋଲା | — ୩½ ,, |

---

ବାଲେଶ୍ୱରୀ ୧ ମହଣ= ୩୭.୨୩ କଲେ ଗ୍ରାମ୍ ୧ କ୍ୱାଟ=୫୦.୮୦ କଲେ ଗ୍ରାମ୍

ବାଲେଶ୍ୱରୀ ୧ ସେର= ୯୩୩ ଗ୍ରାମ୍ ୧ ପାଉଣ୍ଡ=୪୫୪ ଗ୍ରାମ୍

୧ କ୍ୱିଣ୍ଟାଲ୍=୧୦୦ କଲେ ଗ୍ରାମ୍=ମ ୨।୭ ସେର=୨୨୦ ପାଉଣ୍ଡ ୭ ଆଉନ୍ସ

୧୦ କ୍ୱିଣ୍ଟାଲ୍=୧ ମେଟ୍ରିକ୍ ଟନ୍=ମ ୨୬।୩୨ ସେର=୨୨୦୪ ପାଉଣ୍ଡ ୧୦ ଆଉନ୍ସ

## ସୁନାରୁପା କାରବାର ପାଇଁ

| (ମେଟ୍ରିକ୍ ଓଜନ) | | (ପ୍ରଚଳିତ ଓଜନ) | | | |
|---|---|---|---|---|---|
| ୨୦ କଲେ ଗ୍ରାମ୍ | = | ୧୭୧୫ ଭରି | | | |
| ୧୦ କଲେ ଗ୍ରାମ୍ | = | ୮୫୭ ଭରି | | | |
| ୫ କଲେ ଗ୍ରାମ୍ | = | ୪୨୯ ଭରି | | | |
| ୨ କଲେ ଗ୍ରାମ୍ | = | ୧୭୧ ଭରି | | | |
| ୧ କଲେ ଗ୍ରାମ୍ | = | ୮୬ ଭରି | | | |
| ୫୦୦ ଗ୍ରାମ୍ | = | ୪୩ ଭରି | | | |
| ୨୦୦ ଗ୍ରାମ୍ | = | ୧୭ ଭରି | | | |
| ୧୦୦ ଗ୍ରାମ୍ | = | ୮ ଭରି | ୫ ମଶା | | |
| ୫୦ ଗ୍ରାମ୍ | = | ୪ ଭରି | ୩ ମଶା | | |
| ୨୦ ଗ୍ରାମ୍ | = | ୧ ଭରି | ୭ ମଶା | ୧ ରତି | |
| ୧୦ ଗ୍ରାମ୍ | = | — | ୮ ମଶା | ୪ ରତି | ୨ ଧାନ |
| ୫ ଗ୍ରାମ୍ | = | — | ୪ ମଶା | ୨ ରତି | ୧ ଧାନ |
| ୨ ଗ୍ରାମ୍ | = | — | ୧ ମଶା | ୫ ରତି | ୩ ଧାନ |
| ୧ ଗ୍ରାମ୍ | = | — | — | ୭ ରତି | ୩ ଧାନ |

୧୦୦ ଭରି=୧୧୬୬.୪ ଗ୍ରାମ୍ ୧ ଭରି=୧୧.୬୬ ଗ୍ରାମ୍

# ବିନିମୟ ତାଲିକା

## ( ମେଟ୍ରିକ୍ ଓଜନ ଓ ବର୍ତ୍ତମାନ ପ୍ରଚଳିତ ଓଜନ )

( ବାଲେଶ୍ୱର ଓଜନ ) ( ନିକଟତମ ପୂର୍ଣ୍ଣ ସଂଖ୍ୟା )

| ଛଟାଙ୍କି | ଗ୍ରାମ୍ |
|---|---|
| ୧ | ୫୮ |
| ୨ | ୧୧୭ |
| ୩ | ୧୭୫ |
| ୪ | ୨୩୩ |
| ୫ | ୨୯୨ |
| ୬ | ୩୫୦ |
| ୭ | ୪୦୮ |
| ୮ | ୪୬୭ |
| ୯ | ୫୨୫ |
| ୧୦ | ୫୮୩ |
| ୧୧ | ୬୪୨ |
| ୧୨ | ୭୦୦ |
| ୧୩ | ୭୫୮ |
| ୧୪ | ୮୧୬ |
| ୧୫ | ୮୭୫ |

( ବାଲେଶ୍ୱର ଓଜନ ) ( ନିକଟତମ ୧୦ ଗ୍ରାମ୍ ପର୍ଯ୍ୟନ୍ତ )

| ସେର | କିଲୋ ଗ୍ରାମ୍ | ଗ୍ରାମ୍ |
|---|---|---|
| ୧ | — | ୯୩୦ |
| ୨ | ୧ | ୮୬୦ |
| ୩ | ୨ | ୮୦୦ |
| ୪ | ୩ | ୭୩୦ |
| ୫ | ୪ | ୬୬୦ |
| ୬ | ୫ | ୬୦୦ |
| ୭ | ୬ | ୫୩୦ |
| ୮ | ୭ | ୪୬୦ |
| ୯ | ୮ | ୪୦୦ |
| ୧୦ | ୯ | ୩୩୦ |
| ୧୧ | ୧୦ | ୨୬୦ |

( ବାଲେଶ୍ୱର ଓଜନ ) ( କିଲୋଗ୍ରାମ ୧୦ ଗ୍ରାମ୍ ପର୍ଯ୍ୟନ୍ତ )

| ସେର | କିଲୋ ଗ୍ରାମ୍ | ଗ୍ରାମ୍ |
|---|---|---|
| ୧୨ | ୧୧ | ୨୦୦ |
| ୧୩ | ୧୨ | ୧୩୦ |
| ୧୪ | ୧୩ | ୬୦ |
| ୧୫ | ୧୪ | — |
| ୧୬ | ୧୪ | ୯୩୦ |
| ୧୭ | ୧୫ | ୮୬୦ |
| ୧୮ | ୧୬ | ୮୦୦ |
| ୧୯ | ୧୭ | ୭୩୦ |
| ୨୦ | ୧୮ | ୬୬୦ |
| ୨୧ | ୧୯ | ୬୦୦ |
| ୨୨ | ୨୦ | ୫୩୦ |
| ୨୩ | ୨୧ | ୪୬୦ |
| ୨୪ | ୨୨ | ୩୯୦ |
| ୨୫ | ୨୩ | ୩୩୦ |
| ୨୬ | ୨୪ | ୨୬୦ |
| ୨୭ | ୨୫ | ୧୯୦ |
| ୨୮ | ୨୬ | ୧୩୦ |
| ୨୯ | ୨୭ | ୬୦ |
| ୩୦ | ୨୭ | ୯୯୦ |
| ୩୧ | ୨୮ | ୯୩୦ |
| ୩୨ | ୨୯ | ୮୬୦ |
| ୩୩ | ୩୦ | ୭୯୦ |
| ୩୪ | ୩୧ | ୭୨୦ |
| ୩୫ | ୩୨ | ୬୬୦ |
| ୩୬ | ୩୩ | ୫୯୦ |
| ୩୭ | ୩୪ | ୫୨୦ |
| ୩୮ | ୩୫ | ୪୬୦ |
| ୩୯ | ୩୬ | ୩୯୦ |

ବି: ଦ୍ର: ୧ ସେର=୯୩୦ ଗ୍ରାମ୍, ୨ ସେର=୧ କିଲୋ ଗ୍ରାମ୍ ଏବଂ ୮୬୦ ଗ୍ରାମ୍; ତଦନୁସାରେ ପ୍ରତ୍ୟେକ ସେରର ମୂଲ୍ୟ କିଲୋ ଗ୍ରାମ୍ ଓ ଗ୍ରାମ୍‌ରେ ଦିଆଯାଇଛି ।

୮

| ( ବାଲେଣ୍ଟସ୍ ଓଜନ )<br>ମହଣ | ( କିଲୋଗ୍ରାମ୍ କିଲୋ ଗ୍ରାମ୍ ପର୍ଯ୍ୟନ୍ତ )<br>କିଲୋ ଗ୍ରାମ୍ |
|---|---|
| ୧ | ୩୭ |
| ୨ | ୭୫ |
| ୩ | ୧୧୨ |
| ୪ | ୧୪୯ |
| ୫ | ୧୮୭ |
| ୬ | ୨୨୪ |
| ୭ | ୨୬୧ |
| ୮ | ୨୯୯ |
| ୯ | ୩୩୬ |
| ୧୦ | ୩୭୩ |
| ୧୧ | ୪୧୧ |
| ୧୨ | ୪୪୮ |
| ୧୩ | ୪୮୫ |
| ୧୪ | ୫୨୩ |
| ୧୫ | ୫୬୦ |
| ୧୬ | ୫୯୭ |
| ୧୭ | ୬୩୫ |
| ୧୮ | ୬୭୨ |
| ୧୯ | ୭୦୯ |
| ୨୦ | ୭୪୬ |

---

## ବିନିମୟ ତାଲିକା

**ଲମ୍ବ**

(କ) ୧ କିଲୋ ମିଟର୍ = ୦.୬୨ ମାଇଲ୍
୧ ମିଟର୍ = ୧.୦୯ ଗଜ
୧ ସେଣ୍ଟି ମିଟର୍ = .୩୯ ଇଞ୍ଚ
୧ ମିଲ ମିଟର୍ = .୦୪ ଇଞ୍ଚ

(ଖ) ୧ ମାଇଲ୍ = ୧.୬୧ କିଲୋ ମିଟର୍
୧୦ ମାଇଲ୍ = ୧୬.୦୯ କିଲୋ ମିଟର୍
୧ ଗଜ = .୯୧ ମିଟର୍
୧୦ ଗଜ = ୯.୧୪ ମିଟର୍

୧ ଇଞ୍ଚ = ୨.୫୪ ସେଣ୍ଟିମିଟର (= ୨୫.୪୦ ମିଲିମିଟର)
୧୦ ଇଞ୍ଚ = ୨୫.୪୦ ସେଣ୍ଟିମିଟର (= ୨୫୪ ମିଲିମିଟର)

**ଜମି-ମାପ**

(କ) ୧ ହେକ୍ଟର = ୨.୪୭ ଏକର = ୨ ଏକର ୧୧ ଗୁଣ୍ଠ ୧୨ ବିଶ୍ୱା (୨୪ ଦଣ୍ଡି ପଦ୍ଧତି)
ବା ୨ ଏକର ୪୭ ଡେସିମିଲ
୧ ଏର୍ = ୦.୦୨୫ ଏକର = ୧୦ ବିଶ୍ୱା

(ଖ) ୧ ଏକର = ୦.୪୦ ହେକ୍ଟ ଏର୍
୧୦ ଏକର = ୪.୦୫ ହେକ୍ଟ ଏର୍
୨.୫ ଡେସିମିଲ = ୧ ଏର୍

**ଘନମାଣ ଓ ଧାରଣ ଶକ୍ତି**

(କ) ଘନମାଣ—(Volume)
୧ ଘନ ମିଟର = ୧.୩୧ ଘନ ଗଜ
୧ ଘନ ଗଜ = ୦.୭୬ ଘନ ମିଟର

(ଖ) ଧାରଣ ଶକ୍ତି— (Capacity)
୧ ଲିଟର = ୦.୨୨ ଇମ୍ପିରିୟାଲ ଗ୍ୟାଲନ୍
୧ ଇମ୍ପିରିୟାଲ ଗ୍ୟାଲନ୍ = ୪.୫୫ ଲିଟର

# ବିନିମୟ ତାଲିକା

ନିମ୍ନଲିଖିତ ତାଲିକା ଗୁଡ଼ିକରେ ବାଁପଟରୁ ଡାହାଣକୁ ଦିଆଯାଇଥିବା ସ୍ତମ୍ଭ ୧୦ରୁ ୯ ପର୍ଯ୍ୟନ୍ତ ମୂଲ୍ୟ ଏବଂ ଉପରୁ ତଳକୁ ଦିଆଯାଇଥିବା ସ୍ତମ୍ଭରେ ୧୦, ୨୦, ୩୦, ୪୦, ୫୦, ୬୦, ୭୦, ୮୦, ୯୦ ଓ ୧୦୦ ପର୍ଯ୍ୟନ୍ତ ମୂଲ୍ୟ ଦିଆଯାଇଛି । ଉକ୍ତ ଯାହା ଦିଆଯାଇଥିବ, ତାହା ପାଇବା ପାଇଁ ଉକ୍ତ ଦୁଇ ପ୍ରକାର ସ୍ତମ୍ଭରେ ଥିବା ଅଙ୍କକୁ ମିଶାଇବାକୁ ହେବ । ଅର୍ଥାତ ଦୁଇ ଅଙ୍କବିଶିଷ୍ଟ ସଂଖ୍ୟାର ଏକକ ସ୍ଥାନସ୍ଥ ଅଙ୍କ ଗୁଡ଼ିକ ତାଲିକାର ସବା ଉପର ଧାଡ଼ିକୁ ଓ ଦଶକ ସ୍ଥାନସ୍ଥ ଅଙ୍କ ତାଲିକାର ବାମପାଖ ସ୍ତମ୍ଭରୁ ମିଳିବ । ଉଭୟ ଅଙ୍କ ସୂଚିତ ଧାଡ଼ି ଯେଉଁଠାରେ ମିଳନ୍ତି, ତାହାହିଁ ମେଟ୍ରିକ୍ ମୂଲ୍ୟ ।

## (କ) ତାଲିକା

( ବ୍ୟବହୃତ ଉତ୍ପାଦକ ୧ କିଲୋ ଗ୍ରାମ୍ = ୧.୦୭୧୭ ସେର )

ସେର ପ୍ରତି ଟଙ୍କା ହିସାବରେ ମୂଲ୍ୟରୁ କିଲୋ ଗ୍ରାମ୍ ପ୍ରତି ଟଙ୍କା ହିସାବରେ ମୂଲ୍ୟ

| | ୦ | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|---|---|
| ଟଙ୍କା/ସେର | ଟଙ୍କା/କି.ଗ୍ରା | ଟଙ୍କା/କି.ଗ୍ରା | ଟଙ୍କା/କି.ଗ୍ରା | ଟଙ୍କା/କି.ଗ୍ରା | ଟଙ୍କା/କି.ଗ୍ରା | ଟଙ୍କା/କି.ଗ୍ରା | ଟଙ୍କା/କି.ଗ୍ରା | ଟଙ୍କା/କି.ଗ୍ରା | ଟଙ୍କା/କି.ଗ୍ରା | ଟଙ୍କା/କି.ଗ୍ରା |
| | ୦ | ୧.୦୭ | ୨.୧୪ | ୩.୨୨ | ୪.୨୯ | ୫.୩୬ | ୬.୪୩ | ୭.୫୦ | ୮.୫୭ | ୯.୬୫ |
| ୧୦ | ୧୦.୭୨ | ୧୧.୭୯ | ୧୨.୮୬ | ୧୩.୯୩ | ୧୫.୦୦ | ୧୬.୦୮ | ୧୭.୧୫ | ୧୮.୨୨ | ୧୯.୨୯ | ୨୦.୩୬ |
| ୨୦ | ୨୧.୪୩ | ୨୨.୫୧ | ୨୩.୫୮ | ୨୪.୬୫ | ୨୫.୭୨ | ୨୬.୭୯ | ୨୭.୮୬ | ୨୮.୯୪ | ୩୦.୦୧ | ୩୦.୦୮ |
| ୩୦ | ୩୨.୧୫ | ୩୩.୨୨ | ୩୪.୨୯ | ୩୫.୩୬ | ୩୬.୪୪ | ୩୭.୫୧ | ୩୮.୫୮ | ୩୯.୬୫ | ୪୦.୭୨ | ୪୧.୮୦ |
| ୪୦ | ୪୨.୮୭ | ୪୩.୯୪ | ୪୫.୦୧ | ୪୬.୦୮ | ୪୭.୧୫ | ୪୮.୨୩ | ୪୯.୩୦ | ୫୦.୩୭ | ୫୧.୪୪ | ୫୨.୫୧ |
| ୫୦ | ୫୩.୫୮ | | | | | | | | | |

## (ଖ) ତାଲିକା

ବ୍ୟବହୃତ ଗୁଣାଙ୍କ ୧ କିଲୋ ଗ୍ରାମ୍=୧.୦୭୧୭ ସେର

ସେରପ୍ରତି ନୂଆ ପଇସା ମୂଲ୍ୟକୁ କିଲୋ ଗ୍ରାମ୍ ପ୍ରତି ନୂଆ ପଇସା ମୂଲ୍ୟରେ ପରିବର୍ତ୍ତନ

| | ୦ | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|---|---|
| ନ.ପ/ସେର | ନ.ପ/କି.ଗ୍ରା | ନ.ପ/କି.ଗ୍ରା | ନ.ପ/କି.ଗ୍ରା | ନ.ପ/କି.ଗ୍ରା | ନ.ପ/କି.ଗ୍ରା | ନ.ପ/କି.ଗ୍ରା | ନ.ପ/କି.ଗ୍ରା | ନ.ପ/କି.ଗ୍ରା | ନ.ପ/କି.ଗ୍ରା | ନ.ପ/କି.ଗ୍ରା |
| ୦ | ୦ | ୧ | ୨ | ୩ | ୪ | ୫ | ୬ | ୭ | ୯ | ୧୦ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୦ | ୨୧ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |
| ୩୦ | ୩୨ | ୩୩ | ୩୪ | ୩୫ | ୩୬ | ୩୮ | ୩୯ | ୪୦ | ୪୧ | ୪୨ |
| ୪୦ | ୪୩ | ୪୪ | ୪୫ | ୪୬ | ୪୭ | ୪୮ | ୪୯ | ୫୦ | ୫୧ | ୫୩ |
| ୫୦ | ୫୪ | ୫୫ | ୫୬ | ୫୭ | ୫୮ | ୫୯ | ୬୦ | ୬୧ | ୬୨ | ୬୩ |
| ୬୦ | ୬୪ | ୬୫ | ୬୬ | ୬୮ | ୬୯ | ୭୦ | ୭୧ | ୭୨ | ୭୩ | ୭୪ |
| ୭୦ | ୭୫ | ୭୬ | ୭୭ | ୭୮ | ୭୯ | ୮୦ | ୮୧ | ୮୨ | ୮୩ | ୮୪ |
| ୮୦ | ୮୬ | ୮୭ | ୮୮ | ୮୯ | ୯୦ | ୯୧ | ୯୨ | ୯୩ | ୯୪ | ୯୫ |
| ୯୦ | ୯୬ | ୯୮ | ୯୯ | ୧୦୦ | ୧୦୧ | ୧୦୨ | ୧୦୩ | ୧୦୪ | ୧୦୫ | ୧୦୬ |
| ୧୦୦ | ୧୦୭ | | | | | | | | | |

## (ଗ) ତାଲିକା

[ ବ୍ୟବହୃତ ଅନୁପାତ:—୫୦ କେଜି ଗ୍ରାମ୍ = ୧.୩୩୯୫୨ ମହଣ ]

ମହଣ ପ୍ରତି ଟଙ୍କା ହିସାବରେ ମୂଲ୍ୟରୁ ୫୦ କେଜି ଗ୍ରାମ୍ ପ୍ରତି ଟଙ୍କା ହିସାବରେ ମୂଲ୍ୟ ନିର୍ଣ୍ଣୟ

| | ୦ | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|---|---|
| ଟ:/ମ: | ଟ:/୫୦କେ:ଗ୍ରା: | ଟ:/୫୦କେ:ଗ୍ରା: | ଟ:/୫୦କେ:ଗ୍ରା: | ଟ:/୫୦କେ:ଗ୍ରା: | ଟ:/୫୦କେ:ଗ୍ରା: | ଟ:/୫୦କେ:ଗ୍ରା: | ଟ:/୫୦କେ:ଗ୍ରା: | ଟ:/୫୦କେ:ଗ୍ରା: | ଟ:/୫୦କେ:ଗ୍ରା: | ଟ:/୫୦କେ:ଗ୍ରା: |
| | ୦ | ୧.୩୪ | ୨.୬୮ | ୪.୦୨ | ୫.୩୬ | ୬.୭୦ | ୮.୦୪ | ୯.୩୮ | ୧୦.୭୨ | ୧୨.୦୬ |
| ୧୦ | ୧୩.୪୦ | ୧୪.୭୪ | ୧୬.୦୮ | ୧୭.୪୨ | ୧୮.୭୬ | ୨୦.୧୦ | ୨୧.୪୩ | ୨୨.୭୭ | ୨୪.୧୧ | ୨୫.୪୫ |
| ୨୦ | ୨୬.୭୯ | ୨୮.୧୩ | ୨୯.୪୭ | ୩୦.୮୧ | ୩୨.୧୫ | ୩୩.୪୯ | ୩୪.୮୩ | ୩୬.୧୭ | ୩୭.୫୧ | ୩୮.୮୫ |
| ୩୦ | ୪୦.୧୯ | ୪୧.୫୩ | ୪୨.୮୭ | ୪୪.୨୧ | ୪୫.୫୫ | ୪୬.୮୯ | ୪୮.୨୩ | ୪୯.୫୭ | ୫୦.୯୧ | ୫୨.୨୫ |
| ୪୦ | ୫୩.୫୮ | ୫୪.୯୨ | ୫୬.୨୬ | ୫୭.୬୦ | ୫୮.୯୪ | ୬୦.୨୮ | ୬୧.୬୨ | ୬୨.୯୬ | ୬୪.୩୦ | ୬୫.୬୪ |
| ୫୦ | ୬୬.୯୮ | ୬୮.୩୨ | ୬୯.୬୬ | ୭୧.୦୦ | ୭୨.୩୪ | ୭୩.୬୮ | ୭୫.୦୨ | ୭୬.୩୬ | ୭୭.୭୦ | ୭୯.୦୪ |
| ୬୦ | ୮୦.୩୭ | ୮୧.୭୧ | ୮୩.୦୬ | ୮୪.୪୦ | ୮୫.୭୩ | ୮୭.୦୭ | ୮୮.୪୧ | ୮୯.୭୫ | ୯୧.୦୯ | ୯୨.୪୩ |
| ୭୦ | ୯୩.୭୭ | ୯୫.୧୧ | ୯୬.୪୫ | ୯୭.୭୯ | ୯୯.୧୩ | ୧୦୦.୪୭ | ୧୦୧.୮୧ | ୧୦୩.୧୫ | ୧୦୪.୪୯ | ୧୦୫.୮୩ |
| ୮୦ | ୧୦୭.୧୭ | ୧୦୮.୫୧ | ୧୦୯.୮୫ | ୧୧୧.୧୯ | ୧୧୨.୫୩ | ୧୧୩.୮୭ | ୧୧୫.୨୧ | ୧୧୬.୫୫ | ୧୧୭.୮୯ | ୧୧୯.୨୩ |
| ୯୦ | ୧୨୦.୫୭ | ୧୨୧.୯୦ | ୧୨୩.୨୪ | ୧୨୪.୫୮ | ୧୨୫.୯୨ | ୧୨୭.୨୬ | ୧୨୮.୬୦ | ୧୨୯.୯୪ | ୧୩୧.୨୮ | ୧୩୨.୬୨ |
| ୧୦୦ | ୧୩୩.୯୫ | | | | | | | | | |

# (ଘ) ତାଲିକା

(ବ୍ୟବହୃତ ଗୁଣକ ୫୦ କଲୋ ଗ୍ରାମ୍ =୧.୩୩୯୬୨ ମହଣ

ସେର ପ୍ରତି ନୂଆ ପଇସାରୁ ୫୦ କଲୋ ଗ୍ରାମ୍ ପ୍ରତି ନୂଆ ପଇସା ମୂଲ୍ୟ ନିର୍ଣ୍ଣୟ

| | ୦ | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|---|---|
| ନୂ.ପ/ମ | ନୂ.ପ/୫୦କ.ଗ୍ରା | ନୂ.ପ/୫୦କ.ଗ୍ରା | ନୂ.ପ/୫୦କ.ଗ୍ରା | ନୂ.ପ/୫୦କ.ଗ୍ରା | ନୂ.ପ/୫୦କ.ଗ୍ରା | ନୂ.ପ/୫୦କ.ଗ୍ରା | ନୂ.ପ/୫୦କ.ଗ୍ରା | ନୂ.ପ/୫୦କ.ଗ୍ରା | ନୂ.ପ/୫୦କ.ଗ୍ରା | ନୂ.ପ/୫୦କ.ଗ୍ରା |
| | ୦ | ୧ | ୩ | ୪ | ୫ | ୭ | ୮ | ୯ | ୧୧ | ୧୨ |
| ୧୦ | ୧୩ | ୧୫ | ୧୬ | ୧୭ | ୧୯ | ୨୦ | ୨୧ | ୨୩ | ୨୪ | ୨୫ |
| ୨୦ | ୨୭ | ୨୮ | ୨୯ | ୩୧ | ୩୨ | ୩୩ | ୩୫ | ୩୬ | ୩୭ | ୩୯ |
| ୩୦ | ୪୦ | ୪୨ | ୪୩ | ୪୪ | ୪୬ | ୪୭ | ୪୮ | ୫୦ | ୫୧ | ୫୨ |
| ୪୦ | ୫୪ | ୫୫ | ୫୬ | ୫୮ | ୫୯ | ୬୦ | ୬୨ | ୬୩ | ୬୫ | ୬୬ |
| ୫୦ | ୬୭ | ୬୮ | ୭୦ | ୭୧ | ୭୨ | ୭୪ | ୭୫ | ୭୬ | ୭୮ | ୭୯ |
| ୬୦ | ୮୦ | ୮୨ | ୮୩ | ୮୪ | ୮୬ | ୮୭ | ୮୮ | ୯୦ | ୯୧ | ୯୨ |
| ୭୦ | ୯୪ | ୯୫ | ୯୭ | ୯୮ | ୯୯ | ୧୦୦ | ୧୦୨ | ୧୦୩ | ୧୦୪ | ୧୦୬ |
| ୮୦ | ୧୦୭ | ୧୦୯ | ୧୧୦ | ୧୧୧ | ୧୧୩ | ୧୧୪ | ୧୧୫ | ୧୧୭ | ୧୧୮ | ୧୧୯ |
| ୯୦ | ୧୨୧ | ୧୨୨ | ୧୨୩ | ୧୨୫ | ୧୨୬ | ୧୨୭ | ୧୨୯ | ୧୩୦ | ୧୩୧ | ୧୩୩ |
| ୧୦୦ | ୧୩୪ | | | | | | | | | |

ଉପରୋକ୍ତ ବନମସ୍ତ ତାଲିକାଗୁଡ଼ିକରେ ସେର, ମହଣ, ଟନ୍‌ର ମୂଲ୍ୟ କିଲୋ ଗ୍ରାମ୍, ୫୦ କିଲୋ ଗ୍ରାମ୍ ଓ ମେଟ୍ରିକ ଟନ୍ ପ୍ରତି କେତେ ହେବ, ତାହା ଦିଆଯାଇଛି । ଦାମ୍ କଷିଲାବେଳେ ଭଗ୍ନାଂଶ ବାଦ ଦିଆଯାଇ ନିକଟତମ ପୂର୍ଣ୍ଣସଂଖ୍ୟାରେ ପ୍ରକାଶ କରାଯାଇଛି । ୧୯୫୫ ମସିହାର ଭାରତୀୟ ମୁଦ୍ରା ସଂଶୋଧନ ଆଇନର ୧୪ (୨) ଧାରାରେ ଏପରି ନିର୍ଦ୍ଦେଶ ଦିଆଯାଇଅଛି ।

ବନମସ୍ତ ତାଲିକା କିପରି ବ୍ୟବହାର କରିବାକୁ ହେବ:—

ତାଲିକାରେ ସେର, ମହଣ ଓ ଟନ୍‌ର ମୂଲ୍ୟ ଦିଆଯାଇଛି । ଏଗୁଡ଼ିକର ଉପଗୁଣନୀୟକ ବା ଉପସ୍ତର ମୂଲ୍ୟ ଦିଆଯାଇ ନାହିଁ । ତେଣୁ ବଜାର ଦର ସେର, ମହଣ ଓ ଟନ୍ ପ୍ରତି କେତେ ହେବ ତାହା ପ୍ରଥମେ ବାହାର କରିବାକୁ ହେବ ।

ଉଦାହରଣ:—

(୧) ଆଳୁ ସେର ପ୍ରତି ମୂଲ୍ୟ ୪୧ ନୂଆ ପଇସା, ଏକ କିଲୋ ଗ୍ରାମ୍ ମୂଲ୍ୟ କେତେ ?

'ଖ' ତାଲିକାର ଉଲମ୍ବ (ଉପରୁ ତଳକୁ ଟଣା ହୋଇଥିବା) ସ୍ତମ୍ଭର '୪୦' ପ୍ରତି ଦୃଷ୍ଟିପାତ କରନ୍ତୁ । ସେଠାରୁ ଭୂମି ସହିତ ସମାନ୍ତର ଭାବେ ପଡ଼ିଥିବା '୧' ଚିହ୍ନିତ ସଂଖ୍ୟା ତଳକୁ ମଧ୍ୟ ଦୃଷ୍ଟିପାତ କରନ୍ତୁ । ସେଠାରେ '୪୪' ଲେଖା ହୋଇଛି; ତେଣୁ ୧ କିଲୋ ଗ୍ରାମ୍ ଆଳୁର ମୂଲ୍ୟ ୪୪ ନୂଆ ପଇସା ।

(୨) ଘିଅ ସେର ଟ ୬·୫୫ ନୂଆ ପଇସା ଦର ହେଲେ କିଲୋ ଗ୍ରାମ୍ ପ୍ରତି କେତେ ଦର ହେବ ?

'କ' ତାଲିକାରୁ ଦେଖାଯିବ ଯେ ସେର ପ୍ରତି ଟ ୬୲ ହେଲେ କିଲୋ ଗ୍ରାମ୍‌କୁ ଟ ୬·୪୩ ନୂଆ ପଇସା ।

'ଖ' ତାଲିକାରୁ ଦେଖାଯିବ ଯେ ସେର ପ୍ରତି ୫୫ ନୂଆ ପଇସା ହେଲେ କିଲୋ ଗ୍ରାମ୍‌କୁ ଟ ୦.୫୯ ନୂଆ ପଇସା; ଅତଏବ କିଲୋ ଗ୍ରାମ୍ ପ୍ରତି ଦର ଟ ୭·୦୨ ନୂଆ ପଇସା ।

(୩) ଟଙ୍କାରେ ସେ ୨½ର ଅଟା ମିଳିଲେ ୧ କିଲୋ ଗ୍ରାମ୍ ଅଟାର ଦର କେତେ ?

୧ ଟଙ୍କାକୁ ସେ ୨½ର, ୧ ସେରକୁ ୪୦ ନୂଆ ପଇସା । 'ଖ' ତାଲିକାରୁ ଦେଖାଯିବ ଯେ ସେର ପ୍ରତି ୪୦ ନୂଆ ପଇସା ହେଲେ କିଲୋ ଗ୍ରାମ୍ ପ୍ରତି ୪୩ ନୂଆ ପଇସା ।

(୪) ଧାନ ମହଣକର ଦର ଟ ୩୫.୫୦ ନୂଆ ପଇସା ହେଲେ ୫୦ କିଲୋ ଗ୍ରାମ୍ ପ୍ରତି ଓ କ୍ୱିଣ୍ଟାଲ୍ ପ୍ରତି ଦର କେତେ ?

'ଗ' ଓ 'ଘ' ତାଲିକାରୁ ଦେଖାଯାଏ ଯେ ୫୦ କିଲୋ ଗ୍ରାମ୍ ପ୍ରତି ଦର ଟ ୪୭·୫୬ ନୂଆ ପଇସା । ୧ କ୍ୱିଣ୍ଟାଲ୍=୧୦୦ କିଲୋ ଗ୍ରାମ୍; ତେଣୁ କ୍ୱିଣ୍ଟାଲ୍ ପ୍ରତି ଦର=ଟ ୯୫.୧୨ ନୂଆ ପଇସା ।

# ଓଡ଼ିଶାର ବିଶିଷ୍ଟ ଗାୟକଗାୟିକାଙ୍କ

## ନୂତନ ସଙ୍ଗୀତ ଉପଭୋଗ କରନ୍ତୁ

### ଲୋକସମ୍ପର୍କ ବିଭାଗଦ୍ୱାରା ପ୍ରସ୍ତୁତ ରେକର୍ଡ଼ କିଣିବାର ଅପୂର୍ବ ସୁଯୋଗ

| | | | | |
|---|---|---|---|---|
| 1. Q. C. 1463 | ... | ନିଜ ଘର ନିଜେ | ... | ଶ୍ରୀ ଜମାଦ୍ଧିଚରଣ ହରିଚନ୍ଦନ |
| | | ଫୁଲ ବଉଳବେଣୀ | ... | ଶ୍ରୀ ଜମାଦ୍ଧିଚରଣ ହରିଚନ୍ଦନ |
| 2. Q. C. 1464 | ... | ଅଦବାଶୀ ଜଳ ରେ | ... | ଶ୍ରୀ ବାଳକୃଷ୍ଣ ଦାସ |
| | | ଟିକିଟିକି ସ୍ୱପ୍ନ | ... | ଶ୍ରୀମତୀ ସୁଧାମଣି ମହାପାତ୍ର |
| 3. Q. C. 1465 | ... | ଅନେ କି ବାନ୍ଧୁ ଅଛୁ | ... | ଶ୍ରୀ ଗୋକୁଳାନନ୍ଦ ମହାନ୍ତି |
| | | ରେ ମୂଲିଆ | ... | ଶ୍ରୀ ଲୋକନାଥ ରଥ |
| 4. Q. C. 1466 | ... | ମାଷ ମନ ଦଣ ଦ୍ୱାର | ... | ଶ୍ରୀ ଜମାଦ୍ଧିଚରଣ ହରିଚନ୍ଦନ |
| | | ସ୍ୱପ୍ନବୁନ୍ଦ ବନ | ... | ସୁଧାମଣି ଓ ବାଳକୃଷ୍ଣ |
| 5. Q. C. 1467 | ... | ଜଣଗଲ୍ ବାଇଲା | ... | ଶ୍ରୀ ଗୋକୁଳାନନ୍ଦ ମହାନ୍ତି |
| | | କଣ୍ଠା ଜଳ ରେ | ... | ଶ୍ରୀ ଲୋକନାଥ ରଥ |
| 6. Q. C. 1468 | ... | ଜଳ ଯେ ନୁହେ | ... | ଶ୍ରୀ ଜମାଦ୍ଧିଚରଣ ହରିଚନ୍ଦନ |
| | | ଜହ୍ନଠାରେ ଛାଇ | ... | ଶ୍ରୀ ବାଳକୃଷ୍ଣ ଦାସ |
| 7. S. R. 53 (1) | ... | ବାବୁ ଧନ | ... | ଶ୍ରୀ ବନ୍ଧୁଚରଣ ପଣ୍ଡା |
| | | ସବୁ ଅଛୁ ଚୋର | ... | ଶ୍ରୀମତୀ ସତ୍ୟଭାମା ଦେଇ |
| 8. S. R. 53 (2) | ... | ଅଳ ତ ସେଦାଳ ପତାଳ | ... | ଶ୍ରୀ ବନ୍ଧୁଚରଣ ପଣ୍ଡା |
| | | ଅରେ ବାବୁ | ... | ବନ୍ଧୁଚରଣ ଓ ସତ୍ୟଭାମା |
| 9. S. R. 53 (3) | ... | ଯେ ଦନ ଦାଢ଼ି | ... | ଶ୍ରୀ ବନ୍ଧୁଚରଣ ପଣ୍ଡା |
| | | ଅନା ରେ ଜଳ | ... | ଶ୍ରୀ ବନ୍ଧୁଚରଣ ପଣ୍ଡା |
| 10. S. R. 53 (4) | ... | ଅରେ ପଢ଼ୁଅ ପୋଷ କୁ | ... | ବନ୍ଧୁଚରଣ ଓ ସତ୍ୟଭାମା |
| | | ଟିଟିଟୁ ବାଃ | ... | ଶ୍ରୀ ବନ୍ଧୁଚରଣ ପଣ୍ଡା |

ରେକର୍ଡ଼ର ମୂଲ୍ୟ—୧୪୬୩ ନମ୍ବରଠାରୁ ୧୪୬୮ ନମ୍ବର ପର୍ଯ୍ୟନ୍ତ ରେକର୍ଡର ମୂଲ୍ୟ ପ୍ରତ୍ୟେକଟି ଟ ୬।୨; କିନ୍ତୁ ୨ ଖଣ୍ଡ କମ୍ବା ତହିଁରୁ ଅଧିକ ସଂଖ୍ୟାରେ ରେକର୍ଡ଼ କିଣିଲେ ଶତକଡ଼ା ୧୫ ଟଙ୍କା କମରେ ପାଇପାରିବେ । ୫୩ (୧)ଠାରୁ ୫୩ (୪) ପର୍ଯ୍ୟନ୍ତ ରେକର୍ଡ଼ର ମୂଲ୍ୟ ପ୍ରତ୍ୟେକଟି ଟ ୨.୫୦ ନୂଆ ପଇସା; କିନ୍ତୁ କେବଳ ୪ଟି କମ୍ବା ତହିଁରୁ ଅଧିକ ସଂଖ୍ୟାରେ ରେକର୍ଡ଼ କିଣିଲେ ଶତକଡ଼ା ୨୦ ଟଙ୍କା କମରେ ପାଇପାରିବେ ।

ପ୍ରାପ୍ତିସ୍ଥାନ—ସମସ୍ତ ଜିଲା ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ ଅଫିସ

Vol. XVI No. 9 UTKAL PRASANG Regd No. 0-29
License No. T. W. N. P. 39, Licensed to post without prepayment.

# ମେଟ୍ରିକ୍

# ଓଜନ ଓ ମାପ ପ୍ରଣାଳୀ

| ମେଟ୍ରିକ୍ ଓଜନ | ବାଲେଶ୍ୱରୀ ଓଜନ | ପାଉଣ୍ଡ୍ ଓଜନ |
|---|---|---|
| ୫୦ କିଲୋ ଗ୍ରାମ୍ | ସେ ୫୩।୪୭ ତୋଲା | ପା ୧୧୦।୪ ଆଉନ୍ସ |
| ୨୦ କିଲୋ ଗ୍ରାମ୍ | ସେ ୨୧।୩୫ ,, | ପା ୪୪।୧ ,, |
| ୧୦ କିଲୋ ଗ୍ରାମ୍ | ସେ ୧୦।୫୭ ,, | ପା ୨୨।୧ ,, |
| ୫ କିଲୋ ଗ୍ରାମ୍ | ସେ ୫।୨୯ ,, | ପା ୧୧ ଉଣ୍ଡ୍ |
| ୨ କିଲୋ ଗ୍ରାମ୍ | ସେ ୨।୧୧ ,, | ପା ୪।୭ ଆଉନ୍ସ |
| ୧ କିଲୋ ଗ୍ରାମ (୧୦୦୦ ଗ୍ରାମ୍) | ସେ ୧।୬ ,, | ପା ୨।୩ ,, |
| ୫୦୦ ଗ୍ରାମ୍ | ୫୩ ତୋଲା | ପା ୧।୧; ,, |
| ୨୦୦ ଗ୍ରାମ୍ | ୧୭ ତୋଲା | ପା ୦।୭ ,, |
| ୧୦୦ ଗ୍ରାମ୍ | ୮; ତୋଲା | ପା ୦।୩ ଆଉନ୍ସ |

ବାଲେଶ୍ୱରୀ ୧ ମହଣ = ୩୭.୩ କିଲୋ ଗ୍ରାମ୍

ବାଲେଶ୍ୱରୀ ୧ ସେର = ୯୩୩ ଗ୍ରାମ୍

୧ କ୍ୱିଣ୍ଟାଲ୍ = ୧୦୦ କିଲୋ ଗ୍ରାମ୍ = ମ ୨।୨୭ ସେର (ବାଲେଶ୍ୱରୀ)
= ପା ୨୨୦।୭ ଆଉନ୍ସ

୧୦ କ୍ୱିଣ୍ଟାଲ୍ = ୧ ମେଟ୍ରିକ୍ ଟନ୍ = ମ ୨୬।୩୨ ସେର (ବାଲେଶ୍ୱରୀ)
= ପା ୨୨୦୪।୧୦ ଆଉନ୍ସ

୧ କ୍ୱାଇଟ୍ = ୫୦.୮୦ କିଲୋ ଗ୍ରାମ୍

୧ ପାଉଣ୍ଡ୍ = ୪୫୪ ଗ୍ରାମ୍

Published by the Home (Public Relations) Department
Government of Orissa
New Capital Bhubaneswar

Printed at
Rashtrabhasha Co-op. Press
Cuttack-1